ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.172 Bhubaneswar Thursday Auguest 25 2022 | ୨୫ତମ ବର୍ଷ ସଂଖ୍ୟା–୧୭୨ ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୨୫, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ନବୀନଙ୍କ 'ପ୍ରଶାସନିକ ମଡେଲ୍': ବିଶୃଙ୍ଖଳା ଜଳଜଳ, କୁହୁଳୁଛି ଅସନ୍ତୋଷ

ଭୁବନେଶ୍ୱର,୨୪।୮(ପି.ଏନ): ରାଜ୍ୟ ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ କାର୍ଯ୍ୟକାଳ ୨୦୨୩ ଫେବୃୟାରୀ ୨୮ତାରିଖ ପର୍ଯ୍ୟନ୍ତ ବୃଦ୍ଧି ପାଇଁ ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ 'ପ୍ରଶାସନିକ ମଡେଲ'କୁ ନେଇ ପ୍ରଶ୍ନ ଉଠିଛି ? ସୁରେଶଙ୍କ କାର୍ଯ୍ୟକାଳ ଦ୍ୱିତୀୟଥର ପାଇଁ ୬ମାସ ବୃଦ୍ଧି କରିବା ନିମନ୍ତେ କେନ୍ଦ୍ର ସରକାରଙ୍କ ଅନୁମୋଦନର ୨୪ ଘଂଟା ନପୁରୁଣୁ ରାଜ୍ୟ ସରକାର ଆଜି ବିଧିବଦ୍ଧ ବିଜ୍ଞପ୍ତି ଜାରି କରିଛନ୍ତି । ସୁରେଶଙ୍କ କାର୍ଯ୍ୟକାଳ ବାରମ୍ବାର ବୃଦ୍ଧି ଯୋଗୁ ରାଜ୍ୟ ପ୍ରଶାସନିକସ୍ତରରେ ଅସନ୍ତୋଷ ବୃଦ୍ଧି ପାଇବ ବୋଲି ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ସତର୍କ କରାଇଥିବାବେଳେ ପ୍ରଶାସନିକ ମହଲରେ ଅସନ୍ତୋଷ କୁହୁଳିବାରେ ଲାଗିଥିବା ଚର୍ଚ୍ଚା।ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଆଜି ଜାରି ବିଜ୍ଞପ୍ତି ଅନୁସାରେ, ଅଗଷ୍ଟ ୨୩ତାରିଖରେ ଭାରତ ସରକାରଙ୍କ ଅନୁମୋଦନ ପରେ ଶ୍ରୀ ମହାପାତ୍ରଙ୍କ କାର୍ଯ୍ୟକାଳ ୨୦୨୨ ସେପ୍ଟେମ୍ବର ୧ରୁ ୨୦୨୩ ଫେବୃୟାରୀ ୨୮ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ୨୦୨୧ ଜାନୁୟାରୀରେ ମୁଖ୍ୟ ସଚିବ ଦାୟିତ୍ୱ ସମ୍ଭାଳିଥିବା ଶ୍ରୀ ମହାପାତ୍ର ୨୦୨୨ ଫେବୃୟାରୀ ୨୮ରେ ସରକାରୀ ଚାକିରିରୁ ଅବସର ନେଇଥାନ୍ତେ । ମାତ୍ର ରାଜ୍ୟ ସରକାର ପ୍ରଥମ ଦଫାରେ ୬ମାସ(ଅଗଷ୍ଟ ୩୧ତାରିଖ) ପର୍ଯ୍ୟନ୍ତ ତାଙ୍କର କାର୍ଯ୍ୟକାଳ ବୃଦ୍ଧି କରିଥିଲେ ଓ ଏବେ ପୁଣି ଦ୍ୱିତୀୟ ଦଫାରେ ଆଉ ୬ମାସ ବୃଦ୍ଧି କରିଛନ୍ତି ।ତେବେ ପ୍ରଶ୍ନ ଉଠୁଛି, ରାଜ୍ୟର ମୁଖ୍ୟ ସଚିବ ପଦବୀ ନିମନ୍ତେ ବହୁ ଯୋଗ୍ୟ ଅଫିସର ଥିବା ସତ୍ତ୍ୱେ ଶ୍ରୀ ମହାପାତ୍ରଙ୍କ କାର୍ଯ୍ୟକାଳକୁ କାହିଁକି ବାରମ୍ବାର ବୃଦ୍ଧି କରାଯାଉଛି । ଏଭଳି ପ୍ରଶାସନିକ ଆବଶ୍ୟକତା ବା




ବାଧ୍ୟବାଧକତା କିଛି ଅଛି ନା ରାଜ୍ୟ ସରକାର ସମସ୍ତ ପ୍ରକାରର ପ୍ରଶାସନିକ ଶୃଙ୍ଖଳାକୁ 'ଫୁ' କରି ଏଭଳି ନିଷ୍ପତ୍ତି ନେଉଛନ୍ତି । ମୁଖ୍ୟ ସଚିବ ଅବସର ନେଲେ ତାଙ୍କ ସ୍ଥାନରେ ବରିଷ୍ଠତା ଭିତ୍ତିରେ ଅଫିସରଙ୍କୁ ନିଯୁକ୍ତି ଦେବାର ପରମ୍ପରା ରହିଆସିଛି । ୨୦୦୦ ମସିହାରୁ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବାପରେ ବରିଷ୍ଠତା ଭିତ୍ତିରେ ଅଫିସରମାନେ ମୁଖ୍ୟ ସଚିବ ଦାୟିତ୍ୱ ତୁଲାଇ ଆସୁଥିଲେ । କିନ୍ତୁ ୨୦୧୯ ସାଧାରଣ ନିର୍ବାଚନ ପରେ ରାଜ୍ୟରେ 'ଫାଇଭ-ଟି' ଭଳି ବୈଧାନିକ ମାନ୍ୟତା ନଥିବା ବିଭାଗ ଖୋଲାଯାଇ ରାଜ୍ୟରେ ପ୍ରଶାସନିକ ଶୃଙ୍ଖଳାକୁ କ୍ରମାଗତ ଭାବେ ଦୁର୍ବଳ କରାଯାଉଥିବା ପ୍ରଶାସନିକ ମହଲରୁ ଜଣାପଡିଛି ।ସୂତ୍ର ଅନୁସାରେ, 'ଫାଇଭ-ଟି ସଚିବ' ପଦବୀ ଏବେ ରାଜ୍ୟରେ ଅଲିଖିତ ଭାବେ 'ମୁଖ୍ୟ ସଚିବ' ପଦବୀଠୁ ବି ପାୱାରଫୁଲ ଭଳି କାର୍ଯ୍ୟ କରୁଛି । ଯାହାର ପ୍ରତିକୂଳ ପ୍ରଭାବ ବରିଷ୍ଠ ଆଇଏଏସ୍ ଅଫିସରମାନଙ୍କ କାର୍ଯ୍ୟଶୈଳୀକୁ ପ୍ରଭାବିତ କରୁଛି । ଏହା ସହିତ ରାଜ୍ୟରେ ଆଇଏଏସ୍ କ୍ୟାଡରର ମ୍ୟାନେଜମେଂଟ ଉପରେ ଦୂରଗାମୀ ପ୍ରତିକୂଳ ପ୍ରଭାବ ପକାଇଛି । ଯେଉଁଥିପାଇଁ ରାଜ୍ୟରେ ପ୍ରଶାସନିକ ବିଶୃଙ୍ଖଳା ଓ ଅସନ୍ତୋଷ କୁହୁଳିବାରେ ଲାଗିଛି । ମାତ୍ର କାର୍ଯ୍ୟାନୁଷ୍ଠାନର ଶିକାର ହେବା ଭୟରେ ସମସ୍ତେ ନିରବ ରହିବାକୁ ବାଧ୍ୟ ହୋଇଛନ୍ତି । ପୂର୍ବତନ ପୁଲିସ ଡିଜି ପ୍ରକାଶ ମିଶ୍ର ଓ ବିକେ ଶର୍ମା, ପୂର୍ବତନ ମୁଖ୍ୟ ସଚିବ ଯୁଗଳ କିଶୋର ମହାପାତ୍ରଙ୍କ ସମେତ କିଛି ବରିଷ୍ଠ ଅଫିସର ଏଭଳି କାର୍ଯ୍ୟାନୁଷ୍ଠାନର ଶିକାର ହୋଇଥିବାର ନଜିର ରହିଛି ।ପୂର୍ବତନ ମୁଖ୍ୟ ସଚିବ ବିଜୟ କୁମାର ପଟ୍ଟନାୟକ ଏନେଇ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ସରକାର ଯାହାକୁ ଚାହିଁବେ ତାଙ୍କର କାର୍ଯ୍ୟକାଳ ବ ?ାଇପାରିବେ । କିନ୍ତୁ ଏହି ନିଷ୍ପତ୍ତିର ପ୍ରଭାବ ବ୍ୟୁରୋକ୍ରାସି ଉପରେ କ'ଣ ପଡୁଛି ତାକୁ ସରକାର ମଧ୍ୟ ଅନୁଧ୍ୟାନ କରିବା ଉଚିତ୍ । ସରକାରଙ୍କ ନିଷ୍ପତ୍ତି ବ୍ୟୁରୋକ୍ରାସିକୁ ଅଧିକ ସଶକ୍ତ କରୁଛି ନା ଦୁର୍ବଳ କରୁଛି, ଅଫିସରଙ୍କ ମନୋବଳକୁ ହତୋତ୍ସାହିତ କରୁଛି କି ନାହିଁ ତାହା ଦେଖିବା କଥା । ସେହିପରି ପୂର୍ବତନ ମୁଖ୍ୟ ସଚିବ ସହଦେବ ସାହୁ କହିଛନ୍ତି ଯେ, ଏଭଳି ନିଷ୍ପତ୍ତି ଶାସନ ପାଇଁ ଭଲ ଲକ୍ଷଣ ନୁହେଁ । ଶାସନରେ ଶୃଙ୍ଖଳା ରହିବା ଜରୁରୀ । ପ୍ରଶାସନ 'ଲାଇନ୍ ଅଫ କମାଣ୍ଡ'ରେ କାମ କରିଥାଏ । ଯେଉଁମାନେ ମୁଖ୍ୟ ସଚିବ ପାଇଁ ଯୋଗ୍ୟ ସେହି ଅଫିସରମାନେ ଏହାଦ୍ୱାରା ହତୋତ୍ସାହିତ ହେବେ ଓ ସେମାନଙ୍କ ମଧ୍ୟରେ କାର୍ଯ୍ୟ କରିବାର ସ୍ପୃହା ରହିବ ନାହିଁ ବୋଲି ସେ କହିଛନ୍ତି ।ସେହିପରି ବରିଷ୍ଠ ସାମ୍ବାଦିକ ସମ୍ପଦ ମହାପାତ୍ର କହିଛନ୍ତି ଯେ, ବାରମ୍ବାର ଅବଧି ବୃଦ୍ଧି ଏକ କଦର୍ଯ୍ୟ ଓ ଅସୁସ୍ଥ ପରମ୍ପରା । ଏଭଳି ନିଷ୍ପତ୍ତି ମାଧ୍ୟମରେ ଓଡିଶାବାସୀ ଓ ପ୍ରଶାସନିକ ଅଫିସରଙ୍କୁ ସ୍ପଷ୍ଟ ସନ୍ଦେଶ ଦେବାକୁ ପ୍ରୟାସ ହୋଇଛି । ଗୋଡାଣିଆ, ତୋଷାମଦକାରୀ ହେଲେ ହିଁ ପୁରସ୍କାର ମିଳିବ । ରାଜ୍ୟରେ ଯୋଗ୍ୟ ଅଫିସର ଅଛନ୍ତି ସେମାନଙ୍କୁ ସୁଯୋଗ ଦେବା ଆବଶ୍ୟକ । ତା' ନକରି 'ମୁଖ୍ୟ ସଚିବ' ପଦବୀକୁ ମେରୁଦଣ୍ଡବିହୀନ କରିବାକୁ ଯେଉଁ ପ୍ରୟାସ ହେଉଛି ତାହା ରାଜ୍ୟ ପାଇଁ ଶୁଭଙ୍କର ନୁହେଁ । ସବୁ ବିଭାଗ ଉପରେ ହାକିମାତି ପାଇଁ ଫାଇଭ-ଟି ବ୍ୟବସ୍ଥା, ଏକାଧିକ ଅଣଓଡିଆ ଅଫିସରଙ୍କ ପାଖରେ ବହୁ ବିଭାଗକୁ ଠୁଳ କରିବା ଓ ମନଇଚ୍ଛା ନିଷ୍ପତ୍ତି ହିଁ ରାଜ୍ୟରେ ପ୍ରଶାସନିକ ବିଶୃଙ୍ଖଳା ସୃଷ୍ଟି କରାଉଛି । ଏସବୁ ପ୍ରତି ସରକାର ସଚେତନ ରହିବା ଉଚିତ୍ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।ସୂଚନାଯୋଗ୍ୟ, ରାଜ୍ୟରେ ମୁଖ୍ୟ ସଚିବ ପଦବୀ ନିମନ୍ତେ ବରିଷ୍ଠତା ଭିତ୍ତିରେ ଜିଭିଭି ଶର୍ମା, ତୁହିନକାନ୍ତ ପାଣ୍ଡେ, ନିକୁଞ୍ଜ କିଶୋର ସୁନ୍ଦରାୟ, ଆରକେ ଶର୍ମା, ରାଜେଶ ବର୍ମା, ସିଜେ ବେଣୁଗୋପାଳ, ପ୍ରଦୀପ୍ତ କୁମାର ମହାପାତ୍ର ଓ ପ୍ରଦୀପ ଜେନା ରହିଛନ୍ତି । ତେବେ ଏମାନଙ୍କ ମଧ୍ୟରୁ ଜିଭିଭି ଶର୍ମା ଚଳିତବର୍ଷ ଅକ୍ଟୋବରରେ, ନିକୁଞ୍ଜ ସୁନ୍ଦରାୟ ୨୦୨୩ ମାର୍ଚ୍ଚ ଓ ଆରକେ ଶର୍ମା ୨୦୨୩ ଅଗଷ୍ଟରେ ଅବସର ନେବାର ଥିବାବେଳେ ମୁଖ୍ୟ ସଚିବ ପଦବୀ ନିମନ୍ତେ ତୁହିନକାନ୍ତ ପାଣ୍ଡେ, ରାଜେଶ ବର୍ମା, ପ୍ରଦୀପ୍ତ କୁମାର ମହାପାତ୍ର ଓ ପ୍ରଦୀପ ଜେନାଙ୍କ ନାଁ ଚର୍ଚ୍ଚାରେ ଥିଲା । ରାଜେଶ ବର୍ମା ରାଷ୍ଟ୍ରପତିଙ୍କ ପ୍ରମୁଖ ସଚିବ ଭାବେ ନିଯୁକ୍ତି ପାଇସାରିଥିବାବେଳେ ତୁହିନକାନ୍ତ ପାଣ୍ଡେ ଏବେ କେନ୍ଦ୍ରୀୟ ଡେପୁଟେସନରୁ ଫେରିବା ସପକ୍ଷରେ ନାହାନ୍ତି । ପ୍ରଦୀପ୍ତ ମହାପାତ୍ରଙ୍କୁ ତୃତୀୟ ମହଲା ପୂର୍ବରୁ କୋଣଠେସା କରିସାରିଥିବାରୁ ବରିଷ୍ଠତା ଭିତ୍ତିରେ ଉନ୍ନୟନ କମିଶନର ପ୍ରଦୀପ ଜେନା ହିଁ ଏହି ମୁଖ୍ୟ ସଚିବ ନିମନ୍ତେ ମୁଖ୍ୟ ଦାବିଦାର ଥିଲେ । ଶ୍ରୀ ଜେନା ୨୦୨୪ ଜାନୁୟାରୀରେ ଚାକିରିରୁ ଅବସର ନେବେ । ଶ୍ରୀ ଜେନା ନିଜର ପ୍ରୋ-ପିପୁଲ୍ସ ଆଭିମୁଖ୍ୟ ଓ ରୋକଠୋକ୍ ସ୍ୱଭାବ ପାଇଁ ବେଶ୍ ପରିଚିତ । କିନ୍ତୁ ତାଙ୍କୁ ଏହି ପଦବୀରେ ନିଯୁକ୍ତି ନଦେଇ ପୁଣିଥରେ ସୁରେଶଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରାଯାଇଛି । ଯାହାକୁ ନେଇ ପ୍ରଶାସନିକ ମହଲରେ ଅସନ୍ତୋଷ କୁହୁଳିବାରେ ଲାଗିଛି ।

## ମୁଖ୍ୟ ସଚିବ ସୁରେଶ ମହାପାତ୍ରଙ୍କ କାର୍ଯ୍ୟକାଳ ୬ ମାସ ବଢିଲା

ଭୁବନେଶ୍ୱର,୨୪।୮(ପି.ଏନ): ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ କାର୍ଯ୍ୟକାଳକୁ ରାଜ୍ୟ ସରକାର ଆଉ ୬ ମାସ ଲାଗି ବୃଦ୍ଧି କରିଛନ୍ତି । ୬ ମାସ କାର୍ଯ୍ୟକାଳ ବୃଦ୍ଧି ପରେ ସେ ଆସନ୍ତା ୨୦୨୩ ଫେବୃଆରୀ ୨୮ ପର୍ଯ୍ୟନ୍ତ ରାଜ୍ୟ ମୁଖ୍ୟ ସଚିବ ଦାୟିତ୍ୱରେ ରହିବେ । ଦ୍ୱିତୀୟ ଥର ପାଇଁ ଶ୍ରୀ ମହାପାତ୍ରଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି । କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଗତକାଲି ରାଜ୍ୟ ସାଧାରଣ ପ୍ରଶାସନ ବିଭାଗକୁ ଲେଖା ଯାଇଥିବା ଚିଠିରେ ମୁଖ୍ୟ ସଚିବ ଶ୍ରୀ ମହାପାତ୍ରଙ୍କ କାର୍ଯ୍ୟକାଳ ୬ ମାସ ବୃଦ୍ଧିକୁ ଅନୁମୋଦନ ଦିଆଯାଇଛି । ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟକାଳ ବୃଦ୍ଧି କରିବା ପାଇଁ ଓଡ଼ିଶା ସରକାର ଭାରତ ସରକାରଙ୍କୁ ଅଗଷ୍ଟ ୧୦ ତାରିଖରେ ଲେଖିଥିବା ପତ୍ରରେ ପ୍ରସ୍ତାବ ଦେଇଥିଲେ । ଭାରତ ସରକାର ଉକ୍ତ ପ୍ରସ୍ତାବକୁ ମଞ୍ଜୁରି ଦେଇଛନ୍ତି । ୧୯୮୬ ବ୍ୟାଚ ଆଇଏଏସ ଶ୍ରୀ ମହାପାତ୍ରଙ୍କର କାର୍ଯ୍ୟକାଳ ଅଗଷ୍ଟ ୩୧ ତାରିଖରେ ଶେଷ ହେବାର ଥିଲା । ହେଲେ ଏବେ ସେ ଆସନ୍ତାବର୍ଷ ଫେବୃଆରୀ ୨୮ ଯାଏ ମୁଖ୍ୟ ଶାସନ ସଚିବ ଭାବେ କାର୍ଯ୍ୟ କରିବେ । ଏହାପୂର୍ବରୁ ଏହି ବରିଷ୍ଠ ଅଧିକାରୀଙ୍କ କାର୍ଯ୍ୟକାଳ ୨୦୨୨ ଫେବୃଆରୀ ୨୮ରେ ଶେଷ ହେବାର ଥିଲା । କିନ୍ତୁ ରାଜ୍ୟ ସରକାର ତାଙ୍କ କାର୍ଯ୍ୟକାଳ ୬ ମାସ ଅର୍ଥାତ ଅଗଷ୍ଟ ୩୧ ପର୍ଯ୍ୟନ୍ତ ବଢ଼ାଇଥିଲେ ।

## ଅଷ୍ଟ୍ରେଲିଆର ଶ୍ରେଷ୍ଠ ୮ ବିଶ୍ୱବିଦ୍ୟାଳୟର ବିଶିଷ୍ଟ ଶିକ୍ଷାବିତଙ୍କ ସହ କେନ୍ଦ୍ରମନ୍ତ୍ରୀଙ୍କ ଆଲୋଚନା

ମେଲବୋର୍ଣ୍ଣ/ଭୁବନେଶ୍ୱର, ୨୪।୮(ପି.ଏନ): କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଅଷ୍ଟ୍ରେଲିଆର ଶ୍ରେଷ୍ଠ ଗ୍ରୁପ୍ ଅଫ୍ ୮ (ଜିଓ ୮) ବିଶ୍ୱବିଦ୍ୟାଳୟର ବିଶିଷ୍ଟ ଶିକ୍ଷାବିତଙ୍କ ସହ ଆଲୋଚନା କରିଛନ୍ତି । ଗବେଷଣା କ୍ଷେତ୍ରରେ ଭାରତ ଓ ଅଷ୍ଟ୍ରେଲିଆ ସମ୍ପର୍କକୁ ଅଧିକ ମଜବୁତ୍ କରାଯାଇ ଉଭୟ ଦେଶ ଏବଂ ବିଶ୍ୱର କଲ୍ୟାଣ ଓ ସମୃଦ୍ଧି ପାଇଁ ଥିବା ନୂତନ ସମ୍ଭାବନା ଉପରେ ଶ୍ରୀ ପ୍ରଧାନ ଏହି ଆଲୋଚନା କାଳରେ ମତପ୍ରକାଶ କରିଛନ୍ତି ।ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୭୬ତମ ସ୍ୱାଧୀନତା ଦିବସରେ ନିଜ ଅଭିଭାଷଣରେ ଜୟ ଜବାନ, ଜୟ କିଷାନ, ଜୟ ବିଜ୍ଞାନର ନାରା ସହ ଜୟ ଅନୁସନ୍ଧାନର ମନ୍ତ୍ରକୁ ଯୋଡ଼ିଛନ୍ତି । ଆଗାମୀ ଦଶନ୍ଧିରେ ଭାରତର ଆର୍ଥିକ ଅଭିବୃଦ୍ଧିର ମେରୁଦଣ୍ଡ ଭାବରେ ଜୟ ଅନୁସନ୍ଧାନ ମନ୍ତ୍ର ଉଭା ହେବ । ଚଳିତ ଦଶନ୍ଧି ମଧ୍ୟରେ ଭାରତ ଆତ୍ମନିର୍ଭର ହେବା ସହ ଟେକ୍ନୋଲୋଜି କ୍ଷେତ୍ରରେ ଅଗ୍ରସର ହେବା ପାଇଁ ସମସ୍ତ ପ୍ରକାର ପ୍ରଚେଷ୍ଟା କରିବା ପାଇଁ କଟିବଦ୍ଧ । ଭାରତ ସହ ଗବେଷଣା କ୍ଷେତ୍ରରେ ସହଯୋଗକୁ ମଜବୁତ୍ କଲେ ସମସ୍ତଙ୍କ ପାଇଁ ଲାଭଦାୟକ ହେବ । ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଗବେଷଣା କ୍ଷେତ୍ରରେ ଏକ ସଶକ୍ତ ଭାଗିଦାରୀ ରହିଛି । ଉଭୟ ରାଷ୍ଟ୍ରର ପ୍ରାଥମିକତାକୁ ପୂରଣ କରିବା ଏବଂ ବୈଶ୍ୱିକ ଆହ୍ୱାନକୁ ସମାଧାନ କରିବା ପାଇଁ ନୂଆ ସୁଯୋଗକୁ ଆପଣାଇବା ସଙ୍ଗେସଙ୍ଗେ ଗବେଷଣା କ୍ଷେତ୍ରରେ ସହଯୋଗୀ ହୋଇଥିବାରୁ ଅଷ୍ଟ୍ରେଲିଆର ପ୍ରମୁଖ ବିଶ୍ୱବିଦ୍ୟାଳୟ ଗୁଡ଼ିକୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି ।ସେହିପରି ମୋନାସ ବିଶ୍ୱବିଦ୍ୟାଳୟ ଏବଂ ଅଷ୍ଟ୍ରେଲିଆ ଭାରତ ଚାମ୍ବର ଅଫ୍ କମର୍ସ(ଏଆଇସିସି) ଦ୍ୱାରା ମେଲବୋର୍ଣ୍ଣ ଠାରେ ଆୟୋଜିତ ଶିକ୍ଷା, ଗବେଷଣା ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଭାଗିଦାରୀ ପାଇଁ ଉଭା ହେଉଥିବା ସୁଯୋଗ ଶୀର୍ଷକ ଆଲୋଚନା ଚକ୍ରରେ ଯୋଗ ଦେଇଥିଲେ ଶ୍ରୀ ପ୍ରଧାନ । ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଟେଡ୍ ବାଇଲ୍ଲ୍ୟୁ,ହରିଶ ରାଓ ଏବଂ ଅଷ୍ଟ୍ରେଲିଆ ସରକାରଙ୍କ ପ୍ରତିନିଧି ମଣ୍ଡଳି, ମୋନାସ ବିଶ୍ୱବିଦ୍ୟାଳୟର ଶିକ୍ଷାବିତ୍ ଏବଂ ଏଆଇସିସିର ସଦସ୍ୟମାନେ ଉପସ୍ଥିତ ଥିଲେ ।ଶ୍ରୀ ପ୍ରଧାନ ଏହି ଆଲୋଚନା ଚକ୍ରରେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦି ପ୍ରମାଣଭିତ୍ତିକ ଗବେଷଣା ଉପରେ ଗୁରୁତ୍ୱାରୋପ କରିଛନ୍ତି ଏବଂ ମାନବତାର ପ୍ରଗତି, କଲ୍ୟାଣ ତଥା ମଙ୍ଗଳକୁ ସୁନିଶ୍ଚିତ କରିବା ପାଇଁ 'ଲ୍ୟାବ-ଟୁ-ଲ୍ୟାଣ୍ଡ' ଏବଂ 'ଲ୍ୟାଣ୍ଡ-ଟୁ-ଲ୍ୟାବ' ମନ୍ତ୍ର ଦେଇଛନ୍ତି । ଭାରତ ସବୁ ସ୍ତରରେ ଜିଜ୍ଞାସାରୁ ପ୍ରେରିତ ଗବେଷଣା ଓ ନବସୃଜନକୁ ବିକଶିତ କରିବା ପାଇଁ ଉଦ୍ୟମ କରୁଅଛି । ଉଚ୍ଚ ଶିକ୍ଷା, ଗବେଷଣା ଏବଂ ଦକ୍ଷତା ବିକାଶ ପାଇଁ ଅଷ୍ଟ୍ରେଲିଆ ବିଶ୍ୱବିଦ୍ୟାଳୟ ଗୁଡ଼ିକ ଭାରତରେ କ୍ୟାମ୍ପସ ପ୍ରତିଷ୍ଠା କରିବା ପାଇଁ ସେ ଆହ୍ୱାନ କରିଛନ୍ତି । ଏହା ଦ୍ୱାରା ଉଭୟ ଭାରତ ଓ ଅଷ୍ଟ୍ରେଲିଆର ନାଗରିକମାନେ ଲାଭ ପାଇବେ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।ଏହି ଗସ୍ତ କାଳରେ ଶ୍ରୀ ପ୍ରଧାନ ମେଲବୋର୍ଣ୍ଣ ଠାରେ ଅଷ୍ଟ୍ରେଲିଆରେ ଅଧ୍ୟୟନ କରୁଥିବା ଭାରତୀୟ ଛାତ୍ରଛାତ୍ରୀଙ୍କୁ ଭେଟିଛନ୍ତି । ସେମାନଙ୍କ ଅଷ୍ଟ୍ରେଲିଆ ଶିକ୍ଷାନୁଷ୍ଠାନରେ ପଢ଼ିବାର ଅଭିଜ୍ଞତା ବୁଝିବା ସହ ଭାରତକୁ ଜ୍ଞାନର ମହାଶକ୍ତି ଭାବରେ ପ୍ରତିଷ୍ଠିତ କରିବାରେ ସେମାନଙ୍କର ଚିନ୍ତାଧାରାକୁ ପ୍ରଶଂସା କରିଥିଲେ । ଏଥିସହ ଛାତ୍ରଛାତ୍ରୀଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଥିଲେ । ଏହାବ୍ୟତିତ ଭାରତରେ ଜନ୍ମିତ ଭିକ୍ଟୋରିଆ ଷ୍ଟେଟ୍ ପାର୍ଲ୍ୟାମେଣ୍ଟର ସଦସ୍ୟ କୌଶଲ୍ୟା ବାଘେଲା ଶ୍ରୀ ପ୍ରଧାନଙ୍କୁ ସାକ୍ଷାତ୍ କରିଥିଲେ । ପାଞ୍ଚଦିନିଆ ଅଷ୍ଟ୍ରେଲିଆ ଗସ୍ତରେ ଥିବା ଶ୍ରୀ ପ୍ରଧାନ ସବୁ କାର୍ଯ୍ୟକ୍ରମରେ ଯୋଗ ଦେବା ପରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରୁଛନ୍ତି ।

## ଏଏସଓ ପରୀକ୍ଷା ପାଇଁ ଖୋର୍ଦ୍ଧାର ୧୩୯ ଶିକ୍ଷାନୁଷ୍ଠାନକୁ ସ୍ୱତନ୍ତ୍ର ଛୁଟି

ଭୁବନେଶ୍ୱର, ୨୪।୮(ପି.ଏନ): ଆସିଷ୍ଟାଂଟ ସେକ୍ସନ୍ ଅଫିସର (ଏଏସଓ) ପରୀକ୍ଷା ପାଇଁ ଖୋର୍ଦ୍ଧା ଜିଲ୍ଲାର ଶିକ୍ଷାନୁଷ୍ଠାନ ଗୁଡିକ ଆସନ୍ତା ୨୭ ତାରିଖ ଦିନ ବନ୍ଦ ରହିବ । ଜିଲ୍ଲା ପ୍ରଶାସନ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲାର ୧୩୯ ଶିକ୍ଷାନୁଷ୍ଠାନକୁ ସ୍ୱତନ୍ତ୍ର ଛୁଟି ଘୋଷଣା କରାଯାଇଛି । ଏଏସଓ ପରୀକ୍ଷା ପାଇଁ ଖୋର୍ଦ୍ଧା ଜିଲ୍ଲାର ଏହି ୧୩୯ଟି ଶିକ୍ଷାନୁଷ୍ଠାନରେ ପରୀକ୍ଷା କେନ୍ଦ୍ର କରାଯାଇଛି । ସୂଚନାଯୋଗ୍ୟ ଯେ ପୂର୍ବରୁ ଅଗଷ୍ଟ ୨୧ରେ ଏଏସଓ ପରୀକ୍ଷା ହେବା ନେଇ ସ୍ଥିର ହୋଇଥିଲା । କିନ୍ତୁ ବନ୍ୟା କାରଣରୁ ଏହି ପରୀକ୍ଷାକୁ ୨୭ ତାରିଖରେ କରିବା ନେଇ ଓଡ଼ିଶା ପବ୍ଲିକ ସର୍ଭିସ କମିସନ(ଓପିଏସ୍‌ସି) ସୂଚନା ଦେଇଥିଲା । ୨୭ ତାରିଖ ଶନିବାର ୩ଟି ସିଟିଂରେ ପରୀକ୍ଷା ହେବ । ସକାଳ ୯ଟାରୁ ୧୦ଟା ୩୦ ଯାଏ ଜେନେରାଲ ଆୱାରନେସ୍ ପରୀକ୍ଷା ହେବ । ତା ପରେ ୧୧ଟା ୩୦ରୁ ଦିନ ୧ଟା ଯାଏ ରିଜନିଂ ଓ ମ୍ୟାଥମେଟିକ୍ସ ପରୀକ୍ଷା ହେବ । ତା'ପରେ ଦିନ ୨ଟା ୩୦ରୁ ଅପରାହ୍ନ ୪ଟା ୩୦ ଯାଏ ଇଂରାଜୀ ଓ ଓଡ଼ିଆ ଭାଷା ପରୀକ୍ଷା ହେବ ବୋଲି ଓପିଏସ୍‌ସି ପକ୍ଷରୁ କୁହାଯାଇଛି ।

### ବନ୍ୟା ପାଇଁ ଯୁକ୍ତ-୩ ନାମଲେଖା ଅବଧି ବଢ଼ିଲା

ଭୁବନେଶ୍ୱର, ୨୪।୮(ପି.ଏନ): ରାଜ୍ୟରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଯୁକ୍ତ-୩ ଛାତ୍ରଛାତ୍ରୀଙ୍କ ନାମଲେଖା ତାରିଖ ଅବଧିକୁ ବୃଦ୍ଧି କରାଯାଇଛି । ଆଜି ଏହି ମର୍ମରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କ ଅନୁମୋଦନ କ୍ରମେ ଯୁକ୍ତ-୩ ନାମଲେଖା ନିମନ୍ତେ ପରିବର୍ତ୍ତିତ କାର୍ଯ୍ୟସୂଚୀ ପ୍ରକାଶ ପାଇଛି । ନୂତନ କାର୍ଯ୍ୟସୂଚୀ ଅନୁଯାୟୀ ଅନ୍‌ଲାଇନ୍ ସିଏଏଫ୍ ଆବେଦନର ଶେଷ ତାରିଖକୁ ଅଗଷ୍ଟ ୨୫ ପରିବର୍ତ୍ତେ ସେପ୍ଟେମ୍ବର ୧ ତାରିଖକୁ ବୃଦ୍ଧି କରାଯାଇଛି । ଯୁକ୍ତ-୩ ପ୍ରଥମ ପର୍ଯ୍ୟାୟ ନାମଲେଖା ସେପ୍ଟେମ୍ବର ୨ରୁ ୫ ତାରିଖ ମଧ୍ୟରେ ହେବାକୁ ଥିବାବେଳେ ଏବେ ଏହାକୁ ସେପ୍ଟେମ୍ବର ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ଘୁଂଚାଇ ଦିଆଯାଇଛି ।

## ବାବୁସାନଙ୍କ ପତ୍ନୀ ଓ ଶ୍ୱଶୁରଙ୍କ ନାଁରେ ପ୍ରକୃତି ୫ କୋଟିର ମାନହାନି ମାମଲା କଲେ ଦାୟର

ଭୁବନେଶ୍ୱର, ୨୪।୮(ପି.ଏନ): ଅଭିନେତ୍ରୀ ପ୍ରକୃତି ମିଶ୍ର ବାବୁସାନଙ୍କ ପତ୍ନୀ ଓ ଶ୍ୱଶୁରଙ୍କ ନାଁରେ ମାନହାନୀ ମାମଲା ଦାୟର କରିଛନ୍ତି । ନିଜ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ନ୍ୟାୟ ପାଇଁ ଗତକାଲି ଉଚ୍ଚ ନ୍ୟାୟଳୟକୁ ଯାଇଥିବା ପ୍ରକୃତି ଆଜି ଭୁବନେଶ୍ୱର କୋର୍ଟରେ ମୋଟ୍ ୫ କୋଟି ୧୦ ଲକ୍ଷ ଟଙ୍କାର ମାନହାନୀ ମାମଲା ଦାୟର କରିଛନ୍ତି । ବାବୁସାନ୍ ଙ୍କ ସ୍ତ୍ରୀ ତୃପ୍ତି ଶତପଥୀ ଓ ଶ୍ୱଶୁର ଲଳିତ ଶତପଥୀଙ୍କ ବିରୋଧରେ ମୋକଦ୍ଦମା ଦାୟର କରାଯାଇଛି । ତେବେ ଘଟଣାସ୍ଥଳରେ ଉପସ୍ଥିତ ଥିବା ଅନ୍ୟ ଆଠ ଜଣଙ୍କ ବିରୋଧରେ ମଧ୍ୟ ମୋକଦ୍ଦମା କରାଯିବ ବୋଲି ଜଣା ପଡିଛି । ହେଲେ ସେମାନେ ଚିହ୍ନଟ ହୋଇନଥିବାରୁ ତାଙ୍କ ନାଁ ଦିଆଯାଇ ନାହିଁ । ୟୁଟ୍ୟୁବରେ ପ୍ରକୃତିଙ୍କ ପ୍ରତି ଅପମାନଜନକ ଭିଡିଓ ଥିବାରୁ ୟୁଟ୍ୟୁବକୁ ପକ୍ଷଭୁକ୍ତ କରିଥିବା ତାଙ୍କ ଓକିଲ କହିଛନ୍ତି । ୟୁଟ୍ୟୁବରେ ପ୍ରକୃତିଙ୍କ ମାନସମ୍ମାନ ଓ ଇଜ୍ଜତକୁ ଆଞ୍ଚ ଆସିବା ପରି ନ୍ୟୁଜ୍ ପ୍ରସାରଣ ହୋଇଛି ।ପୋଲିସ ଠାରୁ ନ୍ୟାୟ ନମିଳିବାରୁ ସେ କୋର୍ଟ ଯାଇଥିବା କହିଛନ୍ତି ।ପ୍ରକୃତିଙ୍କ ଓକିଲ କହିଛନ୍ତି ଯେ ଉଭୟ ପରିବାର ମଧ୍ୟରେ ବୁଝାମଣାରେ କୌଣସି ରାସ୍ତା ବାହାରି ପାରିଲା ନାହିଁ । ତେଣୁ ଏବେ ପ୍ରକୃତି ଏପରି ନିଷ୍ପତି ନେଇଛନ୍ତି । ଯଦି ଦୁଇ ପକ୍ଷ ଆପୋସ ଆଲୋଚନା କରିବେ, ସମାଧାନ ହେବ, ଅଭିଯୁକ୍ତମାନେ ଯଦି ଭୁଲ୍ ମାଗିବେ ସମାଧାନ ହେବ ବୋଲି ସେ କହିଛନ୍ତି ।

## ଭତ୍ତା ଟଙ୍କା ପଞ୍ଚାୟତ କାର୍ଯ୍ୟାଳୟରେ ଦେବାକୁ ଦାବୀ

ଜୟପୁର, ୨୪।୮(ପି.ଏନ): ହିତାଧିକାରି ଙ୍କୁ ମାସିକ ଭତା ଟଙ୍କା ପଞ୍ଚାୟତ କାର୍ଯ୍ୟାଳୟରେ ଦିଆଯାଉ ବୋଲି ଦାବି କରି ସମାଜସେବୀ ବି ହରିରାଓ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଜୟପୁର ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ମନୋଜ ନାୟକ ଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବୀପତ୍ରରେ ଉଲ୍ଲେଖ କରାଯାଇଛି ଯେ ବ୍ଲକରେ ହାତାଧିକାରୀଙ୍କୁ ସରକାରଙ୍କ ତରଫରୁ ଦିଆଯାଉଥିବା ଭତା ପଞ୍ଚାୟତ କାର୍ଯ୍ୟାଳୟ ପିଇଓଙ୍କ ଦ୍ୱାରା ଦିଆଯାଉଥିଲା । ଏହା ଦ୍ୱାରା ହିତାଧିକାରୀମାନେ ଉପକୃତ ହେଉଥିଲେ । କିନ୍ତୁ ୧୦ରୁ ୧୨ ମାସ ହେବ ହିତାଧିକାରି ଙ୍କ ବ୍ୟାଙ୍କ ଜମା ଖାତାରେ ଜମା କରାଯାଉଛି । ଫଳରେ ହାତାଧିକାରୀମାନେ ହଇରାଣ ହେଉଥିବା ଲକ୍ଷ୍ୟ କରାଯାଉଛି । ସମାନ ସମୟରେ ଜମା ଖାତାକୁ ଟଙ୍କା ଯାଉ ନଥିବା ବେଳେ ହିତାଧିକାରୀମାନେ ୨ରୁ ୩ ଥର ବ୍ୟାଙ୍କକୁ ଯିବାକୁ ପଡୁଛି । ଶହେରୁ ଶେହେ ପଶାଚ ଟଙ୍କା ଖର୍ଚ୍ଚାନ୍ତ ମଧ୍ୟ ହେବାକୁ ପଡୁଛି । ଏହା ସହ ୨ରୁ ୩ ମାସ ଯାଏ ଜମା ଖାତାକୁ ଭତା ଟଙ୍କା ଆସୁ ନାହିଁ । ତେଣୁ ଭତା ଟଙ୍କା ପୂର୍ବ ଭଳି ପଞ୍ଚାୟତ କାର୍ଯ୍ୟାଳୟରେ ଦେବାକୁ ଦାବୀ ହୋଇଛି ।

## ବିପୁଳ ପରିମାଣର ଗୁଟଖା ଜବତ, ଦୁଇ ଗିରଫ

ଗଞ୍ଜାମ,୨୪।୮(ପି.ଏନ): ବ୍ରହ୍ମପୁର ସଦର ଥାନା ପୋଲିସ ପକ୍ଷରୁ ଆଜି ଏକ ବେଆଇନ ଗୁଟଖା ଫେକ୍ଟ୍ରି ଉପରେ ଚଢ଼ଉ ହୋଇଛି । ୩୨ବସ୍ତା ଡିଲକ୍ସ ମିକ୍ସ ଓ ହରିଡ଼ାଖଣ୍ଡି ଜବତ ହୋଇଛି । ଏଥି ସହ ବହୁ ପରିମାଣରେ ମସଲା ସାମଗ୍ରୀ ଗୁଟଖାରେ ବ୍ୟବହାର ପାଇଁ ମହଜୁଦ ରହିଥିଲା ତାହାକୁ ମଧ୍ୟ ଜବତ କରାଯାଇଛି । ଘଟଣାରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ କାଲୁ ପାତ୍ର ସାହି ଅଂଚଳର କୈଳାସ ସାହୁ ଓ ଶଙ୍କର ସାହୁ । ଏମାନେ ପୂର୍ବରୁ ବଡ ବଜାର ଅଂଚଳରେ ଏଭଳି ଗୁଟଖା ବ୍ୟବସାୟ କରୁଥିଲେ । ପୋଲିସ ବାରମ୍ବାର ଚଢ଼ଉ ପରେ ସହର ଉପକଣ୍ଠରେ ଘର ଭଡ଼ା ନେଇ ଏହି ବ୍ୟବସାୟ ଚଳାଇଛନ୍ତି । ଏହି ଦୁଇ ଜଣ ପୂର୍ବରୁ ଏକ ଗୁଟଖା ଫେକ୍ଟ୍ରିରେ କାମ କରୁଥିଲେ । ସେହି ଫେକ୍ଟ୍ରୀରେ ଚଢ଼ଉ ପରେ ଏମାନେ ଏବେ ନିଜେ ଏକ ଚୋରାରେ ଫେକ୍ଟ୍ରୀ ଖୋଲି ବ୍ୟବସାୟ କରୁଥିଲେ । ଜବତ ଗୁଟଖାର ଦାମ ୨୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି ।

## ଲାଂଚ୍ ନେଇ ଥାନା ଆଇଆଇସି ଗିରଫ

ଭୁବନେଶ୍ୱର,୨୪।୮(ପି.ଏନ): ୨୦ ହଜାର ଟଙ୍କା ଲାଂଚ୍ ନେବା ଅଭିଯୋଗରେ ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଆଇଆଇସି ସଂଗ୍ରାମ କେଶରୀ ପଟ୍ଟନାୟକଙ୍କୁ ରାଜ୍ୟ ଭିଜିଲାନ୍ସ ଗିରଫ କରିଥିବା ଜଣାପଡିଛି ।ସୂଚନା ଅନୁସାରେ, ଜଣେ ମଦ ବ୍ୟବସାୟୀଙ୍କଠୁ ୨୦ହଜାର ଲାଂଚ୍ ନେବା ସମୟରେ ରାଜ୍ୟ ଭିଜିଲାନ୍ସ ତାଙ୍କ ଅଫିସ୍ ଚାମ୍ବର ଭିତରୁ ଏହି ଟଙ୍କା ଜବତ କରିଛି । ସାକ୍ଷୀଙ୍କ ଉପସ୍ଥିତିରେ ଏହି ଲାଂଚ୍ ଟଙ୍କା ଜବତ ହୋଇଛି । ତାଙ୍କ ସରକାରୀ କ୍ୱାର୍ଟର୍ସରେ ମଧ୍ୟ ଭିଜିଲାନ୍ସ ଚଢ଼ଉ କରିବା ସହ ତାଙ୍କ ନାଁରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଛି ।

## ଏମ୍ସ ଭୁବନେଶ୍ୱରରେ ଆରମ୍ଭ ହେଲା ରାଜ୍ୟର ପ୍ରଥମ ସ୍ୱତନ୍ତ୍ର ହ୍ୟାଣ୍ଡ କ୍ଲିନିକ୍ ସେବା

ଭୁବନେଶ୍ୱର, ୨୪।୮(ପି.ଏନ): ହାତ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସାମଗ୍ରୀକ ଯତ୍ନ ନେବା ଉଦ୍ଦେଶ୍ୟରେ ଏମ୍ସ ଭୁବନେଶ୍ୱରର ବର୍ଣ୍ଣସ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗରେ ଏକ ସ୍ୱତନ୍ତ୍ର ହ୍ୟାଣ୍ଡ(ହାତ) କ୍ଲିନିକ୍ କାର୍ଯ୍ୟ ଆରମ୍ଭ କରିଛି । ଗତକାଲି ଜାତୀୟ ହ୍ୟାଣ୍ଡ ସର୍ଜରୀ ଦିବସ (୨୩ ଅଗଷ୍ଟ) ଅବସରରେ ଅର୍ଥପେଡିକ୍ ଏବଂ ପିଏମଆର ବିଭାଗର ମିଳିତ ସହଯୋଗରେ ଏହି ସ୍ୱତନ୍ତ୍ର ହ୍ୟାଣ୍ଡ କ୍ଲିନିକ୍ ଉଦଘାଟିତ ହୋଇଛି । ଏହି କ୍ଲିନିକ୍ ବର୍ଣ୍ଣସ୍ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ଓପିଡିରେ ପ୍ରତ୍ୟେକ ମଙ୍ଗଳବାର ଦିନ ଅଢ଼େଇଟାରୁ ସାଢ଼େ ଚାରିଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ ।ରାଜ୍ୟରେ ପ୍ରଥମ କରି ଏପରି କ୍ଲିନିକ୍ କାର୍ଯ୍ୟ ଆରମ୍ଭ କରିଛି । ସବୁ ବୟସ ବର୍ଗର ବ୍ୟକ୍ତିଙ୍କର ହାତ ସହିତ ଜଡ଼ିତ ବିଭିନ୍ନ ରୋଗର ସମ୍ପୂର୍ଣ୍ଣ ଚିକିତ୍ସା କ୍ଷେତ୍ରରେ ଏହା ବିଶେଷ ଭୂମିକା ଗ୍ରହଣ କରିବ । ଆଜିର ବ୍ୟସ୍ତବହୁଳ ଜୀବନରେ ହାତର ଭୂମିକା ଅନସ୍ୱୀକାର୍ଯ୍ୟ । ତେଣୁ ସଠିକ ଢ଼ଙ୍ଗରେ ଏହାର ଯତ୍ନ ନେବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଏହି କ୍ଲିନିକ ଉପରୋକ୍ତ ଆବଶ୍ୟକତା ଗୁଡ଼ିକୁ ପୂରଣ କରିବାରେ ସହାୟକ ହେବାନେଇ ଏମ୍ସ ପକ୍ଷରୁ




କୁହାଯାଇଛି ।ଏହି ଅବସରରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ) ଆଶୁତୋଷ ବିଶ୍ୱାସ ଏପରି କ୍ଲିନିକ୍ ଆରମ୍ଭ କରିଥିବାରୁ ତିନି ବିଭାଗର ଡାକ୍ତରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ରାଜ୍ୟରେ ପ୍ରଥମ କୁହାଯାଉଥିବା ଏପରି ସ୍ୱତନ୍ତ୍ର ହ୍ୟାଣ୍ଡ କ୍ଲିନିକ୍ ନିଶ୍ଚିତ ଭାବରେ ସମସ୍ତ ବୟସ ବର୍ଗର ଲୋକଙ୍କୁ ଟେଣ୍ଡନ୍ ଏବଂ ସ୍ନାୟୁ ଆଘାତ, ଭଙ୍ଗା, ସ୍ଥାନାନ୍ତର ଏବଂ ଷ୍ଟ୍ରେନ୍, ଆମ୍ପ୍ୟୁଟେସନ୍, କାର୍ପାଲ୍ ଟନେଲ୍ ସିଣ୍ଡ୍ରୋମ୍, ଆଣ୍ଠୁଗଣ୍ଠି ବାତ(ରିମାଟଏଡ୍ ଆର୍ଥ୍ରାଇଟିସ୍) ଏବଂ ଅନ୍ୟାନ୍ୟ ହାତ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିବ । ଏମ୍ସ ଭୁବନେଶ୍ୱର ସର୍ବଦା ଅଭିନବ ଉପାୟ ମାଧ୍ୟମରେ ଲୋକଙ୍କୁ ସେବା କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଡ. ବିଶ୍ୱାସ ମତବ୍ୟକ୍ତ କରିଛନ୍ତି ।ଏମ୍ସ ଭୁବନେଶ୍ୱର ମେଡିକାଲ୍ ଅଧୀକ୍ଷକ ଡ. ଏସ୍ ଏନ ମହାନ୍ତି ଏହି ହ୍ୟାଣ୍ଡ କ୍ଲିନିକ୍ ଆରମ୍ଭ ନେଇ ଖୁସି ବ୍ୟକ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବର୍ଣ୍ଣସ୍ ଆଣ୍ଡ୍ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗ ମୁଖ୍ୟ ଡ. ସଞ୍ଜୟ ଗିରି, ଅର୍ଥପେଡିକ୍ ବିଭାଗ ମୁଖ୍ୟ ଡ. ବିଷ୍ଣୁ ପାତ୍ର ଏବଂ ପିଏମଆର ବିଭାଗ ମୁଖ୍ୟ ଡ. ଜଗନ୍ନାଥ ସାହୁ ଉପସ୍ଥିତ ରହି ରୋଗୀଙ୍କ ଚିକିତ୍ସା କରିଥିଲେ । ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ଆସୋସିଏଟ୍ ପ୍ରଫେସର ଡ. ଶାନ୍ତନୁ ସୁବା ଏହି କ୍ଲିନିକର ମୁଖ୍ୟ ଭାବେ କାର୍ଯ୍ୟ କରିବେ । ଏହି କ୍ଲିନିକରେ ଟେଣ୍ଡୋନାଇଟିସ୍, ହ୍ୟାଣ୍ଡ୍ କଣ୍ଟ୍ରାକ୍ଟର୍ସ, କୋମଳ ଟିସୁ ଆଘାତ, ବର୍ନସ୍, ଡାଇବେଟିସ୍, ଜନ୍ମ ସମୟରେ ଉପସ୍ଥିତ ଥିବା ଅନୋମାଲିୟସ୍, ବ୍ରାକିଆଲ୍ ପ୍ଲେକ୍ସସ୍ ଆଘାତ, ରେଡିଏସନ୍ ଏବଂ ଲିମ୍ଫେଡେମା ପରବର୍ତ୍ତୀ ସଂକ୍ରମଣ ସମେତ ହାତର ବିଭିନ୍ନ ଅବସ୍ଥା ଅନ୍ତର୍ଭୁକ୍ତ ହେବ ବୋଲି ଡ. ସୁବା ସୂଚନା ଦେଇଛନ୍ତି ।ସେହିଭଳି ଆଘାତପ୍ରାପ୍ତ ହାତର କାର୍ଯ୍ୟକ୍ଷମ ମୂଲ୍ୟାଙ୍କନ ଏବଂ ଗତି, ଶକ୍ତି ବୃଦ୍ଧି ପାଇଁ ବିଭିନ୍ନ କାର୍ଯ୍ୟକଳାପ ଯତ୍ନ ସୁବିଧା ରହିବ । ରୋଗୀମାନଙ୍କୁ ସଙ୍କୋଚନ ଚିକିତ୍ସା ଏବଂ ଏଡିମା ପରିଚାଳନା, ସ୍କାର୍ ଟିସୁ ପରିଚାଳନା, ଡିସେନ୍ସିଟାଇଜେସନ୍ ଚିକିତ୍ସା ମଧ୍ୟ ଯୋଗାଇ ଦିଆଯିବ । ଯନ୍ତ୍ରଣା ଏବଂ ଷ୍ଟିଫନେସକୁ କମ୍ କରିବା ପାଇଁ ଟିସୁ ଏବଂ ମିଳିତ ପୂର୍ବ ସର୍ତ୍ତ, ମିଳିତ ସୁରକ୍ଷା ଏବଂ ଶକ୍ତି ସଂରକ୍ଷଣ ତାଲିମ, ସହାୟକ ଉପକରଣ ପାଇଁ କୌଶଳ ଏବଂ ପରାମର୍ଶ, ମାନୁଆଲ୍ ଥେରାପି, କଷ୍ଟମ୍-ନିର୍ମିତ ଅର୍ଥଟିକ୍ସ ଅସ୍ତ୍ରପଚାର ପରେ ହାତକୁ ରକ୍ଷା କରିବା, ଆଘାତ କିମ୍ବା ବିକଳାଙ୍ଗକୁ ସଂଶୋଧନ କରିବା ସମେତ ଯନ୍ତ୍ରଣା ପରିଚାଳନା ଏବଂ କୃତ୍ରିମ ଅଙ୍ଗ(ପ୍ରୋଥେଟିକ୍ସ) ବ୍ୟବହାର ପାଇଁ ତାଲିମ ବ୍ୟବସ୍ଥା ଏହି ସ୍ୱତନ୍ତ୍ର ହ୍ୟାଣ୍ଡ କ୍ଲିନିକରେ ଉପଲବ୍ଧ ହେବାନେଇ ଡ. ସୁବା ପ୍ରକାଶ କରିଛନ୍ତି ।

## ଅଷ୍ଟମ ଶ୍ରେଣୀ ଛାତ୍ରକୁ ଅଶ୍ଳୀଳ ଭିଡିଓ ଦେଖିବାକୁ କରାଯାଉଛି !

ନବରଙ୍ଗପୁର ,୨୪।୮(ପି.ଏନ): ଆବାସିକ ସ୍କୁଲ୍ ହଷ୍ଟେଲ୍‌ରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କୁ ଦିଆଯାଉଛି ନିର୍ଯ୍ୟାତନା । ମୋବାଇଲ୍‌ରେ ଅଶ୍ଳୀଳ ଭିଡିଓ ଦେଖିବା ପାଇଁ ବାଧ୍ୟ କରାଯାଉଛି । ଭିଡିଓ ନଦେଖିଲେ, ଦିଆଯାଉଛି ଅକଥନୀୟ ନିର୍ଯ୍ୟାତନା । ଏପରି ଅଭିଯୋଗ ଆସିଛି ନବରଙ୍ଗପୁର ଜିଲ୍ଲାରୁ । ନିର୍ଯ୍ୟାତନାରେ ଶିକାର ହୋଇଥିବା ଛାତ୍ରଙ୍କ ପରିବାର ଲୋକ ଏନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଖୋଳତାଡ ଆରମ୍ଭ କରିଛି ।ଡାବୁଗାଁ ସହର ପପୁ(ଛଦ୍ମନାମ) ଉମରକୋଟରେ ଏକ ଆବାସିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇଥିଲେ । ସେ ପ୍ରାୟ ୩ ମାସ ଧରି ସ୍କୁଲ ହଷ୍ଟେଲ୍‌ରେ ରହୁଥିଲେ । ତାଙ୍କ ରୁମ୍‌ରେ ଆଉ ୫ ଜଣ ସହପାଠୀ ରହୁଥିଲେ । ସେମାନେ ତାଙ୍କୁ ସର୍ବଦା ରାଗିଙ୍ଗ କରୁଥିଲେ । ରୁମ୍‌ରେ ସେମାନେ ସିଗାରେଟ୍ ଟାଣୁଥିଲେ । ଗୁଟ୍‌ଖା ଖାଇ ପପୁଙ୍କ ଡ୍ରେସ୍‌ରେ ଛେପ ପକାଉଥିବା ଅଭିଯୋଗ ହୋଇଛି । ଏଥିସହ ସେହି ୫ ସହପାଠୀ ମୋବାଇଲ୍‌ରେ ଅଶ୍ଳୀଳ ଭିଡିଓ ଦେଖୁଥିଲେ । ସେହି ଅଶ୍ଳୀଳ ଭିଡିଓ ଦେଖିବା ପାଇଁ ପପୁଙ୍କୁ ବାଧ୍ୟ କରାଯାଉଥିବା ଅଭିଯୋଗ ହୋଇଛି । ଏ ନେଇ ପପୁ ହଷ୍ଟେଲ୍ ୱାର୍ଡନଙ୍କ ପାଖରେ ଅଭିଯୋଗ କରିଥିଲେ । ମାତ୍ର କିଛି ଲାଭ ମିଳିନଥିଲା । ଯେଉଁଥିପାଇଁ ପପୁ ଡିପ୍ରେସନରେ ରହୁଥିବା ପରିବାର ଲୋକ ଥାନାରେ କରିଥିବା ଏଫ୍‌ଆଇଆର୍‌ରେ ଦର୍ଶାଇଛନ୍ତି ।ଗତ ଶନିବାର ୱାର୍ଡନଙ୍କ ଫୋନ୍‌ରୁ ପପୁ ଘରକୁ ଫୋନ୍ କରିଥିଲେ । ସେ ତାଙ୍କ ମାଆଙ୍କ ସହିତ କଥା ହେଲା ବେଳେ ହଷ୍ଟେଲ୍‌ରେ ଦିଆଯାଉଥିବା ନିର୍ଯ୍ୟାତନା ବିଷୟରେ କହିଥିଲେ । ଏହା ପରେ ପରିବାର ଲୋକେ ସ୍କୁଲ ଯାଇ ପପୁଙ୍କୁ ଘରକୁ ନେଇ ଆସିଥିଲେ । ଘରକୁ ଆସିଲା ପରେ ମଧ୍ୟ ପପୁ ସ୍ୱାଭାବିକ ସ୍ଥିତିକୁ ଫେରିପାରୁ ନାହାନ୍ତି । ସବୁବେଳେ ଗୁମ୍ ସୁମ୍ ହୋଇ ରହୁଥିଲେ । ପୁଅର ଏପରି ଅବସ୍ଥା ଦେଖି ପରିବାର ଲୋକେ ଭାଙ୍ଗି ପଡିଛନ୍ତି । ପପୁଙ୍କ ବାପା ଆଜି ଏନେଇ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ସ୍କୁଲରେ ଦିଆଯାଉଥିବା ନିର୍ଯ୍ୟାତନା ନେଇ ଆବାସିକ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଦ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା , ବାୟୁରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଳ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

# ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ୱୀସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

# ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।



# ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।



## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପ୍ୟୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

# ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।




# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ନୈରାଶ୍ୟଜନକ ସ୍ଥିତି



ବିକାଶ ସଂକ୍ରାନ୍ତୀୟ ୩ଟି ଆନ୍ତର୍ଜାତିକ ସର୍ଭେ ରିପୋର୍ଟ ତଥା ବିଶ୍ୱବ୍ୟାଙ୍କର ମାନବ ପୁଞ୍ଜି ସୂଚକାଙ୍କ (ହ୍ୟୁମାନ କ୍ୟାପିଟାଲ ଇଣ୍ଡେକ୍ସ), ୨୦୧୮ର ଆନ୍ତର୍ଜାତିକ ଭୋକିଲା ସୂଚକାଙ୍କ (୨୦୧୮ ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ) ଏବଂ ଅକ୍ସଫାମ ଇଂଟରନ୍ୟାସନାଲ ୨୦୧୮ର ଅସମାନତା ହ୍ରାସ ସଂକଳ୍ପ ସୂଚକାଙ୍କ (୨୦୧୮ କମିଟିମେଂଟ ଟୁ ରେଡୁସିଂ ଇନେକ୍ୱାଲିଟ୍ ଇଣ୍ଡେକ୍ସ) ସର୍ଭେ ରିପୋର୍ଟରେ ଭାରତର ସ୍ଥିତି ନେଇ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା କେବଳ ନୈରାଶ୍ୟଜନକ ନୁହେଁ ଅତ୍ୟନ୍ତ ଚିନ୍ତାଜନକ ବୋଲି କୁହାଯାଇପାରିବ। ଏହି ତିନୋଟି ଆନ୍ତର୍ଜାତିକ ସର୍ଭେ ରିପୋର୍ଟରେ ଭାରତର ପାରଦର୍ଶିତାର ସ୍ଥିତି ଅତ୍ୟନ୍ତ ନିମ୍ନସ୍ତରରେ ରହିଛି। ମାନବ ପୁଞ୍ଜି ସୂଚକାଙ୍କ ସମ୍ପର୍କରେ ୧୫୭ଟି ଦେଶକୁ ନେଇ କରାଯାଇଥିବା ସର୍ଭେରେ ଭାରତର ସ୍ଥାନ ତାଲିକାର ୧୧୫ତମ ସ୍ଥାନରେ ଥିବାବେଳେ ଭୋକିଲା ତାଲିକାରେ ୧୧୯ଟି ରାଷ୍ଟ୍ରଙ୍କ ମଧ୍ୟରେ ୧୦୩ତମ ସ୍ଥାନରେ ରହିଛି। ସେହିପରି ଅସମାନତା ସୂଚକାଙ୍କ ତାଲିକାରେ ୧୫୭ଟି ରାଷ୍ଟ୍ରଙ୍କ ମଧ୍ୟରେ ଭାରତର ସ୍ଥାନ ୧୪୭ରେ ରହିଛି। ପୂର୍ବରୁ ଗତ ସେପ୍ଟେମ୍ବର ମାସରେ ମିଳିତ ଜାତିସଂଘର ବିକାଶ କାର୍ଯ୍ୟକ୍ରମର ମାନବ ବିକାଶ ସୂଚକାଙ୍କ (ହ୍ୟୁମାନ ଡେଭଲପମେଂଟ ଇଣ୍ଡେକ୍ସ)ରେ ୧୮୯ଟି ଦେଶଙ୍କ ମଧ୍ୟରେ ଭାରତର ସ୍ଥାନ ୧୩୦ତମ ସ୍ଥାନରେ ରହିଥିଲା। କହିବା ବାହୁଲ୍ୟ ଯେ, ଭାରତ ଏବେ ବିଶ୍ୱର ଚତୁର୍ଥ ଅର୍ଥନୈତିକ ଶକ୍ତିସମ୍ପନ୍ନ ରାଷ୍ଟ୍ରରେ ପରିଣତ ହୋଇଥିବା ବେଳେ ବିଭିନ୍ନ କ୍ଷେତ୍ରରେ ବିକାଶ ନେଇ ସରକାର ଦାବି କରୁଥିବାବେଳେ ଚାରି ଚାରୋଟି ଆନ୍ତର୍ଜାତିକ ସର୍ଭେ ରିପୋର୍ଟ ଦେଶର ବାସ୍ତବ ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିଛି। ଦେଶରେ ଭୋକିଲା ଲୋକଙ୍କ ସଂଖ୍ୟା ବର୍ଷକୁ ବର୍ଷ ବଢ଼ିବାରେ ଲାଗିଛି। ଭୋକିଲା କ୍ଷେତ୍ରରେ ଭାରତର ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ରହିଛି। ଗତବର୍ଷ ଭୋକିଲା ତାଲିକାରେ ଭାରତ ୧୦୦ତମ ସ୍ଥାନରେ ଥିବାବେଳେ ଏ ବର୍ଷ ଆଉ ୩ଟି ସ୍ଥାନ ତଳକୁ ଖସି ୧୦୩ରେ ରହିଛି। କାହାରିକୁ ଭୋକିଲା ନରଖିବା ପାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ପ୍ରଣୟନ କରି ସରକାର ରିହାତି ଦରରେ ସାଧାରଣ ବଂଟନ ବ୍ୟବସ୍ଥା ଜରିଆରେ ମୁଣ୍ଡ ପିଛା ୫କେଜି ଖାଦ୍ୟଶସ୍ୟ ଯୋଗାଇ ଦେଉଥିବା ବେଳେ ୨୦ କୋଟିରୁ ଉର୍ଦ୍ଧ୍ୱ ଲୋକ ଦୁଇ ଓଳି ପେଟ ପୁରା ଖାଇବାକୁ ପାଉନାହାଁନ୍ତି। ପରିଣତି ସ୍ୱରୁପ ଦେଶରେ ଅପପୁଷ୍ଟିର ଶିକାର ଶିଶୁଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମାନବ ପୁଞ୍ଜି ସୂଚକାଙ୍କରେ ଜଣେ ନବଜାତ ଶିଶୁର ଜୀବିତ ରହିବାର ସମ୍ଭାବନା ଉପରେ ଆଶଙ୍କା ପ୍ରକାଶ କରାଯାଇଛି। ଜଣେ ନବଜାତ ଶିଶୁ ୧୮ବର୍ଷ ବୟସରେ ପହଁଚି ପାରିବାର ଅର୍ଥାତ୍ ଜୀବିତ ରହିବାର ସମ୍ଭାବନା ନେଇ ଆଶଙ୍କା ପ୍ରକାଶ ପାଇଛି। କେବଳ ଏତିକି ନୁହେଁ, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ମଧ୍ୟ ଉଦ୍‌ବେଗଜନକ ସ୍ଥିତି ରହିଛି। ସ୍ୱାସ୍ଥ୍ୟକ୍ଷେତ୍ର ସର୍ବଦା ଅବହେଳିତ ହୋଇ ରହିଛି। ଏହା ସତ୍ୟ ଯେ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାରତର ଖର୍ଚ୍ଚ ଅନ୍ୟ ବହୁ ରାଷ୍ଟ୍ରଙ୍କ ତୁଳନାରେ କମ୍ ରହିଛି। ଶିକ୍ଷା କ୍ଷେତ୍ରରେ ବି ସମାନ ସ୍ଥିତି। ଦେଶରେ ପ୍ରାଥମିକ ଶିକ୍ଷାର ସ୍ଥିତି ବିପର୍ଯ୍ୟାସ୍ତ। ବେକାରୀ ସ୍ଥିତି ଉତ୍କଟ। ଆହୁରି ମଧ୍ୟ ଅସମାନତା ଦିନକୁ ଦିନ ବଢ଼ିବାରେ ଲାଗିଛି। ଧନୀ-ଦରିଦ୍ର ପାର୍ଥକ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଧନୀ ଅଧିକରୁ ଅଧିକ ଧନୀ ହେଉଥିବାବେଳେ ଗରୀବ ଅଧିକରୁ ଅଧିକ ଗରୀବ ହେବାରେ ଲାଗିଛି। ଗୋଟିଏ ଗୋଷ୍ଠୀ ଶୋଷିତ, ନିର୍ଯ୍ୟାତିତ ହେଉଥିବା ବେଳେ ଅନ୍ୟ ଗୋଷ୍ଠୀଟି ଶୋଷଣ କରିଚାଲିଛି। ମାନବ ବିକାଶର ସ୍ଥିତି ନୈରାଶ୍ୟଜନକ ରହିଛି। ଭାରତର ସ୍ଥିତି ଏପରି ରହିଛି ଯେ, ପଡୋଶୀ ରାଷ୍ଟ୍ରଗୁଡିକ ବିଭିନ୍ନ ସୂଚକାଙ୍କରେ ଭାରତ ଉପରେ ରହିଅଛି। ତେବେ ଏଥିପାଇଁ ପ୍ରଶାସନିକ ଦକ୍ଷତାହୀନ, ପାଣ୍ଠିର ଅଭାବ, ଭୁଲ ନୀତି, ଦୁର୍ବଳ କାର୍ଯ୍ୟକାରିତା, ଦୁର୍ନୀତି, ହେରଫେର ଆଦି ଏଭଳି ସ୍ଥିତିର କାରଣ ବୋଲି କୁହାଯାଇଛି। ତେବେ ଆନ୍ତର୍ଜାତିକ ସର୍ଭେ ରିପୋର୍ଟକୁ କେନ୍ଦ୍ର ସରକାର ଖାରଜ କରି ଦେଇଛନ୍ତି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି ଯେ, ସାମଗ୍ରିକ ଶିକ୍ଷା, ଅଭିଯାନ, ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ଜନଧନ ଯୋଜନା ଏବଂ ସରକାରଙ୍କର ବିଭିନ୍ନ ଜନହିତକର ଯୋଜନା ପ୍ରତି ସର୍ଭେ ରିପୋର୍ଟରେ ଧ୍ୟାନ ଦିଆଯାଇନାହିଁ। ସରକାର ଯୋଜନା ପରେ ଯୋଜନା କରିଚାଲିଛନ୍ତି ସତ ମାତ୍ର ଏହାର ସଫଳ ରୂପାୟନ ହୋଇପାରିନାହିଁ। ଜନଧନ ଯୋଜନାରେ ଶୂନ୍ୟ ବାଲାନ୍ସରେ ଖୋଲିଥିବା ଆକାଉଂଟର ଦୟନୀୟ ସ୍ଥିତି। ବହୁ ଖାତାଧାରୀ ଏବେ ବିଭିନ୍ନ କାରଣରୁ ନିଜ ଆକାଉଂଟ ବନ୍ଦ କରିଦେଇଥିବା ନଜିର ରହିଛି। ଦୁର୍ନୀତି, ଅନିୟମିତତା ଯୋଜନା ବିଫଳର ମୁଖ୍ୟ କାରଣ। ଯୋଜନା ବ୍ୟୟର ୮୫ ପ୍ରତିଶତ ବାଟମାରଣା ହେଉଥିବାବେଳେ ୧୫% ଉପଭୋକ୍ତାଙ୍କ ନିକଟରେ ପହଁଚିଥିବାବେଳେ ସେଥିରୁ ସୁଫଳ ଆଶା କରିବା ବୃଥା। ବିଜ୍ଞାନ, କାରିଗରୀ କୌଶଳ, ମହାକାଶ, ଅର୍ଥନୈତିକ ପ୍ରଗତି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ନେଇ ସରକାର ଦାବି କରୁଥିବା ବେଳେ ବାସ୍ତବରେ ସ୍ଥିତି ଯେ ଭିନ୍ନ ଏହା ସ୍ୱୀକାର କରିବାକୁ ହେବ। ବିକାଶ ପାଇଁ ଅଙ୍ଗୀକାରବଦ୍ଧତା ଲୋଡା, ଯାହାର ଅଭାବ ପରିଲକ୍ଷିତ ହେଉଛି। ପର୍ଯ୍ୟାପ୍ତ ପାଣ୍ଠିର ସୁବିନିଯୋଗ ପ୍ରତି ସରକାର ଧ୍ୟାନ ଦେବା ଜରୁରୀ।

**ସୌଭାଗ୍ୟରଂଜନ ମହାନ୍ତି (ରାଜା)**, ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

—ଚଲାପଥର ସାହିତ୍ୟ ଉତ୍ସବ—

# ସାହିତ୍ୟିକମାନଙ୍କର ସୃଷ୍ଟି ଦେଶର ସ୍ଥିତି ବଦଳାଇ ପାରିବ



ଭୁବନେଶ୍ୱର (ପିଏନ): ଓଡ଼ିଶାର ପୁରାତନ ସାହିତ୍ୟ ଅନୁଷ୍ଠାନ ଚଲାପଥ ଲେଖକ ସମ୍ମିଳନୀ ଓଡ଼ିଶାର ସାହିତ୍ୟ ଉତ୍ସବ ଓ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆଜିର ସମୟରେ ସାମ୍ବାଦିକତା ଓ ରାଜନୀତି ଗ୍ରସ୍ତ ହୋଇଛି, ସତ ପ୍ରକାଶ କରିବାର ଶାଣିତ ସ୍ୱର ଶୁଭୁନାହିଁ, ଶସ୍ତା ଲୋକପ୍ରିୟତାର ପଛରେ ଗଣମାଧ୍ୟମ ଦୌଡ଼ ଅନୁଚିତ ଜଣାପଡ଼ୁଛି। ଏଭଳି ସ୍ଥିତିରେ ସାହିତ୍ୟ ହିଁ ସମାଜର ଦର୍ପଣ ସଦୃଶ ଭାବରେ ସବୁକିଛି ପରିବର୍ତ୍ତନ କରିପାରିବ ବୋଲି ଚଲାପଥ ସାହିତ୍ୟ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ଦିଗରେ ସାହିତ୍ୟିକମାନଙ୍କର ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ ସରକାରଙ୍କର ନୈତିକ ଦାୟିତ୍ୱ ମଧ୍ୟ ସେତିକି ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ରବାସରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବର୍ତ୍ତମାନ ସଙ୍କଟରେ; ଏହାର ସମାଧାନ କେବଳ ସାହିତ୍ୟିକମାନଙ୍କର ଉଦ୍ୟମ ଦ୍ୱାରା ସମ୍ଭବ ହୋଇପାରିବ। ସାହିତ୍ୟର ଅବକ୍ଷୟ ନଥାଏ, ସାହିତ୍ୟିକମାନଙ୍କର ସୃଷ୍ଟି ଦେଶର ସ୍ଥିତି ବଦଳାଇପାରିବ। ସାହିତ୍ୟ ସଦାକାଳେ କାଳଜୟୀ ବୋଲି 'ପ୍ରଗତିବାଦୀ'ର କାର୍ଯ୍ୟକାରୀ ସଂପାଦକ ବିରୂପାକ୍ଷ ତ୍ରିପାଠୀ ସାହିତ୍ୟ ଉତ୍ସବକୁ ଉଦ୍‌ଘାଟନ କରି ମତବ୍ୟକ୍ତ କରିଛନ୍ତି। ମୁଖ୍ୟ ଅତିଥିଭାବେ ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆର ସଦସ୍ୟ ତଥା ଏନ୍.ୟୁ.ଜେ. ଇଣ୍ଡିଆ ନୂଆଦିଲ୍ଲୀର ସେକ୍ରେଟାରୀ ଜେନେରାଲ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମହାନ୍ତି ଯୋଗଦେଇ ସାହିତ୍ୟିକମାନେ ସମାଜର ଦର୍ପଣ ସଦୃଶ, ସେମାନଙ୍କର ସୃଷ୍ଟି ସମାଜ ଗଠନରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ଅତିଥିଭାବେ ଓଡ଼ିଶାର ବିଶିଷ୍ଟ କବି ତଥା ପୂର୍ବତନ ରେଭେନ୍ସା ସବୁର ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ନିରାକାର ସ୍ୱାଇଁ ଯୋଗଦେଇ କହିଲେ ଯେ କବି ଓ ଲେଖକମାନଙ୍କର ରଚନା ସଫଳ ସୃଷ୍ଟି ହେବା ଉଚିତ୍। ଯାହାକି ଆଗାମୀ ପିଢ଼ିକୁ ଉଦ୍‌ବୁଦ୍ଧ କରିବ ଓ ତାହା ସେମାନଙ୍କର ଜ୍ଞାନ ଆହରଣର ଭଣ୍ଡାର ପାଲଟି ପାରିବ। ଚଲାପଥର ସଭାପତି ବରିଷ୍ଠ ଲେଖିକା ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନୀତ ଅତିଥି ଭାବେ ଇସ୍ରୋର ବୈଜ୍ଞାନିକ ତଥା ବାଙ୍ଗାଲୋର ଓଡ଼ିଆ ସାହିତ୍ୟ ସମାଜର ମୁଖ୍ୟ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ପୁରୀ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ନୃସିଂହ ଚରଣ ସାହୁ, ବରିଷ୍ଠ କବି ବିଜନ କୁମାର ବେହେରା, ପ୍ରାବନ୍ଧିକା ଡ. ବାସନ୍ତୀ ମହାନ୍ତି, ଆମେରିକା ଟୋରଣ୍ଟ ବିଦ୍ୟାପ୍ରକାଶନୀର ପ୍ରକାଶକ ତଥା ସାହିତ୍ୟିକ ଡକ୍ଟର ତନ୍ମୟ ପଣ୍ଡା ମୃତ୍ୟୁଞ୍ଜୟ ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ।

## ସାଇ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଚତୁର୍ଥ ବାର୍ଷିକ ଜନ୍ମାଷ୍ଟମୀ ମହୋତ୍ସବ ପାଳିତ

ଯାଜପୁର (ପିଏନ): ଯାଜପୁର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଓମ ସାଇ ଡ୍ୟାନ୍ସ ଗ୍ରୁପ ପକ୍ଷରୁ ସ୍ଥାନୀୟ ବିଜୟା କଲ୍ୟାଣ ମଣ୍ଡପ ପରିସରରେ ଜନ୍ମାଷ୍ଟମୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯାଜପୁରର ପୂର୍ବତନ ସାଂସଦ ଅଞ୍ଜଳି ଦାସ, ଅନ୍ୟତମ ଅତିଥିଭାବେ ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ସଭାପତି ତଥା ଚଳଚ୍ଚିତ୍ର ଅଭିନେତା ହରିହର ସ୍ୱାଇଁ, ଅପର୍ଣ୍ଣା ଶତପଥୀ ଯୋଗଦେଇଥିବା ବେଳେ ସଭାପତି ବିରଜା ପ୍ରସାଦ ସାହୁ ସଭାପତିତ୍ୱ କରିଥିଲେ ଏବଂ ସମ୍ପାଦକ ରଶ୍ମିତା ଭୂୟାଁ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ରିଙ୍କୁ ସାର, ନିର୍ମଳ ସାର, ମନୋଜ, ଅଶୋକ ସାର, ମନୋରଂଜନ ସାର ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସାବିତ୍ରି ଜେନା ବିଶେଷ ଭାବେ କାର୍ଯ୍ୟକ୍ରମର ଦାୟିତ୍ୱରେ ରହି ସୁପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ ନାଚଗୀତ ପରିବେଷଣ କରାଯାଇଥିଲା।

# ଜୀବନ ମୁକ୍ତି ଓ ନାମ ସଂକୀର୍ତ୍ତନ

ଭଗବାନଙ୍କ ନାମ କୀର୍ତ୍ତନ କରି କଳି ଯୁଗରେ ଜଣେ ମୁକ୍ତ ହୋଇପାରେ ଏବଂ ମୋକ୍ଷ ଲାଭ କରିପାରେ ବୋଲି ଶ୍ରୁତିରେ କୁହାଯାଇଛି। ଭୟହୀନ ଓ ବାଧାହୀନ ଭାବେ ସର୍ବଦା ଉଚ୍ଚ ସ୍ୱରରେ ଭଗବାନଙ୍କ ନାମ ଉଚ୍ଚାରଣ କରିବାକୁ ସଂକୀର୍ତ୍ତନ କହନ୍ତି। ଯଦି ଜଣେ ବ୍ୟକ୍ତି ସଂକୀର୍ତ୍ତନରେ ଅଂଶ ଗ୍ରହଣ କରନ୍ତି ଏବଂ ଭଗବାନଙ୍କ ନାମ କୀର୍ତ୍ତନ କରନ୍ତି ସେ ମୁକ୍ତି ଲାଭ କରିବେ। ଯଦି ଦଳେ ଲୋକ ଏକାଠି ହୋଇ ସଂକୀର୍ତ୍ତନ କରନ୍ତି ଏପରି ସଂକୀର୍ତ୍ତନ ସେହି ବ୍ୟକ୍ତି ମାନଙ୍କୁ ଓ ସମଗ୍ର ବିଶ୍ୱକୁ ମୁକ୍ତି ଦେବ।

କୀର୍ତ୍ତନ ଓ ସଂକୀର୍ତ୍ତନ ମଧ୍ୟରେ ଯଥେଷ୍ଟ ପାର୍ଥକ୍ୟ ରହିଛି। କୀର୍ତ୍ତନ ବ୍ୟକ୍ତିଗତ ସୁଖକୁ ବୁଝାଏ। ସଂକୀର୍ତ୍ତନ ଏହି ସୁଖକୁ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ କରିଥାଏ। ସଂକୀର୍ତ୍ତନ ଚାରି ପ୍ରକାର। ଏପରି ସଂକୀର୍ତ୍ତନରେ ଚାରୋଟି ପୃଥକ ମାର୍ଗ ରହିଛି। ପ୍ରଥମଟି ଗୁଣ ସଂକୀର୍ତ୍ତନ, ଦ୍ୱିତୀୟଟି ଲୀଳା ସଂକୀର୍ତ୍ତନ, ତୃତୀୟଟି ଭାବ ସଂକୀର୍ତ୍ତନ ଏବଂ ଚତୁର୍ଥଟି ନାମ ସଂକୀର୍ତ୍ତନ। ସାଇ ସର୍ବତ୍ର ନାମ ସଂକୀର୍ତ୍ତନ ପ୍ରବର୍ତ୍ତିତ କରୁଛନ୍ତି। ନାମ ସଂକୀର୍ତ୍ତନ ସମସ୍ତଙ୍କୁ, ସର୍ବଦା ଏବଂ ସର୍ବତ୍ର ଶୁଦ୍ଧତା ଓ ସୁଖ ଦେଇପାରେ। ଏହି ନାମ ସଂକୀର୍ତ୍ତନ ଠାରୁ ମହତ୍ତର ଆଉ କିଛି ନାହିଁ। ଈଶ୍ୱରଙ୍କ ଆଶୀର୍ବାଦ ହେତୁ ପ୍ରଚେତନ ୧୦୦ କୋଟି ଶ୍ଳୋକରେ ଆତ୍ମା ରାମାୟଣ ରଚନା କରିଥିଲେ। ତିନି ଲୋକରେ ଏହାକୁ ସମାନ ଭାବେ ବିତରଣ କରାଗଲା। ଏଇପରି ସମାନ ଭାବରେ ସେ ଯେତେବେଳେ ବିତରଣ କଲେ ପ୍ରତି ଲୋକ ଭାଗରେ ୩୩, ୩୩, ୩୩ଟି ଶ୍ଳୋକ ପଡ଼ିଲା। ଗୋଟିଏ ଶ୍ଳୋକ ଅବଶିଷ୍ଟ ରହିଲା। ଏହି ଶ୍ଳୋକରେ ଥିବା ଅକ୍ଷର ଗୁଡ଼ିକୁ ସେ ପୃଥକ କଲେ। ଅକ୍ଷର ସଂଖ୍ୟା ହେଲା ୩୨। ସେ ତିନିଲୋକକୁ ୧୦ଟି କରି ୩୦ଟି ଅକ୍ଷର ଦେଲେ। ଅବଶିଷ୍ଟ ରହିଲା ୨ଟି। ସେଇ ଦୁଇଟି ଅକ୍ଷର ହେଉଛି ପ୍ରେମ। ପ୍ରେମ ନାମକ ଏଇ ଦୁଇଟି ଅକ୍ଷର ବିତରଣ କରାଯାଇଛି ଏବଂ ସମାନ ରହିଛି। ସେହି ପ୍ରେମ ହିଁ ଭଗବାନ। ପ୍ରେମର ସେହି ବିଭାବ ହିଁ ଈଶ୍ୱରଙ୍କ ବିଭାବ। ସେହି ଦୁଇଟି ଅକ୍ଷର ରାମରେ ପରିଣତ ହୋଇଛନ୍ତି। ହରି ଓ ହରରେ ପରିଣତ ହୋଇଛନ୍ତି। ଏହିପରି ଭାବେ ରାମ, କୃଷ୍ଣ, ହରି, ହର, ସାଇ, ବାବା ସବୁ ଗୁଡ଼ିକ ଦୁଇଟି ଅକ୍ଷରରେ ବ୍ୟକ୍ତ ହୋଇଛନ୍ତି। ଆମେ ଯେଉଁ ସବୁ ଅକ୍ଷର ବ୍ୟବହାର କଲେ ମଧ୍ୟ ପ୍ରେମକୁ ଗୁରୁତ୍ୱପୂର୍ଣ୍ଣ ମନେ କରିବା ଉଚିତ। ପ୍ରେମ ହିଁ ଈଶ୍ୱର। ଏହି ପ୍ରେମ ସାହାଯ୍ୟରେ ଆମେ ହୃଦୟ ପ୍ରସାରିତ କରିବା ଉଚିତ। ଏଇ ପ୍ରେମ ସାହାଯ୍ୟରେ ଆମେ ଆମର ଭାବନାଗୁଡ଼ିକୁ ଉନ୍ନତ କରିବା ଉଚିତ। ଏଇ ପ୍ରେମ ସାହାଯ୍ୟରେ ଆମେ ସମସ୍ତ କର୍ମ ସଂପାଦନ କରିବା ଉଚିତ। ପ୍ରେମରେ ଶବ୍ଦ ଉଚ୍ଚାରଣ କରିବା ଉଚିତ।

ଏହିପରି ଭାବରେ ନାମ ପ୍ରେମପୂର୍ଣ୍ଣ ହୋଇଥିବାରୁ ଏହାକୁ ସଂକୀର୍ତ୍ତନ କୁହାଯାଉଛି। ନାମ ଶବ୍ଦଟିରେ ଦୁଇଟି ଅକ୍ଷର ଅଛି। ସଂଖ୍ୟା ବିଜ୍ଞାନ ଦୃଷ୍ଟିରୁ ଏହାର ବିଚାର କରାଯାଇପାରେ। ନ+ଅ+ମ = ନାମ ନ ଶୂନ୍ୟ ସହିତ, ଅ ଦୁଇ ସହିତ ଏବଂ ମ ପାଞ୍ଚ ସହିତ ସଂପର୍କିତ। ୦+୨+୫=୭ ଏଇ ସପ୍ତ ସ୍ୱର ହେଉଛି ନାମ। ଏଥିରେ ଶ୍ରୁତି, ଲୟ, ରାଗ, ତାଳ, ଭାବ, ପ୍ରେମ, ସଂଗୀତର ସମନ୍ୱୟ ଘଟିଛି। ଏସବୁକୁ ସପ୍ତ ସ୍ୱର ବୋଲି କୁହାଯାଏ। ସପ୍ତ ଲୋକ ମଧ୍ୟ କୁହାଯାଏ। ସପ୍ତର୍ଷି ମଧ୍ୟ କୁହାଯାଏ। ରବି ମଙ୍ଗଳାଦି ସାତଦିନ କୁହାଯାଏ। ସମାନ ଅର୍ଥରେ ସପ୍ତାହ ମଧ୍ୟ କୁହାଯାଏ। ତେଣୁ ଆଜି ଆମେ ଯେଉଁ ସଂକୀର୍ତ୍ତନ କରୁଛୁ ଶ୍ରୁତି, ଲୟ, ରାଗ, ତାଳ, ଭାବ ରସରେ ତାହା ରସାଣିତ ହେବା ଉଚିତ। ମାତ୍ର ତୁମେ ଯଦି ଏମିତି ଗାଉଛ ବୋଲି ଭାବିବ ତୁମେ ଗାଉ ନାହଁ। ଏପରି ଗାନ ଈଶ୍ୱର ଗ୍ରହଣ କରିବେ ନାହିଁ। ସେହି ସ୍ୱର ତୁମ ହୃଦୟର ଗଭୀରତାରୁ ଆସିବା ଉଚିତ। ସେହି ଭାବନା ପରିପୂର୍ଣ୍ଣ ହେବା ଉଚିତ। ଏହା ପ୍ରେମରେ ଅବଗାହନ କରିଥିବା ଉଚିତ। ତୁମେ ନିଜକୁ ଅଭ୍ୟୁତ୍ଥିତ କରିବା ଉଚିତ। ତାହାକୁ କୁହାଯାଏ ତପସ୍ୟା। ଏପରି ସଂକୀର୍ତ୍ତନ କେବଳ ବ୍ୟକ୍ତିକୁ ମୁକ୍ତି ଦେବନାହିଁ ଏହା ସମସ୍ତ ଜାତି ଓ ବିଶ୍ୱକୁ ମୁକ୍ତି ଦେବ।

ଆମେମାନେ ହୁଏତ କୌଣସି ଜପ, ଧ୍ୟାନ, ଯୋଗ କରିପାରିବ ନାହିଁ। ମାତ୍ର ରାସ୍ତାର ମଣିଷଠାରୁ ପରମହଂସଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତି ଏପରି ନାମ ସଂକୀର୍ତ୍ତନ କରି ପାରିବେ। ପ୍ରେମ ସହିତ ହୃଦୟରୁ ଗଭୀରତାର ସ୍ୱର ଉତ୍ତୋଳିତ କର ଏବଂ ନିର୍ଭୟ ଭାବରେ ଭଗବାନଙ୍କର ମହିମା କୀର୍ତ୍ତନ କର। ଆମେ ଅନ୍ୟ ମାନଙ୍କୁ ଭୟ କରିବା ଅନୁଚିତ। ଆମେ ଯଦି ଅନ୍ୟ ମାନଙ୍କୁ ଭୟ କରିବା ସେମାନେ ମୁକ୍ତି ଦେବେ ନାହିଁ। ବିପଦ ବେଳେ କେହି ଆମକୁ ସାହାଯ୍ୟ କରିବେ ନାହିଁ। କେବଳ ଭଗବାନ ଆମକୁ ସାହାଯ୍ୟ କରିବେ। ମଣିଷମାନେ ତୁମର ଧ୍ୱଂସ ସାଧନ କରି ପାରନ୍ତି ମାତ୍ର କସ୍ମିନ କାଳେ ସେମାନେ ତୁମକୁ ସାହାଯ୍ୟ କରିବେ ନାହିଁ।

ସ୍ୱାର୍ଥ-ସ୍ୱାର୍ଥ-ସ୍ୱାର୍ଥ ସର୍ବତ୍ର ପରିପୂର୍ଣ୍ଣ। ଏଇ ସ୍ୱାର୍ଥପରତା ଓ ଅହଂକାର ଏକାଠି ହେଲେ ଜଣେ ବିପୁଳ ତମୋଗୁଣର ଅଧିକାରୀ ହୁଏ। ତମୋ ଗୁଣ ଲୋଭର ଲକ୍ଷଣ। ଏପରି ମନ୍ଦ ଗୁଣ ସବୁରୁ ଦୂରରେ ରହିବା ପାଇଁ ଆମେ ନିଜ ମଧ୍ୟରେ ପ୍ରେମ ପ୍ରକଟିତ କରିବା ଉଚିତ। ଅନ୍ୟମାନେ କ'ଣ କହିବେ, ଅନ୍ୟମାନେ କିପରି ପନ୍ଥା ଅନୁସରଣ କରିବେ ସେ ସବୁ ବିଚାର ନକରି ଆମ ହୃଦୟ ପବିତ୍ର କରିବା। ନିଃସ୍ୱାର୍ଥପର ଭାବେ ଭଗବାନଙ୍କୁ ପ୍ରାର୍ଥନା କରିବା। ଆମର ବିଶ୍ୱାସ ହିଁ ଆମର। ଆମର ବିଶ୍ୱାସ ପାଇଁ କୌଣସି ଯୁକ୍ତି ନାହିଁ କିମ୍ବା ଦିନବାର ନାହିଁ। ବିଶ୍ୱାସ ଯୁକ୍ତିଶୀଳତାର ଉର୍ଦ୍ଧ୍ୱରେ। ଆମେ ଅନ୍ୟ ମାନଙ୍କର ଦାସ ହେବା ଅନୁଚିତ। ଅନ୍ୟମାନଙ୍କୁ ଅନୁସରଣ କରିବା ଅନୁଚିତ। ଆମେ ନିଜର ହୃଦୟ ଏବଂ ଆତ୍ମାକୁ ଅନୁସରଣ କରିବା। ନୟମାତ୍ମା ବଳହୀନେନ ଲଭ୍ୟଃ। ନିଜ ଉପରେ ଆମର ଶକ୍ତି ଓ ବିଶ୍ୱାସ ଆମକୁ ମୁକ୍ତି ଦେବ।

**ରାଜକିଶୋର ମିଶ୍ର**, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ, ଦୂରଭାଷ: ୭୦୦୮୧୮୧୮୨୦

# ଦରଦାମ୍ ବୃଦ୍ଧି ଓ ବେକାରୀ ବାବଦରେ ରାଉରକେଲା କଂଗ୍ରେସର ବଜାର ଅଞ୍ଚଳରେ ପଥପ୍ରାନ୍ତ ଚର୍ଚ୍ଚା



ରାଉରକେଲା (ପିଏନ୍): ଅଖିଳ ଭାରତ କଂଗ୍ରେସ କମିଟିର ନିଷ୍ପତ୍ତି ଓ ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶ ଅନୁଯାୟୀ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ରାଉରକେଲା ଓ ରଘୁନାଥପାଲ୍ଲୀ ବିଧାନସଭା କ୍ଷେତ୍ରର ବିଭିନ୍ନ ବଜାର ଅଞ୍ଚଳରେ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରଦାମ୍ ବୃଦ୍ଧି ଓ ବ୍ୟାପକ ବେକାରୀ ବିରୁଦ୍ଧରେ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପିସିସି ସଭ୍ୟ ଏସବୁ କାର୍ଯ୍ୟକ୍ରମରେ ରାମାନନ୍ଦ ଶ୍ରୀଚନ୍ଦନ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଉରକେଲାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପିସିସି ସାଧାରଣ ସମ୍ପାଦକ ରବି ରାୟ, ଉପସଭାପତି ଉମେଶ ଶରଣ ଓ ସନ୍ତୋଷ ବିଶ୍ୱାଳ, ପିସିସିର ପୂର୍ବତନ ସମ୍ପାଦକ ସବୀର ହୁସେନ ଓ ରଶ୍ମୀରନ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ସମେତ ବିଭିନ୍ନ ଖାଉଟି ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ଉପରେ ବ୍ୟାପକ ଚର୍ଚ୍ଚା କରିଥିଲେ। ରାଉରକେଲା ଅଞ୍ଚଳର ଝିରିପାଣି ହାଟ ଜଗଦା ସାରନା ଛକ ମାର୍କେଟ ଓ ରଘୁନାଥପାଲ୍ଲୀ ଅଞ୍ଚଳର ମୁଣ୍ଡା ମାର୍କେଟ, ସେକ୍ଟର-୧୮ ମାର୍କେଟ, ସେକ୍ଟର-୬ ଏଚ୍ ବ୍ଲକ୍ ମାର୍କେଟ ଠାରେ ଅନୁଷ୍ଠିତ ହୋଇଥିବା ପଥପ୍ରାନ୍ତ ଚର୍ଚ୍ଚା କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ କିଭଳି ମୋଦି ସରକାର ଓ ନବୀନ ବାବୁଙ୍କ ସରକାର ଯୁବକମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ପ୍ରତାରିତ କରିଛନ୍ତି ସେ ସମ୍ପର୍କରେ ମଧ୍ୟ ବିଶଦ ତଥ୍ୟ ରଖିଥିଲେ। ସମ୍ପ୍ରତି ଚୁଡା, ମୁଢି, ଗୁଡ, ଦହି ଠାରୁ ଆରମ୍ଭ କରି ଛୋଟ ପିଲାଙ୍କ ପେନସିଲ୍ ଓ ରବର ପର୍ଯ୍ୟନ୍ତ ପ୍ରତ୍ୟେକ ସାମଗ୍ରୀ ଉପରେ ୫% ଜିଏସ୍‌ଟି ଲାଗୁ କରିବା ସାଧାରଣ ଗରିବ ଲୋକଙ୍କ ପାଇଁ ଚିନ୍ତାର କାରଣ ସାଜିଛି ବୋଲି ନେତୃବୃନ୍ଦ ପ୍ରକାଶ କରିଥିଲେ। ଅତ୍ୟାବଶ୍ୟକୀୟ ଔଷଧ ଓ ଟୋଲ୍ ପ୍ଲାଜାଗୁଡିକରେ ଟିକସ ବୃଦ୍ଧି ଇତ୍ୟାଦି ସବୁ ଶ୍ରେଣୀର ଲୋକଙ୍କ ପାଇଁ ଏକ ଅସ୍ୱସ୍ତିକର ବିଷୟ ହୋଇପଡିଛି ବୋଲି କହିଥିଲେ। ଗୋଟିଏ ପାର୍ଶ୍ୱରେ ଦେଶର କୋଟି କୋଟି ଜନତା କରୋନା ଓ ନୋଟ୍ ବନ୍ଦି ଯୋଗୁ ରୋଜଗାର ହରାଇଥିବା ବେଳେ ଭାରତ ସରକାରଙ୍କ ବିଭିନ୍ନ ବିଭାଗରେ ଖାଲି ପଡିଥିବା ପ୍ରାୟ ୩୦ ଲକ୍ଷ ପଦବୀ ପୂରଣ କରାଯାଉ ନାହିଁ। ଅପରପକ୍ଷରେ ଗୋଟିଏ ପରେ ଗୋଟିଏ ରାଷ୍ଟ୍ରାୟତ୍ତ କମ୍ପାନୀକୁ ସରକାର କର୍ପୋରେଟ୍ ସଂସ୍ଥା ହାତରେ ଟେକି ଦେଇ ସେ ସଂସ୍ଥାଗୁଡିକରେ ନିଯୁକ୍ତିକୁ ମଧ୍ୟ ସଂକୋଚନ କରୁଛନ୍ତି। ତେଣୁ ଏଭଳି ପରିସ୍ଥିତିରେ ସାଧାରଣ ଲୋକଙ୍କ ଜୀବନ ଯାପନ ଆଜି ଦୁର୍ବିସହ ହୋଇପଡିଥିବାରୁ ଜାତୀୟ କଂଗ୍ରେସ ଆଜି ଆଦରଣୀୟା ସଭାନେତ୍ରୀ ସୋନିଆ ଗାନ୍ଧୀ ଓ ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଏହାର ତୀବ୍ର ପ୍ରତିବାଦ କରୁଛନ୍ତି ବୋଲି ନେତୃବୃନ୍ଦ ପ୍ରକାଶ କରି ସାଧାରଣ ଲୋକଙ୍କ ସହଯୋଗ କାମନା କରିଥିଲେ। ଚଳିତ ମାସ ୫ ତାରିଖରେ କଂଗ୍ରେସ ତରଫରୁ ଦରଦାମ୍ ବୃଦ୍ଧି ଓ ବେକାରୀ ବିରୁଦ୍ଧରେ ଜେଲଭରୋ ଆନ୍ଦୋଳନ କରାଗଲା ପରେ ସମ୍ପ୍ରତି ଦ୍ୱିତୀୟ ପର୍ଯ୍ୟାୟରେ ଛକ, ବଜାର, ମଣ୍ଡି, ହାଟ ଇତ୍ୟାଦିରେ ଦରଦାମ୍ ବୃଦ୍ଧି ଓ ବେକାରୀକୁ ନେଇ ଚର୍ଚ୍ଚା କାର୍ଯ୍ୟକ୍ରମ ଚାଲିଥିଲା। ଆଗାମୀ ସେପ୍ଟେମ୍ବର ୪ ତାରିଖ ଦିନ ଦରଦାମ୍ ବୃଦ୍ଧି ଓ ବେକାରୀ ବିରୁଦ୍ଧରେ ଦିଲ୍ଲୀର ରାମଲୀଳା ମଇଦାନ ଠାରେ ଏକ ହଲ୍ଲାବୋଲ୍ ମହାରାଲି ଅନୁଷ୍ଠିତ ହେବ ବୋଲି ନେତୃବୃନ୍ଦ ପ୍ରକାଶ କରି ଏହି କାର୍ଯ୍ୟକ୍ରମରେ ସମଗ୍ର ଦେଶରୁ ଲକ୍ଷ ଲକ୍ଷ ଲୋକ ଯୋଗ ଦେବେ ବୋଲି କହିଥିଲେ। ତେଣୁ ଆଗାମୀ ଦିନରେ ସାଧାରଣ ଲୋକଙ୍କ ସ୍ୱାର୍ଥ ସମ୍ବଳିତ ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ଆରମ୍ଭ କରିଥିବା ଏହି ଆନ୍ଦୋଳନ ଅଧିକ ତୀବ୍ର ହେବ ବୋଲି କଂଗ୍ରେସ ନେତୃବୃନ୍ଦ ପ୍ରକାଶ କରି କଂଗ୍ରେସ ସ୍ୱର ସହିତ ସାଧାରଣ ଲୋକଙ୍କ ସ୍ୱର ମିଶିଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚେତିବେ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ ମାର୍କେଟ ଅଞ୍ଚଳର ବ୍ୟବସାୟୀ ଓ ସାଧାରଣ ଖାଉଟିଙ୍କ ଦସ୍ତଖତ ସମ୍ବଳିତ ଏକ ନିନ୍ଦା ପ୍ରସ୍ତାବ ଏହି ଦରଦାମ୍ ବୃଦ୍ଧି ଓ ବେକାରୀ ବିରୁଦ୍ଧରେ ଜିଲ୍ଲା କଂଗ୍ରେସ ତରଫରୁ ସଂଗ୍ରହ କରାଯାଇଥିଲା, ଯାହାକୁ ପରବର୍ତ୍ତୀ ସମୟରେ ଅଖିଳ ଭାରତ କଂଗ୍ରେସ କମିଟିକୁ ପଠାଯିବ ବୋଲି ବକ୍ତାମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ, ପୂର୍ବତନ ବ୍ଲକ୍ ଚେୟାରମ୍ୟାନ ସୁଶୀଲ କିଣ୍ଡୋ, ମହିଳା ରାଜ୍ୟ ସମ୍ପାଦିକା ଲତା ନାୟକ, ଡିସିସି ସାଧାରଣ ସମ୍ପାଦକ ରାଜେଶ ଟପ୍ପୋ ଓ ସରୋଜ ଲେଙ୍କା, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ବ୍ଲକ୍ ସଭାପତି ପ୍ରତାପ ବେହେରା, ଧୁସା ନାୟକ ଓ ରଘୁନାଥ ଦାସ, ଇନ୍‌ଟକ ଅଧ୍ୟକ୍ଷ ନିହାର ଦାସ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ରୁକସାନା ବେଗମ, ଅଜୟ ଖାଲକୋ, ସମ୍ପାଦକ ରବୀନ୍ଦ୍ର ନାୟକ, ପୂର୍ବତନ ସାଧାରଣ ସମ୍ପାଦକ ବନମାଳୀ ବିଶୋୟୀ, ମୁଖପାତ୍ର କୈଳାସ ସାହୁ, ଇନ୍ଦ୍ରମୋହନ ପଣ୍ଡା, ବିଏନ୍. ମହାନ୍ତି, ପ୍ରବାଳ ପଟ୍ଟନାୟକ, ସେବାଦଳର ବୁଲୁ ଦାସ, ଶ୍ୟାମ ସାଗର, ଆଦେଶ ସୁନା, ଝୁନୁ ପଟ୍ଟନାୟକ ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମକର୍ତ୍ତା ଏସବୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

# ଯାଜପୁର ଇସ୍କନ ମନ୍ଦିରରେ ଜନ୍ମାଷ୍ଟମୀ ପାଳନ

ଯାଜପୁର (ପିଏନ୍)- ଯାଜପୁର ସହରସ୍ଥିତ ଲାଖବିନ୍ଧା ପଡ଼ିଆ ନିକଟସ୍ଥ ଇସ୍କନ ମନ୍ଦିରରେ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ଶତାଧିକ ଭକ୍ତଙ୍କ ଗହଣରେ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପରିଚାଳକ ଶ୍ରୀପାଦ ହରିଭୂଷଣ ଦାସ ଓ ନରେଶ ରାଉତ, ପାଣ୍ଡବ ସାହୁ, ଜ୍ୟୋତିର୍ମୟ ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଇଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ ମହାପ୍ରଭୁଙ୍କ ଦର୍ଶନ ଆଳତି, ମଙ୍ଗଳା ଆଳତୀ, ନାମ ସଂକୀର୍ତ୍ତନ, ପୂଜା ଆଳତୀ ସଙ୍ଗେ ସଙ୍ଗେ ଶତାଧିକ ଭକ୍ତ କ୍ଷୀର, ଦହି, ପଇଡ଼, ଅଗୁର, ମହୁ ପଣା ଦେଇ ମହାପ୍ରଭୂଙ୍କ ମୂର୍ତ୍ତିଙ୍କୁ ମହାଭିଷେକ କରିଥିଲେ ଓ ଶତାଧିକ ନରନାରୀ ଶଙ୍ଖ ଧ୍ୱନି, ହରିବୋଲ, କୀର୍ତ୍ତନ ସହିତ ହୁଳହୁଳି ଦେଇ ପ୍ରକମ୍ପିତ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଚାରକ ଭାବେ ଆହ୍ୱାନର ସମ୍ପାଦକ ବିଶ୍ୱଜିତ ସାହୁ, ନଟବର ଜେନା, ଅକ୍ଷୟ କୁମାର ପୃଷ୍ଟି ପ୍ରମୁଖ ମୂଲ୍ୟାଙ୍କନ କରିଥିଲେ। ଦ୍ୱିତୀୟ ଦିବସ ସନ୍ଧ୍ୟାରେ ନନ୍ଦୋତ୍ସବ ଦିବସରେ ଏକ ସଭା ପରିଚାଳକ ଶ୍ରୀପାଦ ହରିଭୂଷଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥି ସଙ୍ଗେ ସଙ୍ଗେ ସମ୍ପାଦକ ଅତିଥି ପରିଚୟ ପ୍ରଦାନ କରିବା ସହିତ ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଚିତାଲୋ ମହାବିଦ୍ୟାଳୟ ଇଂରାଜୀ ଅଧ୍ୟାପକ ରାଜେନ୍ଦ୍ର କୁମାର ବାରିକ ଯୋଗ ଦେଇଥିଲେ। ସଭାପତି ନରେଶ ଚନ୍ଦ୍ର ରାଉତ, ଉପ-ସଭାପତି ଜ୍ୟୋତିର୍ମୟ ନାଥ ଶର୍ମା, ବିଶ୍ୱମୋହନ ପତି, ଶୁଭମକାନ୍ତ ମିଶ୍ର, ବଳରାମ ଦାସ, କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶ୍ରୀକୃଷ୍ଣ ପ୍ରତିଯୋଗିତାରେ ରାଜଲକ୍ଷ୍ମୀ ସାହୁ, ଦିବ୍ୟଜ୍ୟୋତି ସାହୁ, ଦେବାଂଶୀ ମିଶ୍ର, ଚିତ୍ରାଙ୍କନରେ ବିଶ୍ୱରଂଜନ ପରିଡ଼ା, ଶକ୍ତିରୂପାନାଥ ଶର୍ମା, ବ୍ରଜେଶ୍ୱରୀ ବେହେରା, ସାଧାରଣ ଜ୍ଞାନରେ ସାଇ ଆଦ୍ୟାଜ୍ୟୋତି ଦାସ, ଅଭିରାମ ଦାସ, ଅରମାନ ସାହୁ, ନୃତ୍ୟରେ ଶୁଭମ ମହାପାତ୍ର, ସୋନାଲିକା ପତି, ବ୍ରଜେଶ୍ୱରୀ ବେହେରା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ମାନପତ୍ର ଏବଂ ପୁରସ୍କାର ଲାଭ କରିଥିଲେ। ସ୍ୱତନ୍ତ୍ର ନୃତ୍ୟରେ ସାଇ ସନ୍ତୋଷିନୀ ଜେନା, ବ୍ରଜେଶ୍ୱରୀ, ତୋୟାତୃପ୍ତି ନୃତ୍ୟ ପ୍ରଦର୍ଶନ କରି ପୁରସ୍କୃତ ହୋଇଥିଲେ। ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ସତ୍ୟବାନ ରଣା, ଶ୍ରୀଧର ଦାସ, ମଧୁସୂଦନ ଦାସ, ବଳଭଦ୍ର ଦାସ, ବିଶ୍ୱନାଥ ପୃଷ୍ଟି, ଜ୍ଞାନରଂଜନ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ମନ୍ଦିର ସେବା ପାଇଁ ମାତା ମା' ମଞ୍ଜୁଲତା, ଉର୍ମିଳା, ସୁଚିସ୍ମିତା, ଲକ୍ଷ୍ମୀପ୍ରିୟା, ସଂଯୁକ୍ତା, ବିଷ୍ଣୁପ୍ରିୟା, ସୀମାଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଦୁଇ ଦିନ ଧରି ଉପସ୍ଥିତ ଭକ୍ତମାନଙ୍କୁ ମହାପ୍ରସାଦ ବଣ୍ଟନ କରାଯାଇଥିଲା। ସର୍ବଶେଷରେ ବରିଷ୍ଠ ସଭ୍ୟ ଭରତ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଏକ ସେବକର ଦୃଷ୍ଟିରେ ସମାଧିର ତାତ୍ପର୍ଯ୍ୟ



କେତେକ କଥା ଆପଣମାନେ ଜାଣିଥିବା ବେଳେ ଓ ତାହାକୁ ଲେଖନୀ ମୁନରେ ପ୍ରକାଶ କଲାବେଳେ ନିଜକୁ ଲଜ୍ୟା ବୋଧହୁଏ। ଯଥା ମାଳିକ ତାର ଲୋକମାନଙ୍କୁ ବଳପୂର୍ବକ କାମ କରାଏ। କିନ୍ତୁ ନେତା ତାର ଲୋକ ମାନଙ୍କୁ ପ୍ରେରଣା ଦିଏ ଓ ସେବକ ତାର ପ୍ରଭୁର ଆଜ୍ଞାକୁ ପାଳନ କରେ ଓ ନିଜର ଆଚରଣ ମାଧ୍ୟମରେ ପ୍ରଭୁଙ୍କର ଆଜ୍ଞାକୁ ପାଳନ କରିବାର ଦୃଷ୍ଟାନ୍ତ ସୃଷ୍ଟି କରେ। ମାଳିକ ତାର ପ୍ରଭୁତ୍ୱ ଉପରେ ନିର୍ଭରଶୀଳ, ନେତା ତାର ହିତେଚ୍ଛା ଉପରେ ଓ ସେବକ ପ୍ରଭୁର ଦୟା ଉପରେ ନିର୍ଭରଶୀଳ। ମାଳିକ ଭୟ ସୃଷ୍ଟି କରେ। ନେତା ପ୍ରେମ ବିଚ୍ଛୁରିତ କରେ ଓ ସେବକ ପ୍ରେମକୁ ସ୍ୱାର୍ଥହୀନତା ବିଚାରି କାର୍ଯ୍ୟ କରେ। ମାଳିକ କହେ ମୁଁ, ନେତା କୁହେ ଆମେ, ସେବକ କହେ ମୁଁ ତୁମର ତୁମେ ମୋର। ମାଳିକ ଭୁଲ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରେ, ନେତା କେଉଁଠି ଭୁଲ ସୂଚାଇ ଦିଏ, ସେବକ କୌଣସି ଭୁଲ ଦେଖି ପାରେନା। ମାଳିକ ଲୋକମାନଙ୍କୁ ଗାଳି କଟୁକ୍ତି କରେ, ନେତା ଗାଳି ନଦେଇ ନିଜ କାର୍ଯ୍ୟ ପାଇଁ ବ୍ୟବହାର କରେ। ସେବକ ନିଜକୁ ଉଦାହରଣ ସଜାଇ ମାଳିକ ନିକଟରେ ସମର୍ପଣ କରେ। ମାଳିକ ଜାଣେ କିପରି କାର୍ଯ୍ୟ କରାଯାଏ। ନେତା କାର୍ଯ୍ୟ କରିବାର ରାସ୍ତା ଦେଖାଏ ଓ ସେବକ ପ୍ରଭୁଙ୍କ ପଥର ପଥିକ ବୋଲି କହିଥାଏ। ମାଳିକ ସମ୍ମାନଦାବୀ କରେ। ନେତା ସମ୍ମାନ ପାଇବାକୁ ଯୋଗ୍ୟ ବୋଲି ଦାବୀ କରେ। ସେବକ ମାନ, ଅପମାନ, ପ୍ରଶଂସା, ନିନ୍ଦାକୁ ସମାନ ଭାବେ ଗ୍ରହଣ କରେ। ମାଳିକ ଗୋଲାମୀ କରାଏ, ନେତା ସମସ୍ତଙ୍କୁ ଆମୋଦିତ କରାଏ ଓ ସେବକ ତାର ପ୍ରଭୁଙ୍କ ସେବାରେ ଆନନ୍ଦିତ କରାଏ।

ଉପରୋକ୍ତ ବର୍ଣ୍ଣିତ ସେହିପରି ଜଣେ ସେବକ ଗୋଟିଏ ଉପତ୍ୟକାରେ ବୁଲୁ ବୁଲୁ ଗୋଟିଏ ଚନ୍ଦନ ନାମଧାରୀ ଏକ କିଶୋର ତାଙ୍କ ଆଡ଼କୁ ଆକୃଷ୍ଟ ହୋଇ ଆସିଲା। ସେବକ ପ୍ରଭୁଙ୍କର ଗୁଣଗାନ କରୁଥିଲା। ଚନ୍ଦନ ସେବକକୁ ପଚାରିଲା ସତରେ କ'ଣ ଭଗବାନ ଧରାପୃଷ୍ଠରେ ଜନ୍ମ ନିଅନ୍ତି ଓ କାହିଁକି ? ସେବକଙ୍କ ମୁଖରୁ ଗୀତାର ଏକ ଶ୍ଳୋକ ନିର୍ଝରିତ ହେବାକୁ ଲାଗିଲା। 'ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ। ଅଭ୍ୟୁତ୍ଥାନଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍।। ପରିତ୍ରାଣାୟ ସାଧୁନାଂ ବିନାଶାୟଚ ଦୁଷ୍କୃତାମ୍। ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ।।' ଏହାର ଅର୍ଥ ହେ ଭାରତ। ଯେଉଁ ଯେଉଁ ସମୟରେ ଧର୍ମର ଅବକ୍ଷୟ ହୁଏ ସେହି ସେହି ସମୟରେ ମୁଁ ନିଜର ରୂପ ସୃଷ୍ଟି କରିଥାଏ ଅର୍ଥାତ୍ ସାକାର ରୂପରେ ଲୋକମାନଙ୍କ ସମ୍ମୁଖରେ ପ୍ରକଟିତ ହୁଏ। ସାଧୁ ପୁରୁଷ ମାନଙ୍କୁ ଉଦ୍ଧାର କରିବା ପାଇଁ ପାପୀ ମାନଙ୍କୁ ବିନାଶ କରିବା ପାଇଁ ଏବଂ ଧର୍ମ ସଂସ୍ଥାପନ କରିବା ପାଇଁ ମୁଁ ଯୁଗେ ଯୁଗେ ପ୍ରକଟ ହୋଇଥାଏ।

ଚନ୍ଦନ ପଚାରିଲା ଯଦି ଭଗବାନ ଧର୍ମ ସଂସ୍ଥାପନ କରନ୍ତି ପ୍ରକୃତରେ କ'ଣ ସମସ୍ତେ ଧାର୍ମିକ ହୋଇଯାଆନ୍ତି। ସେବକ ଏହାର ଉତ୍ତର ଦେଇ କହିଥିଲେ ନା, ସେମାନଙ୍କର ସଂଖ୍ୟା ଖୁବ କମ ଓ ନଗଣ୍ୟ। ତେଣୁ ପ୍ରଭୁଙ୍କୁ ବାରମ୍ବାର ପୃଥିବୀକୁ ଜନ ସମାଜର ହିତ ନିମନ୍ତେ ଜନ୍ମ ନେବାକୁ ପଡ଼ିଥାଏ। ଚନ୍ଦନ ପୁଣି ପ୍ରଶ୍ନ କଲା ଯଦି ଭଗବାନ ବାରମ୍ବାର ଏ ଧରାପୃଷ୍ଠରେ ଜନ୍ମ ନେଉଛନ୍ତି ତେବେ ତାଙ୍କର ସମାଧି ଗୁଡ଼ିକ କ'ଣ ସୂଚନା ଦେଉଛି ? ଉଦାହରଣ ସ୍ୱରୂପ ଚନ୍ଦନ ସେବକଙ୍କୁ କହିଲା ଆପଣ ତ ଉଲକା ତୀର୍ଥ କ'ଣ ଜାଣିଥିବେ ସେବକ ଏହା କ'ଣ ବୋଲି ପଚାରିବାରୁ ଚନ୍ଦନ କହିଲା ଗୁଜୁରାଟର ପଶ୍ଚିମ ସାମୁଦ୍ରିକ ତଟରେ ଅବସ୍ଥିତ ସୌରାଷ୍ଟ୍ରର ଭୀରାଭଲ ଠାରେ ଏହା ଅବସ୍ଥିତ। ସେହିଠାରେ ଜରାଶବର କୃଷ୍ଣଙ୍କୁ ତୀରମାରି ହତ୍ୟା କରିଥିଲା। ସେଠାରେ ତାଙ୍କର ସମାଧି ମନ୍ଦିର ରହିଅଛି। ସେହିପରି ଶିରିଡ଼ିର ବୁଟି ୱାଡା ଠାରେ ୧୫ ଅକ୍ଟୋବର ୧୯୧୮ ବିଜୟା ଦଶମୀ ଦିନ ଶିରିଡ଼ିର ସାଇବାବା ଦେହତ୍ୟାଗ କରିଥିଲେ ଓ ତାଙ୍କର ଏକ ସମାଧି ମନ୍ଦିର ସ୍ଥାପନ କରାଯାଇଛି। ସେହିପରି ଚନ୍ଦନ କହିଲା ସତ୍ୟସାଇ ବାବାଙ୍କର ସମାଧୀ ପୀଠ ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲ୍ଲାର ପୁଟ୍ଟପର୍ତ୍ତିଗ୍ରାମରେ ୨୪.୦୪.୨୧୧ରେ ଦେହତ୍ୟାଗ କରିବା ପରେ ସର୍ବସାଧାରଣ ଭକ୍ତଙ୍କ ନିମନ୍ତେ ଖୋଲା ଯାଇଛି ଓ ସେ ସମାଧିପୀଠର ଅଗ୍ରଭାଗରେ ଲେଖାଯାଇଛି 'ସମସ୍ତଙ୍କୁ ଭଲ ପାଆ, ସମସ୍ତଙ୍କର ସେବା କର'।

ହେ ମହାଶୟ! ଏପରି ଅଗଣିତ ସମାଧିପୀଠ ଅନେକ ସାଧୁ ସନ୍ଥମାନଙ୍କର ମଧ୍ୟ ରହିଅଛି। ଏହା କ'ଣ ସୂଚନା ଦେଉଛି। ସେବକ କହିଲା ପ୍ରଭୁ ଦୟାମୟ ସେ ସମସ୍ତଙ୍କର ରୋଗ, ଦୁଃଖ, ଶୋକ ପ୍ରଭୃତିକୁ ହରଣ କରି ନିଅନ୍ତି। ନର୍ଦ୍ଦମାକ୍ତଜଳ ନଦୀରେ ମିଶି ଶେଷରେ ସମୁଦ୍ରରେ ମିଶୁଥିଲେ ମଧ୍ୟ ନଦୀ ଓ ସମୁଦ୍ରର କିଛି ଅଂଶ ଯେପରି ପ୍ରଦୂଷିତ ହେଉଥାଏ ସେହିପରି ଆମ୍ଭେମାନେ ବାରମ୍ବାର ଭୁଲକରି ମଧ୍ୟ ଯେତେବେଳେ ପ୍ରଭୁଙ୍କର ଶରଣାପତ ହେଉ ସମୁଦ୍ର ସ୍ୱରୂପ ଭଗବାନଙ୍କର ମାନବ ଶରୀର କିଛି ଅଂଶରେ ପ୍ରଭାବିତ ହୁଏ। ତା ଛଡ଼ା ସେ ମୃତ୍ୟୁର ଅଧୀନ ନୁହଁନ୍ତି। କୌଣସି ଅଭିଶାପ ଦ୍ୱାରା ମଧ୍ୟ କବଳିତ ନୁହଁନ୍ତି। କିନ୍ତୁ ତାଙ୍କର ସୃଷ୍ଟିର ନିୟମରେ ପରିବର୍ତ୍ତନ ଅବଶ୍ୟମ୍ଭାବୀ। ସେ ସଂସାରରୂପକ ପଙ୍କରୁ ଆମକୁ ଉଦ୍ଧାର କରିବା ପାଇଁ ହାତଧରି ବାହାର କରି ଆଣିବା ପାଇଁ ଚେଷ୍ଟା କରନ୍ତି। ସ୍ୱଳ୍ପ କେତେକ ତାଙ୍କର ହାତ ଧରି ତାଙ୍କର ଉଦ୍ଧାର ପାଆନ୍ତି କିନ୍ତୁ କେତେକ ଷଡ଼ରିପୁ (କାମ, କ୍ରୋଧ, ଲୋକ, ମଦ, ମାତ୍ସର୍ଯ୍ୟ) ଦ୍ୱାରା ପ୍ରଭାବିତ ହୋଇ ସେ ବଢ଼ାଇଥିବା ହାତକୁ ଧରନ୍ତି ନାହିଁ। ଏପରି ହୋଇଥାଏ ମଣିଷର ଗର୍ବ ପାଇଁ ଭଗବାନ ମଣିଷକୁ ଛାଡ଼ି କେଉଁ ଆଡ଼େ ଚାଲିଯାଆନ୍ତି ନାହିଁ। କାରଣ ସେ ଆମକୁ ପ୍ରେମ କରିବାକୁ ଓ ସମସ୍ତଙ୍କୁ ସେବା କରିବାକୁ ନିର୍ଦ୍ଦେଶ ଦେଇଥାନ୍ତି। ତେଣୁ ସେ ସମସ୍ତଙ୍କ ପାଇଁ ଏହି ପୃଥିବୀରେ ସମାଧି ରୂପରେ ପ୍ରେମର ସ୍ୱରୂପ ଭାବରେ ଅବସ୍ଥାନ କରୁଥିଲେ, କରୁଛନ୍ତି ଓ ଭବିଷ୍ୟତରେ କରୁଥିବେ ମଧ୍ୟ।

**ଅନୀତା ପଟ୍ଟନାୟକ**, ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡିଏ, କଟକ, ଦୂରଭାଷ : ୯୮୬୧୧୧୮୬୭୩




# ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଦୁଇ ଦିନିଆ ଜିଲ୍ଲା ସମ୍ମିଳନୀ : ଜିଲ୍ଲାର ବିକାଶ ପାଇଁ ସିପିଆଇ ଲଢିବ

ଜୟପୁର,(ପି.ଏନ): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଦୁଇ ଦିନିଆ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି, ସୁକାନ୍ତି ଗୌଡ଼, ନରସିଂହ କମାରଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସଭା ପରିଚାଳନା କରିଥିଲେ । ମୃତ ପାର୍ଟି କର୍ମୀ, ନେତା ଏବଂ ଗଣ ଆନ୍ଦୋଳନ ତଥା ସମାଜସେବୀ ଓ କରୋନା ଏବଂ ଯୁଦ୍ଧରେ ନିହତ ବ୍ୟକ୍ତି ବିଶେଷଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସମ୍ମିଳନୀକୁ ରାଜ୍ୟ କମ୍ୟୁନିଷ୍ଟ ପାର୍ଟିର ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରଶାନ୍ତ କୁମାର ପାଟ୍ଟଯୋଶୀ ଉଦଘାଟନ କରି ମୋଦୀ ସରକାରର ଜନବିରୋଧୀ ନୀତି ବିରୋଧରେ ଗଣ ସଂଗ୍ରାମ ପାଇଁ ଶାଖା ଗୁଡ଼ିକୁ ରାଜନୈତିକ ଭାବେ ଶକ୍ତିଶାଳୀ କରିବା ପାଇଁ ଆହ୍ୱାନ ଦେଇଥିଲେ । ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳ ପାର୍ଟିର ରିପୋର୍ଟ ପ୍ରଦାନ କରିବା ପରେ ରାଜ୍ୟ ପାର୍ଟି ର ସହ ସମ୍ପାଦକ କ୍ଷୀରୋଦ ସିଂଦେଓ ରାଜନୈତିକ ସାଂଗଠନିକ ବିଷୟ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ସମ୍ପାଦକଙ୍କ ରିପୋର୍ଟ ଉପରେ ପାର୍ଟିର ବିଭିନ୍ନ ଶାଖାର କର୍ମୀମାନେ ଆଲୋଚନା କରିଥିଲେ । ସମ୍ମିଳନୀରେ ଆହ୍ୱାନ ଦିଆଯାଇଛି ଯେ, ଜନବିରୋଧୀ ମୋଦୀ ସରକାରକୁ ହଟେଇବା ପାଇଁ ସମସ୍ତ ବାମପନ୍ଥୀ ଗଣତାନ୍ତ୍ରିକ ଦଳ ମାନଙ୍କୁ ନେଇ ଐକ୍ୟବଦ୍ଧ ଆନ୍ଦୋଳନ କରିବା ସମୟର ଆହ୍ୱାନ। ୨୦୧୪ ମସିହାରେ ମୋଦୀ ସରକାର ଶାସନକୁ ଆସିବା ଆଗରୁ ଆଚ୍ଛାଦିନର କଥା, ଦରଦାମ୍ କମ୍ କରିବା, ବେକାରଙ୍କୁ ନିଯୁକ୍ତି ଦେବା ଏଭଳି ଅନେକ ମନଛୁଆଁ ସ୍ଲୋଗାନ ଦେଇ ଆସିବା ପରେ ତାର ସମ୍ପୂର୍ଣ୍ଣ ବିପରୀତ କାର୍ଯ୍ୟ କରିଛନ୍ତି । ସବୁଠାରୁ ଉଦବେଗଜନକ ବିଷୟ ହେଉଛି ଆର୍ ଏସ୍ ଏସ୍ ର ଏଜେଣ୍ଡାକୁ କାର୍ଯ୍ୟକାରୀ କରିବାକୁ ଯାଇ ଏ ଦେଶରେ ଫାଶିବାଦୀ ବିଚାରଧାରାକୁ ପ୍ରୋତ୍ସାହନ ଦିଆଯାଉଛି। ଦେଶରେ ତୀବ୍ର ଘୃଣାର ପରିବେଶ ସୃଷ୍ଟି ହୋଇଛି । ଧର୍ମ ସଂସଦ ଆୟୋଜନ କରି ସମ୍ବିଧାନର ମୂଳ ଢାଂଚା ଧର୍ମନିରପେକ୍ଷତା ଓ ସମାଜବାଦ ବଦଳରେ ହିନ୍ଦୁ ରାଷ୍ଟ୍ର ପରିକଳ୍ପନାର ବିଚାରଧାରାକୁ ପ୍ରୋତ୍ସାହନ ଦିଆଯାଉଛି। ଜନସାଧାରଣଙ୍କ ମୌଳିକ ସମସ୍ୟା, ଦରଦାମ୍ ବୃଦ୍ଧି ରୋକିବା, ବେକାର ମାନଙ୍କୁ ନିଯୁକ୍ତି ଦେବା, ମାଗଣା ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଆଲୋଚନା ନହୋଇ ବିଶେଷ କରି ହିନ୍ଦୁ ମୁସଲମାନ ଚିନା ପାକିସ୍ତାନ ତର୍କ ପ୍ରତିଯୋଗିତା ଚାଲିଛି । ଧର୍ମୀୟ ମୌଳବାଦ ଉଗ୍ର ରୂପ ଧାରଣ କରିଛି। ଭାରତୀୟ କମ୍ୟୁନିଷ୍ଟ ପାର୍ଟି ବିଜେପିର ନେତୃତ୍ୱକୁ ବିରୋଧ ତାର ବିଚାର ଧାରା ବିରୁଦ୍ଧରେ ଦେଶର ଐକ୍ୟ ଅଖଣ୍ଡତା ସମ୍ବିଧାନ ସୁରକ୍ଷା ପାଇଁ ଅହରହ ଉଦ୍ୟମ କରିବ । କଳା କୃଷି ଆଇନ୍ ବିରୁଦ୍ଧରେ କୃଷକ ମାନଙ୍କର ବର୍ଷାଧିକ କାଳ ଆନ୍ଦୋଳନ ମୋଦୀ ସରକାରକୁ ବାଧ୍ୟ କରିଛି ତାକୁ ବାତିଲ୍ କରିବା ପାଇଁ । ସକଳ ଖାଦ୍ୟ ପଦାର୍ଥ ଉପରେ ଟିକସ ବୃଦ୍ଧି କରିଛି । ଓଡ଼ିଶାର ବିଜେଡି ସରକାର କୋଡ଼ିଏ ବର୍ଷରୁ ଉର୍ଦ୍ଧ ସମୟ ଧରି ଶାସନ କରୁଥିଲେ ମଧ୍ୟ ବେକାରୀ ସମସ୍ୟା ବୃଦ୍ଧି ପାଇଛି, ଯେଉଁଥିପାଇଁ କି ଦାଦନ ଶ୍ରମିକ ରାଜ୍ୟ ଭାବେ ଓଡ଼ିଶା ପରିଗଣିତ ହେଉଛି। ସମସ୍ତଙ୍କୁ ମାଗଣା ଶିକ୍ଷା, ସ୍ୱାସ୍ଥ୍ୟ ସେବା, ଯୋଗାଇ ଦେବା ସହ ଜମି ଜଳ ଜଙ୍ଗଲର ଅଧିକାର ପାଇଁ ସଂଗ୍ରାମ କରିବାକୁ ସମ୍ମିଳନୀରେ ପ୍ରସ୍ତାବ ନେଇଛନ୍ତି । ସେବା କାଗଜ କଳକୁ ଶୀଘ୍ର ସ୍ୱାଭାବିକ କରି ଶ୍ରମିକ ମାନଙ୍କ ବକେୟା ପାଉଣା ସହ ପୂର୍ଣ୍ଣ ମଜୁରୀ ପ୍ରଦାନ କରିବା, ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ପି ଏଫ୍ ଓ ପେନସନ ସୁବିଧା, ଜଗନ୍ନାଥ ସାଗରକୁ ବ୍ରହ୍ମପୁର ରାମଲିଙ୍ଗେଶ୍ୱର ବନ୍ଧ ଭଳି ପୁନରୁଦ୍ଧାର କରିବା ପାଇଁ ପ୍ରସ୍ତାବ ନିଆଯାଇଛି । ସମ୍ମିଳନୀରେ ଏକୋଇଶି ଜଣିଆ ଜିଲ୍ଲା ପରିଷଦ ଗଠନ କରାଯାଇଛି ଏବଂ ୯ ଜଣିଆ କାର୍ଯ୍ୟକାରୀ କମିଟି ପ୍ରମୋଦ କୁମାର ମହାନ୍ତି, ଯୁଧିଷ୍ଠିର ରାଉଳ, ରାମକୃଷ୍ଣ ଦାସ, ବଳରାମ ନାୟକ, କୁମର ଜାନୀ, ଉତମ ମଲ୍ଲିକ, ପ୍ରଭୁନନ୍ଦ ମୁଦୁଲି, ସୁକାନ୍ତି ଗୌଡ଼ଙ୍କୁ ନେଇ ଗଠିତ ହୋଇଛି । ଆଗାମୀ ତିନି ବର୍ଷ ପାଇଁ ଯୁଧିଷ୍ଠିର ରାଉଳ ଜିଲ୍ଲା ସମ୍ପାଦକ ଓ କୁମର ଜାନୀ ଏବଂ ପ୍ରଭୁନନ୍ଦ ମୁଦୁଲି ସହ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। କୋଷାଧ୍ୟକ୍ଷ ଭାବେ ପ୍ରମୋଦ କୁମାର ମହାନ୍ତି ଦାୟିତ୍ୱ ନିର୍ବାହ କରିବେ । ସମ୍ମିଳନୀ ପରେ ଆନ୍ତର୍ଜାତିୟ ସଙ୍ଗୀତ ଗାନ କରି ପତାକା ଅବତରଣ କରାଯାଇଥିଲା ।

## ମନ୍ଦିର ଜମିକୁ ନେଇ ବିବାଦ

ଜୟପୁର,(ପି.ଏନ): କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ର ସସାହାଣ୍ଡି ପଂଚାୟତରେ ମନ୍ଦିର ପୂଜା ଏବଂ ମନ୍ଦିର ଜମିର ମାଲିକାନାକୁ ନେଇ ଗାଁ ଗାଁ ମଧ୍ୟରେ ଲାଗି ରହିଛି ଗୋଷ୍ଠି ବିବାଦ। ଉଭୟ ଗୋଷ୍ଠିର ଶହ ଶହ ମହିଳା ଓ ପୁରୁଷ ବୋରିଗୁମ୍ମା ତହସିଲ କାର୍ଯ୍ୟାଳୟରେ ପହଂଚି ମୁହାଁମୁହିଁ ହୋଇଛନ୍ତି। ପରିସ୍ଥିତିକୁ ନିୟନ୍ତ୍ରଣ ପାଇଁ ବୋରିଗୁମ୍ମା ପୋଲିସ ପହଂଚି ଉଭୟ ଗୋଷ୍ଠିଙ୍କୁ ବୁଝାଶୁଝା କରୁଛି। ପଂଚାୟତର ବାମୁନିୟା ଗୁଡା ଏବଂ ବୈରାଗୀ ପଦର ଗାଁ ମଝିରେ ରହିଛି ମା ପଡାମହୁଲିଙ୍କ ମନ୍ଦିର । ମନ୍ଦିରର ୧୨ ଏକର ଅଧେ ଜମି ରହିଛି। ସେଥିରୁ ୫ ଏକର ଜମି ମନ୍ଦିର ପୂଜା କରିଆସୁଥିବା ପୂଜାରୀ ଏବଂ ଦୁଇ ପୁଅଙ୍କ ନାମରେ ରହିଛି। ତେବେ ବମୁନିଆ ଗୁଡା ଗାଁର ଲୋକେ ମନ୍ଦିର ପୂଜକଙ୍କୁ ପରିବର୍ତ୍ତନ କରି ମନ୍ଦିର ଜମିର ମାଲିକାନା ମଧ୍ୟ ରଦ୍ଦ କରିବାକୁ ଜିଦ କରୁଛନ୍ତି। ସେପଟେ ବୈରାଗୀ ପଦର ଗାଁ ଲୋକେ ପୁରୁଣା ପୂଜକ ଦୀର୍ଘ ବର୍ଷ ଧରି ପୂଜା କରୁଛନ୍ତି ସେ ହିଁ ପୂଜକ ଭାବେ ରୁହନ୍ତୁ ବୋଲି ଦାବି କରୁଛନ୍ତି। ତହସିଲଦାର ଉଭୟ ଗାଁର ଗ୍ରାମବାସୀଙ୍କ ସହ ଅନେକ ଥର ଆଲୋଚନା କରିଥିଲେ ବି ଏହାର ସମାଧାନ ହୋଇପାରିନି ବୋଲି କହିଛନ୍ତି ତହସିଲଦାର ସୁବାସ ଚନ୍ଦ୍ର ରଇତ।

## ସେପ୍ଟେମ୍ବର ୪ ରୁ ଫୁଟବଲ ଟୁର୍ଣ୍ଣାମେଂଟ ୨୦୨୨

ବଲାଙ୍ଗିର,(ପି.ଏନ): ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୁଲ୍ୟରେ ସେପ୍ଟେମ୍ବର ୪ ତାରିଖ ଠାରୁ ଜିଲ୍ଲାର ୧୧ ଗୋଟି ପଡିଆରେ ନକ୍ ଆଉଟ ଫୁଟବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହେବ । ଫାଇନାଲ ଖେଳ ୨୪ ତାରିଖରେ ଗାନ୍ଧି ଷ୍ଟାଡିୟମ ଠାରେ ଖେଳାଯିବ । ସେହିପରି ୨୨ ଓ ୨୩ ତାରିଖରେ ମହିଳା ଫୁଟବଲ ଟୁର୍ଣ୍ଣାମେଂଟ ଗାନ୍ଧୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ । ସିହିନୀ, ସଇଁନ୍ତଳା, ଚନ୍ଦନଭାଟି, ଶିବତଲା ଓ ଭାଲେର ସାଉନ୍ତପୁର ମିଳିତ ମହିଳା ଦଳ ଗୁଡିକ ଏଥିରେ ଯୋଗ ଦେବେ । ଖେଳାଳୀ ଓ ଖେଳପ୍ରେମୀମାନଙ୍କ ନିମିତ ଦଳମାନଙ୍କୁ ୨ ଗୋଟି ପୁଲ ଓ ୧୬ ଗୋଟି ଗ୍ରୁପରେ ରଖାଯାଇଛି । ଗ୍ରୁପ ଏ ରେ ଲୋଇସିଂହା ମିନି ଷ୍ଟାଡିୟମରେ ଏ.ପି.ଜେ ଲୋଇସିଂହା, ଏସ୍.ସି. ସଲତରପାଲି, ଏସ୍.ଆର.ଏଫ୍.ଏ. ତେନ୍ତୁଲିଖୁଂଟି, ଆର.ଏସ୍.ଏଫ୍.ଏ. ମାଣ୍ଡିଆପଦର, ଏ.ବି.ଏଫ୍.ଏ. ଲୋଇସିଂହା ଓ ଡେଙ୍ଗଜୁରୀ ଏଲ୍.ଏସ୍ ଖେଳିବେ । ଗ୍ରୁପ ବିରେ ଲୋଇସିଂହା ମିନି ଷ୍ଟାଡିୟମ ରେ ମନହିରା ୱାଇ ଏସ୍.ଏଫ୍.ଏ., ଏଚ୍.ଆର.ଡି.ଏ. ଖଲିଆପାଲି, ଯୋଗିସର୍ଡା ଜେ.ଏଚ୍.ଏଫ୍.ଟି ଝାରମୁଣ୍ଡା ଏଫ୍.ଏ. ଓ କୁଶଙ୍ଗ ଏଫ୍.ଟି ଖେଳିବେ । ଗ୍ରୁପ ସିରେ ମିଶନ ଖେଳ ପଡିଆରେ ସି.ସି.ଏଫ୍.ଏ. ଚାଣ୍ଡିମୁଣ୍ଡା ଆର.କେ.ୱାଇଏସ୍, କନ୍ଧପାଲି ମାଣିକେଶ୍ୱରୀ ଡୁଙ୍ଗୁରିପଡା ଫୁଟବଲ ଏସୋସିଏସନ ଓ କରେଇଧୁଆ ଏସ୍.ଏଫ୍.ଏ. ଖେଳିବେ । ଗ୍ରୁପ ଡି ରେ ହୋମଗାର୍ଡ ସ୍ୱେଟିଙ୍ଗ, ଏଲ୍.ଇ.ସି.ଟି. ଜେ.ଆଇ.ଟି.ଏମ୍ ପୋଗ୍ରେସିଭ୍ କ୍ଲବ, କନକପୁର ଏନ୍.କେ.ୱାଇ.ଏସ୍. ସୁଦପଡା ଏଫ୍.ଏ. ଓ କାଲସାଏପାଲି ଜେ.କେ.ୱାଇ.ଏସ୍ ଖେଳିବେ । ଗ୍ରୁପ ଇ ରେ ଚୁଡାପାଲି ଖେଳ ପଡିଆରେ ନକଟାସର ଜି.ୱାଇ.ଡି.ସି., ୱାଇ.ଏସ୍.ଏଫ୍.ସି. ଭାଲୁପିଟା, ଡଙ୍ଗାଘାଟ ଜେ.କେ.ଏଫ୍.ଏ., ଆଦିବାସୀ କ୍ଲବ ସୁନା ମୁଦି ଓ ରୁଗୁଡିମୁଣ୍ଡା ଏନ୍.ୱାଇ.ଡି.ସି. ଖେଳିବେ । ଗ୍ରୁପ ଏଫ୍ ରେ ଚୁଡାପାଲି ଖେଳ ପଡିଆରେ ଚୁଡାପାଲି ନବଜ୍ୟୋତି, ମାୟାବର୍ହା ଏଫ୍.ଟି. ରେଙ୍ଗଟାସିଲ ଏନ୍.ଜେ.ଏଫ୍.ଏଫ୍, ବି.ବି.ଏଫ୍.ସି. ରାମପୁର, ଭାଲୁଦର୍ହୋ ଏଫ୍.ସି ଓ କୁତମୁଣ୍ଡା ଡି.ସି. ଖେଳିବେ । ଗ୍ରୁପ ଜି ରେ ହଳଦୀ ଖେଳପଡିଆରେ ଇ.ବି.ଏଫ୍.ଏ. ହଳଦୀ, ପତ୍ରାପାଲି (ଖ) ଏଲ୍.ବି.ଏସ୍ ମାଲପଡା ଏସ୍.ଏସ୍.ସି.ଏ.ୱାଇ.ଏସ୍ ମୁରିବାହାଲ, ଏମ୍.ବି.ଏସ୍.ଏଫ୍.ଟ ଡୁଡୁକାପଡା, ବଙ୍ଗୋମୁଣ୍ଡା ଏସ୍.ବି.ଏଫ୍.ଟି, ବିଛୁବାହାଲି ବି.ଆର.ଏଫ୍.ସି. ହଳଦି, ଜେ.ଏମ୍.ଡି.ବି. ଓ କଣ୍ଟାବାଞ୍ଜି କେ.ଏଫ୍.ସି. ଖେଳିବେ । ଗ୍ରୁପ ଏଚ୍ ତୁର୍ଲା ଖେଳପଡିଆ ଠାରେ ସହିଦ ଜିମ୍ନାସିୟମ ଟିଟିଲାଗଡ, ତୁର୍ଲା ଏଚ୍.ୱାଇ.ଏସ୍ ସିହିନୀ ଏଫ୍.ସି. ଜେ.ଡି କ୍ଲବ ଭାଟିପଡା, ଜି.ଏସ୍.ପି. ଟିଟିଲାଗଡ, ନାନାଝର ରାଜୀବ କ୍ଲବ, ଖୋଲାନ ଡି.ଏଫ୍ଏ.ଓ ଚିକେନିବାହାଲି ଏଫ୍.ଟି ଖେଳିବେ । ଗ୍ରୁପ ଆଇରେ ପଲ୍ଲିଶ୍ରୀ ଷ୍ଟାଡିୟମ ସଦାଇପାଲି ଠାରେ ସାଇଟ ସ୍ୱୋଷ୍ଟ ସୋସାଇଟି ସଦାଇପାଲି, ଜେ.ଜି.ଏଫ୍.ଏ. କୁଶମେଲ, ବିଡିଘାଟ ୱା.ଏସ୍.ଏଫ୍.ଟି, ଚନ୍ଦନଭାଟି ଏଫ୍.ଏ. ଓ ସରଗାଡ ଏଫ୍.ଏ. ଖେଳିବେ । ଗ୍ରୁପ ଜେ ରେ ପଲ୍ଲିଶ୍ରୀ ଷ୍ଟାଡିୟମ ସଦାଇପାଲି ଠାରେ ଅମାମୁଣ୍ଡା ଏ.ଏ., ନେ.ୱାଇ.ଏସ୍. ବରକାନି, ଜେ.ଏସ୍.ସି. ଗେର୍ଡି, ବାଗଡିଆ, ଏମ୍.ଏମ୍.ଏଫ୍.ଏ. ଓ ଆଗଲପୁର ଇଲେଭେନଷ୍ଟାର ଖେଳିବେ । ଗ୍ରୁପ କେ ରେ ଖୁଜେନପାଲି ପଡିଆରେ ଖଲିଆପାଲି ଜେ.ଏସ୍.ଆର.ଏଫ୍.ଏ. କୁରୁଲ, କୁଦେଇପାଲି, ବି.ବି.ଏଫ୍.ଏ., ଏନ୍.ଏସ୍.ସ୍ୱୋଟିଙ୍ଗ ଓ ମହିମୁଣ୍ଡା ଜେ.ଏଫ୍.ଏ. ଖେଳିବେ । ଗ୍ରୁପ ଏସ୍ ଖୁଜେନପାଲି ପଡିଆରେ ଗଇଁନ୍ତଲା ଏସ୍.ସି. ଭାଲେର ଏଫ୍.ସି. ଜେ.ଏଫ୍.ଏ. ଖୁଜେନପାଲି, ଜେ.ଡି.ଏଫ୍.ଏ. ବାଗଭାଡି ଓ ବ୍ଲୁ ମାଉଂଟେନ୍ କ୍ଲବ ଖେଳିବେ । ଗ୍ରୁପ ଏମ୍ ରେ ଖପ୍ରାଖୋଲ ପଡିଆରେ ଧଣ୍ଡାମୁଣ୍ଡା ଏଫ୍.ସି., କୁଆବାହାଲ, ସାଇନିଂ ଷ୍ଟାର, ମହରାପଦର ବି.ଡି.ଏସ୍., ବେନକେରା ଆଦିବାସୀ କ୍ଲବ, ଖପ୍ରାଖୋଲ ଟାଉନ ଟିମ୍ ଓ ଲୁହାସିହା ଏଫ୍.ସି. ଖେଳିବେ । ଗ୍ରୁପ ପି ରେ ପାଟଣାଗଡ ହାଇସ୍କୁଲ ପଡିଆରେ ପାଟଣାଗଡ ଏଫ୍.ଏ. ତେନ୍ତୁଳିମୁଣ୍ଡା ଏସ୍.ସି., ଦେଦର୍ହ ୱାଇ.ଡି, ମଲିକ ମୁଣ୍ଡା ଏସ୍.ଜି.ପି.ସି, ଖୁଣ୍ଟସମଲାଇ ଆର.ୱାଇ.ଏସ୍ ଓ ଭରୁଆମୁଣ୍ଡା ଆଦିବାସୀ ଏଫ୍.ଟି. ଖେଳିବେ । ଗ୍ରୁପ ଓ ରେ ଜରାସିଂହା ମନିଷ୍ଟାଡିୟମ ଠାରେ ବି.ଏନ୍.ଏ.ଏ. ଜରାସିଂହା, ସିରାବାହାଲ ଏମ୍.ଏମ୍.ଏଫ୍.ଏ. ଘୁଚିପାଲି ପି.ଏ.ଏଫ୍.ଏ. ଭୁତିଆରବାହାଲ ଏଫ୍.ସି. ଅର୍ନ୍ତଳା ଏମ୍.ସି.ଏଫ୍.ଟି ଓ ପ୍ରିନ୍ସ କ୍ଲବ ମୁରସିଂ ଖେଳିବେ । ଗ୍ରୁପ ପି ରେ ୟୁଥ କ୍ଲବ ମହିପୁର, ଚନ୍ଦ୍ରପୁର ବି.ଏ.ଏଫ୍.ସି. ବଡଙ୍ଗୋମୁଣ୍ଡା ବି.ଏଫ୍.ଟି. ତୁଷୁରା ବି.ଇ., ହାତୀସରା ବି.ବି.ଏଫ୍.ଟି ଓ ଆଦିବାସୀ ଜେ.ଏସ୍.ଏଫ୍.ଏ. ବାର୍ଲା ଖେଳିବେ ।

# ମେଲବୋର୍ଣ୍ଣରେ ଭବିଷ୍ୟତ ପାଇଁ ଦକ୍ଷତା ବିକଶିତ ନୀତି ଆଲୋଚନାଚକ୍ରରେ କେନ୍ଦ୍ରମନ୍ତ୍ରୀ

ମେଲବୋର୍ଣ୍ଣ/ଭୁବନେଶ୍ୱର, (ପି.ଏନ): ଜାତୀୟ ଶିକ୍ଷା ନୀତି ୨୦୨୦ କ୍ରିୟାନ୍ୱୟନ ସହଶିକ୍ଷା, ନବସୃଜନ, ଷ୍ଟାର୍ଟଅପ କ୍ଷେତ୍ରରେ ବ୍ୟାପକ ସଂସ୍କାର ଭାରତ ପାଇଁ ଅନେକ ସୁଯୋଗ ଆଣିଦେଇଛି ବୋଲିଆଜି ଅଷ୍ଟ୍ରେଲିଆ ମେଲବୋର୍ଣ୍ଣ ସ୍ଥିତ କାଙ୍ଗନ ଇନଷ୍ଟିଚ୍ୟୁଟ୍ ଠାରେଭେଟ୍:ଭବିଷ୍ୟତ ପାଇଁ ଦକ୍ଷତା ବିକଶିତ ନୀତି ଆଲୋଚନାଚକ୍ର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଭାରତର ଯୁବପିଢିଙ୍କୁ ଭବିଷ୍ୟତର କୌଶଳ ସହ ପ୍ରସ୍ତୁତି କରାଇବା ସହ ରୋଜଗାରକ୍ଷମ କରିବା, ସ୍କିଲିଂ ଆଉଟକମକୁ ବିକଶିତ କରିବା, ଶିଳ୍ପନୁଷ୍ଠାନ ଓ ଶିକ୍ଷା କ୍ଷେତ୍ରର ସଂଯୋଗୀକରଣକୁ ସୁଦୃଢ଼ କରିବା ଓ ଦକ୍ଷତା ଆବଶ୍ୟକତାକୁ ପୂରଣ କରିବା ଦିଗରେ ଅଷ୍ଟ୍ରେଲିଆରସ୍କିଲିଂ ଷ୍ଟାଣ୍ଡାର୍ଡ ଏବଂ ସାର୍ଟିଫିକେସନ ଫ୍ରେମୱାର୍କକୁ ଭାରତରେ କିଭଳି ବ୍ୟବହାର କରାଯାଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା । ଏହି ଅବସରରେ ଶ୍ରୀ ପ୍ରଧାନ କୁଶଳୀ ତଥା ଉଚ୍ଚ ଉତ୍ପାଦନକାରୀ ମାନବ ଶକ୍ତି ପାଇଁ ଭାରତକୁ ଏକ ବିଶ୍ୱସ୍ତରୀୟ ପେଣ୍ଟସ୍ଥଳିରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ଏବଂ ପ୍ରୟାସ ଉପରେ ଆଲୋକପାତ କରିଥିଲେ । ସେ ଏହା ବି କହିଥିଲେ ଯେ ଏକବିଂଶ ଶତାବ୍ଦୀରେ ଭାରତର ସବୁଠୁ ବଡ଼ ଶକ୍ତି ହେଉଛି ଏହାର ଯୁବବର୍ଗ । ଏକ ଦକ୍ଷ ଏବଂ କୁଶଳୀ ଭାରତ ଦେଶ ଓ ବିଶ୍ୱ ଅର୍ଥନୀତିରେ ମଧ୍ୟ ଯୋଗଦାନ ରଖିବ । ନୀତିଗତ ସଂସ୍କାର, ନବସୃଜନ ଏବଂ ଉଦ୍ୟମିତା ଦ୍ୱାରା ଭାରତରେ ଅଭୂତପୂର୍ବ ସୁଯୋଗ ସୃଷ୍ଟି କରାଯାଉଛିବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ ଅଷ୍ଟ୍ରେଲିଆର ଦକ୍ଷତା ଅନୁଷ୍ଠାନ ଗୁଡ଼ିକ ସହ ଭାରତର ଭାଗିଦାରୀ ପାଇଁ ଥିବା ଆଗ୍ରହ ଉପରେ ମତପ୍ରକାଶ କରିଥିଲେ । ଦକ୍ଷତା ବିକାଶ କ୍ଷେତ୍ରରେ ଉଭୟ ଦେଶର ପ୍ରାଥମିକତାକୁ ଆଗକୁ ନେବା ଏବଂ ଅଷ୍ଟ୍ରେଲିଆରେ ଭାରତୀୟ ଯୁବବର୍ଗଙ୍କ ପାଇଁ ଅପାର ସମ୍ଭାବନା ସୃଷ୍ଟି କରିବା ପାଇଁ ଭାରତ ସହ ସହଯୋଗୀ ହେବା ପାଇଁ ଅଷ୍ଟ୍ରେଲିଆର ଇଚ୍ଛାବ୍ୟକ୍ତକୁ ପ୍ରଂଶସା କରିଥିଲେଶ୍ରୀ ପ୍ରଧାନ । ଉଭୟ ଦେଶରେ ଦକ୍ଷତା ମୂଲ୍ୟାଙ୍କନ, ଯୋଗ୍ୟତା ଏବଂ କୌଶଳ ମାନ୍ୟତା, ପାଠ୍ୟକ୍ରମ ବିକାଶ ଏବଂ ମାନବ ସମ୍ବଳର ବିକାଶରେ ମିଳିତ ଭାବରେ କାମ କରିବାର ଅପାର ସୁଯୋଗ ରହିଛି । ଆମ ଦେଶରେଭବିଷ୍ୟତ ପାଇଁ ପ୍ରସ୍ତୁତ ମାନବ ସମ୍ବଳ ଆମକୁ ବିଶ୍ୱ ସ୍ତରରେ ଥିବା ସୁଯୋଗର ଲାଭ ନେବା ପାଇଁ ଅଧିକ ପ୍ରସ୍ତୁତ ରଖିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ ଅଷ୍ଟ୍ରେଲିଆର ଦକ୍ଷତା ବିକାଶ ଏବଂ ତାଲିମ ମନ୍ତ୍ରୀ ବ୍ରେନଡେନ ଓ' କୋନ୍ନୋର ସହ ଭର୍ଚୁଆଲ ପ୍ଲାଟଫର୍ମରେ ଆୟୋଜିତ ଦ୍ୱିପାକ୍ଷିକ ଆଲୋଚନାରେ ଯୋଗ ଦେଇଥିଲେ । ଉଭୟ ମନ୍ତ୍ରୀ ଦକ୍ଷତା ବିକାଶ କ୍ଷେତ୍ରରେ ଅଧିକ ସହଯୋଗୀ ହେବା ଏବଂ ଭବିଷ୍ୟତ ପାଇଁ ମାନବ ସମ୍ବଳ ପ୍ରସ୍ତୁତ କରିବା ଦିଗରେ ଏକ ଫଳପ୍ରଦ ଆଲୋଚନା ହୋଇଛି । ଦକ୍ଷତା ବିକାଶରେ ସହଯୋଗକୁ ମଜବୁତ କରିବା ଦିଗରେ ଥିବା ସୁଯୋଗର ଅନ୍ୱେଷଣ ପାଇଁ ଶ୍ରୀ ପ୍ରଧାନ କନ୍ନୋରଙ୍କୁ ଭାରତ ଆସିବା ପାଇଁ ନିମନ୍ତ୍ରଣ ଦେଇଛନ୍ତି । କେନ୍ଦ୍ରମନ୍ତ୍ରୀ ବେନଡିଗୋ କାଙ୍ଗନ ଇନଷ୍ଟିଚ୍ୟୁଟରେ ଥିବା ଅଟୋମୋଟିଭ୍ ସେଣ୍ଟର ଅଫ୍ ଏକ୍ସଲେନ୍ସ ମଧ୍ୟ ପରିଦର୍ଶନ କରିଥିଲେ । ଏହା ପରେ ମେଲବୋର୍ଣ୍ଣ ସ୍ଥିତ ଡିକିନ ବିଶ୍ୱବିଦ୍ୟାଳୟ ଗସ୍ତ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଥିଲେ ଏବଂ ଶିକ୍ଷାନୁଷ୍ଠାନର ଶିଳ୍ପଭିତ୍ତିକ ଡିଜାଇନ ପାଠ୍ୟକ୍ରମ, ଗବେଷଣା ଡିଗ୍ରୀ ଉପରେ ବିସ୍ତୃତ ଭାବେ ବୁଝିଥିଲେ । ଏହି ଅବସରରେ ଅଷ୍ଟ୍ରେଲିଆରେ ଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟ, ଦକ୍ଷତା ବିକାଶ ଅନୁଷ୍ଠାନ ଓ ଡିକିନ ବିଶ୍ୱବିଦ୍ୟାଳୟକୁ ଭାରତରେ ଥିବା ସମ୍ଭାବନାକୁ ଅନ୍ୱେଷଣ କରିବା ପାଇଁ ସ୍ୱାଗତ କରିଥିଲେ । ଏହାସହ ଉଭୟ ଦେଶର ନାଗରିକଙ୍କ ମଙ୍ଗଳ ପାଇଁ ଏବଂ ଉଭୟ ଦେଶକୁ ଶିକ୍ଷା ଆଧାରିତ ଅର୍ଥନୀତିରେ ପରିଣତ କରିବା ପାଇଁ ମେକାନିଜିମ ପ୍ରସ୍ତୁତ କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି । ପରେସନ୍ଧ୍ୟାରେ ଶ୍ରୀ ପ୍ରଧାନ ମେଲବୋର୍ଣ୍ଣରେ ରହୁଥିବା ଓଡିଆ ଓ ଭାରତୀୟଙ୍କ ସହିତ ଆଲୋଚନା କରିଛନ୍ତି। ପ୍ରକାଶ ଯେ, ଭବିଷ୍ୟତପାଇଁଦକ୍ଷତାବିକଶିତନୀତିଆଲୋଚନା ଚକ୍ରରେ ଭିକ୍ଟୋରିଆନ ସ୍କିଲ୍ସ ଅଥୋରିଟିର ସିଇଓ କ୍ରେଗ୍ ରୋବର୍ଟସନ, ବେନଡିଗୋ କାଙ୍ଗନ ଇନଷ୍ଟିଚ୍ୟୁଟର ସିଇଓ ସାଲ୍ଲି କରଟେନ ଏବଂ ଅଷ୍ଟ୍ରେଲୀୟ ଦକ୍ଷତା ପରିସଂସ୍ଥାନର ନେତୃମଣ୍ଡଳିମାନେ ପ୍ରମୁଖ ଉପସ୍ଥିତ ଥିଲେ ।

## ଛାତ୍ର ବିଜେଡିର ସାଂଗଠନିକ ପୁର୍ନଗଠନ : ଅବିନାଶ ହେଲେ କାର୍ଯ୍ୟକାରୀ ସଭାପତି

ଭବାନୀପାଟଣା, (ପି.ଏନ): ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଯୁବ କମିଟି ପରେ ଏବେ ଛାତ୍ର ବିଜେଡି ସାଂଗଠନିକ ପରିବର୍ତ୍ତନ କରାଯାଇଛି। ରାଜ୍ୟ ବିଜେଡ଼ି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଛାତ୍ର ସଂଗଠନକୁ ସୁଦୃଢ ଓ କ୍ରିୟାଶୀଳ କରିବା ପାଇଁ ଛାତ୍ର ବିଜେଡିର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ନୂତନ କର୍ମକର୍ତାଙ୍କ ନାମ ଘୋଷଣା କରିଛନ୍ତି । ଏହି ନୂତନ କମିଟିରେ ପୂନର୍ବାର ଟାଣୁଆ ଛାତ୍ର ନେତା ଅବିନାଶ ଠାକୁରଙ୍କୁ ରାଜ୍ୟର କାର୍ଯ୍ୟକାରୀ ସଭାପତି ଭାବରେ ଦାୟିତ୍ୱ ଦିଆଯାଇଛି। ସେ ୨୦୦୯ ମସିହାରେ ଭବାନୀପାଟଣା ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ର ସଂସଦ ସଭାପତି ଭାବରେ ନିଜର ରାଜନୈତିକ କ୍ୟାରିଅର ଆରମ୍ଭ କରିଥିଲେ । ପରେ ୩ ଥର କଳାହାଣ୍ଡି ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ଓ ରାଜ୍ୟ ସାଧାରଣ ସମ୍ପାଦକ ଭଳି ଗୁରୁ ଦାୟିତ୍ୱ ତୁଲାଇ ସାରିଛନ୍ତି। ତାଙ୍କର ସାଂଗଠନିକ କାର୍ଯ୍ୟଦକ୍ଷତା ଓ ନେତୃତ୍ୱ ପାଇଁ ଆଜି ଦ୍ୱିତୀୟ ଥର ବିଜୁ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଭାବରେ ଗୁରୁ ଦାୟିତ୍ୱ ମିଳିଥିବାରୁ ସେ ମୁଖ୍ୟମନ୍ତ୍ରୀ, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ଜିଲ୍ଲାର ସମସ୍ତ ନେତୃମଣ୍ଡଳୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି । ସେହିଭଳି ଛାତ୍ର ଜନତାର ନୂତନ କମିଟିରେ ଅଜିତ କୁମାର ସାହୁଙ୍କୁ କଳାହାଣ୍ଡି ଜିଲ୍ଲା ସଭାପତି ଦାୟିତ୍ୱ ମିଳି ଥିବାବେଳେ ଛାତ୍ର ନେତା ଅଭିଷେକ ମହାପାତ୍ରଙ୍କୁ ରାଜ୍ୟ ଉପ ସଭାପତି, ଆଶିଷ ମହାପାତ୍ରଙ୍କୁ ସମ୍ପାଦକ, ଚିରାଗ ସିଂ ଦେଓଙ୍କୁ ଜୋନ ସଭାପତି ଦାୟିତ୍ୱ ମିଳିଛି ।

# କୀଟନାଷକ ପିଇ ଗୁରୁତର ଚାଷିଙ୍କ ମୃତ୍ୟୁ

ଜୟପୁର,(ପି.ଏନ): କୋରାପୁଟ ଜିଲ୍ଲାରେ ପୁଣି ଜଣେ ଚାଷୀ ଆତ୍ମହତ୍ୟା କରିଛନ୍ତି। କାଟୀନାଷକ ପିଇ ଚାଷି ଜଣକ ଆତ୍ମହତ୍ୟା କରିଥିବା ଜଣାପଡିଛି। ଗତ ରବିବାର ସନ୍ଧ୍ୟା ଠାରୁ ବୋରିଗୁମ୍ମା ମେଡ଼ିକାଲରେ ଚିକିତ୍ସା ଚାଲୁଥିବା ବେଳେ ସୋମବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଛି । ଏଭଳି ଅଭାବନୀୟ ଘଟଣା ଘଟିଛି ବିସିଂହ ପୁର ଥାନା ଅନ୍ତର୍ଗତ ନକୁଳ ଗୁଡା ଗ୍ରାମରେ। ମୃତ ଚାଷି ହେଉଛନ୍ତି ନକୁଳ ଗୁଡା ଗ୍ରାମର ୬୦ ବର୍ଷୀୟ ଡୁମର ହରିଜନ । ସେ ଜମିରେ ପକାଇବା କୀଟନାଷକ ପିଇ ଗୁରୁତର ହୋଇ ପଡିଥିଲେ। ତାଙ୍କୁ ତୁରନ୍ତ ବୋରିଗୁମ୍ମା ମେଡ଼ିକାଲରେ ଭର୍ତି କରିଥିଲେ ପରିବାର ଲୋକେ । ପରିବାର ପକ୍ଷରୁ ବିସିଂହପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ପୋଲିସ । ମୃତ ଡୁମର ତିନି ଏକର ଜମିରେ ଧାନ ଚାଷ କରିଥିଲେ। ଏଥିପାଇଁ ସେ ବାହାର ଲୋକଙ୍କ ଠାରୁ ୭୦ ହଜାର ଟଙ୍କା କରଜ କରିଥିଲେ। ଚାଷ ହିଁ ତାଙ୍କର ଜୀବିକା ନିର୍ବାହର ଏକ ମାଧ୍ୟମ। ଚାଷ କରି ପରିବାରର ୬ କୁଟୁମ୍ବ ଚଳୁ ଥିଲେ। ଚଳିତ ଲଘୁଚାପ ବର୍ଷାରେ ଚାଷ ସମ୍ପୂର୍ଣ ନଷ୍ଟ ହୋଇଯାଇଛି । ତାହାକୁ ସମ୍ଭାଳି ନ ପାରି ଚାଷ ଜମିରେ ହିଁ ବାପା କୀଟନାଶକ ଔଷଧ ପିଇଦେଇଥିଲେ ବୋଲି କହିଛନ୍ତି ପୁଅ ରମେଶ ହରିଜନ। ସେପଟେ ମୃତ ଚାଷୀଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଦାବି କରିଛନ୍ତି ଗ୍ରାମବାସୀ। ଚିକିତ୍ସା ଧୀନ ଅବସ୍ଥାରେ ଚାଷୀଙ୍କ ମୃତ୍ୟୁ ହୋଇଛି, ଏନେଇ ପୋଲିସକୁ ଖବର ଦିଆଯାଇଛି ବୋଲି କହିଛନ୍ତି ଡାକ୍ତର ଖୀରଜ ଦୁର୍ଗା।

# କନ୍ଧମାଳ ଜିଲ୍ଲା ସଚେତନ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର

କନ୍ଧମାଳ,(ପି.ଏନ): ଗତ ୨୧ ତାରିଖ ଦିନ ଫୁଲବାଣୀ ମା ନାରାୟଣୀ ଠାକୁରାଣୀଙ୍କ ଯାତ୍ରା ପଡିଆରେ ଜିଲ୍ଲା ମିଳିତ ନାଗରିକ କମିଟି ଓ ଜିଲ୍ଲା ସଚେତନ ବରିଷ୍ଠ ନାଗରିକ ସଂଘର ସହାୟତାରେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୨୦୦ ଜଣ ଚିକିତ୍ସିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୮୦ ଜଣ ଚକ୍ଷୁ ସମସ୍ୟା ଥିବା ବ୍ୟକ୍ତି ଉତମ ଚିକିତ୍ସା ପାଇଁ ଚିହ୍ନଟ ହୋଇଥିଲେ । ସେମାନଙ୍କ ମଧ୍ୟରୁ ପ୍ରାୟ ୨୫ ଜଣଙ୍କୁ ସୋନପୁର ଜିଲ୍ଲାର ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲିରେ ଚିକିତ୍ସା ପାଇଁ ଅନୁଷ୍ଠାନର ବସ ଯୋଗେ ମାଗଣା ନିଆଯାଇ ସେଠାରେ ସେମାନଙ୍କର ଚକ୍ଷୁର ଅସ୍ତ୍ରୋପଚାର କରାଯାଇଛି । ୨୨ ତାରିଖ ଦିନ ସଫଳ ଚିକିତ୍ସାପରେ ୨୩ ତାରିଖ ଅପରାହ୍ନ ୩ ଟା ସମୟରେ ସେମାନଙ୍କୁ ସେଠାରୁ ଡିସଚାର୍ଜ କରାଯାଇ ପୁଣି ସେହି ବସ ରେ ଆଜି ନାରାୟଣୀ ଯାତ୍ରା ପଡିଆ ଠାରେ ଆଣି ଛାଡିଛନ୍ତି ହସ୍ପିଟାଲ କର୍ତୃପକ୍ଷ। ସେମାନଙ୍କୁ ସ୍ୱାଗତ କରିବା ପାଇଁ ସ୍ଥାନୀୟ ଅଂଚଳର ଜନସାଧାରଣଙ୍କ ସହ ଜିଲ୍ଲା ବରିଷ୍ଠ ସଚେତନ ନାଗରିକ ସଂଘର ବହୁ କର୍ମକର୍ତା ଉପସ୍ଥିତ ରହି ସ୍ୱାଗତ କରିଥିଲେ । ବରିଷ୍ଠ ନାଗରିକ ସଂଘର ନବିନ କିଶୋର ପଣ୍ଡା, ବ୍ରହ୍ମାନନ୍ଦ ପାଣିଗ୍ରାହୀ, ପିତାମ୍ବର ମିଶ୍ର, ଅମିୟ କୁମାର ଦାସ, ପ୍ରଣବ ମଣ୍ଡଳ, ପ୍ରଶନ୍ନ ପଟ୍ଟନାୟକ, କାଳୀ ଚରଣ ସାହୁ, ରାଜ କିଶୋର ପାଢ଼ୀ, ବିକାଶ ମହାନ୍ତି, ବନ ବିହାରୀ ନନ୍ଦ, ବିନୋଦ ବିହାରୀ ନନ୍ଦ, ଦେବୀ ଶତପଥି ପ୍ରମୁଖ ଓ ମିଳିତ ମଂଚର ଆବାହକ ଅଶୋକ ପରିଡା, ନାରାୟଣ ସାହୁ ଏବଂ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ରହି ରୋଗୀ ମାନଙ୍କୁ ଶୁଖିଲା ଖାଦ୍ୟ ଦେଇ ସ୍ୱାଗତ କରିଥିଲେ । ସୋନପୁର ଜିଲ୍ଲାର ପଣ୍ଡାପାଲି ଠାରେ ଥିବା ମହାନଦୀ ନେତ୍ର ଚିକିତ୍ସାଳୟର କେତେକ କର୍ମଚାରୀ ସେମାନଙ୍କୁ ଆଣି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ମୋ ଓଡ଼ିଶା

## ରାଜନୈତିକ ପଶାପାଲିରେ ଅଙ୍ଗନବାଡି କେନ୍ଦ୍ର



ଭୁବନେଶ୍ୱର (ପିଏନ୍): ରାଜଧାନୀ ଉପକଣ୍ଠ ଧଉଳି ଥାନା ଅଧିନସ୍ଥ ଲିଙ୍ଗିପୁର ଗ୍ରାମପଂଚାୟତ ଅନ୍ତର୍ଗତ ଗାଙ୍ଗୋତ୍ରୀ ନଗର ରୋଡ ନଂ-୩ଠାରେ ବିଗତ ବହୁ ଦିନ ହେଲା ଅଙ୍ଗନବାଡ଼ି କେନ୍ଦ୍ର ଭଡାରେ ଚାଲିଛି। ଏଥିରେ ବହୁ କୁନି ଓ କୋମଳମତି ଶିଶୁମାନେ ଅଧ୍ୟୟନ କରୁଛନ୍ତି। କିନ୍ତୁ ଉକ୍ତ ଭଡା ସ୍ଥାନରେ ଚାଲୁଥିବା ଅଙ୍ଗନବାଡି କେନ୍ଦ୍ରର ଭିତିଭୂମି ଠିକ୍ ନଥିବାରୁ ଏକ ନୂତନ ଅଙ୍ଗନବାଡି କେନ୍ଦ୍ର ପାଇଁ ଦାବୀ ହୋଇଥିଲା। ଯାହାଫଳରେ ରାଜ୍ୟ ସରକାର ଅଙ୍ଗନବାଡି କେନ୍ଦ୍ର ପାଇଁ ତହସିଲଦାରଙ୍କ ପତ୍ର ସଂଖ୍ୟା-୯୨୩୪, ତାରିଖ-୩୧.୦୫.୨୦୨୨ ଦ୍ୱାରା ୨୦୦ ଡିସିମିଲି ଜମି ଆବଟଂନ କରିଥିଲେ ଓ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ କିନ୍ତୁ ସେହି ଜମି ଜବରଦଖଲ ଥିବାରୁ ବିଡିଓ ନିଜ ଅକ୍ତିଆରକୁ ନେଇପାରିଲେ ନାହିଁ ଓ ତହସିଲଦାରଙ୍କୁ ଅବଗତ କରାଇଥିଲେ ଉକ୍ତ ଜାଗାକୁ ଜବର ଦଖଲ ମୁକ୍ତ କରିବାକୁ। ତହସିଲଦାର ସେହି ଜାଗାକୁ ପୋଲିସ ସହାୟତାରେ ଜୁନ୍ ମାସ ୨୮ ତାରିଖରେ ଆଂଶିକ ଉଚ୍ଛେଦ କରି ଜବରଦଖଲ ମୁକ୍ତ କରିପାରିନାହାଁନ୍ତି। ଶୁଣିବାକୁ ମିଳୁଛି ନିକଟରେ ଥିବା ଏକ ମଠର କର୍ମକର୍ତାମାନେ ଆରଆଇ ଓ ତହସିଲଦାରଙ୍କୁ ଉଚ୍ଛେଦ ନକରିବା ପାଇଁ ଚାପ ପକାଉଥିବା ବିଶ୍ୱସ୍ତ ସୂତ୍ରରୁ ଶୁଣିବାକୁ ମିଳୁଛି ଯାହାକି ଅନୁସନ୍ଧାନସାପେକ୍ଷ। ତହସିଲଦାର ଓ ସିଡିପିଓଙ୍କ ଅସମ୍ଭବ ନୀରବତା ସମସ୍ତଙ୍କୁ ସନ୍ଦେହଘେରକୁ ଟାଣୁଛି। ସିଡିପିଓ ଏହି ଅଗଷ୍ଟ ୩୧ ତାରିଖ ୨୦୨୨ରେ ଅବସର ନେବାକୁ ଯାଉଥିବାବେଳେ ସେ ଅଙ୍ଗନବାଡି କର୍ମୀଙ୍କୁ ଓ ସ୍ଥାନୀୟ ସୁପରଭାଇଜର ଉପରେ ଅଙ୍ଗନବାଡି କେନ୍ଦ୍ର ଯାଗା ବଂଟନକୁ ନେଇ ମୁହଁ ନଖୋଲିବାକୁ ତାଗିଦ କରିଥିବା ଶୁଣିବାକୁ ମିଳୁଛି। ଯାହାଫଳରେ ସିଡିପିଓଙ୍କର ବିଫଳତା ପରିପ୍ରକାଶ ହୋଇଯିବ। ଜନସାଧାରଣ ଅତିଷ୍ଠ ହେଲେଣି। ଅଙ୍ଗନବାଡି କେନ୍ଦ୍ରକୁ ନେଇ ଏତେ ରାଜନୀତି ପିଲାମାନଙ୍କର ଭବିଷ୍ୟତକୁ ଅନ୍ଧାର ମଧ୍ୟକୁ ଠେଲି ଦେଇଛି। ମାସକୁ ୫ ହଜାର ଟଙ୍କା ଭଡା ଦେଇ କେତେଦିନ ଚାଲିବ ଅଙ୍ଗନବାଡି କେନ୍ଦ୍ର ତା ସମୟ ହିଁ କହିବ। ନିର୍ଦ୍ଦିଷ୍ଟ ମୁଷ୍ଟିମେୟ ଲୋକଙ୍କୁ ହାତ କରି ମଠର କର୍ମକର୍ତା ଆରଆଇ ଏବଂ ତହସିଲଦାରଙ୍କୁ ପ୍ରଭାବିତ କରିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି। ଯାହାଫଳରେ ସରକାରୀ ନିୟମ ପାଳନ କରିବାରେ ଅହେତୁକ ବିଳମ୍ବ ହେଉଛି। ଖୋର୍ଦ୍ଧା ଜିଲ୍ଲାପାଳ ଏହି ବିଷୟରେ ଅବଗତ ଥିବା ସତ୍ତ୍ୱେ ତହସିଲଦାର ଓ ସିଡିପିଓ ଏବଂ ରେଭିନ୍ୟୁ ଇନ୍ସପେକ୍ଟର ତାଙ୍କୁ ଭୁଆଁ ଭୁଲେଇ ସମୟ ଗଡାଇବାରେ ବ୍ୟସ୍ତ। ଏଥିରେ ଅବଗତି ନିମନ୍ତେ ରାଜ୍ୟ ବିଧାନସଭାରେ ଗାଙ୍ଗୋତ୍ରୀ ନଗର ନୂତନ ଅଙ୍ଗନବାଡି କେନ୍ଦ୍ର ପାଇଁ ବିଧାୟକ ସାଲୁଗା ପ୍ରଧାନ ଏକ ମୌଖିକ ପ୍ରଶ୍ନ ପଚାରିଥିଲେ। ବିଭାଗୀୟ ମହିଳା ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ ୦୨.୦୭.୨୦୨୨ରେ ମୌଖିକ ପ୍ରଶ୍ନ ନଂ-୩ର ଉତର ଦେଇ କହିଥିଲେ ଲିଙ୍ଗିପୁର ଗ୍ରାମପଂଚାୟତ ଅଧୀନସ୍ଥ ଗାଙ୍ଗୋତ୍ରୀ ନଗରଠାରେ ଅଙ୍ଗନବାଡି କେନ୍ଦ୍ର ପାଇଁ ଭୁବନେଶ୍ୱର ତହସିଲଦାର ତାଙ୍କ ପତ୍ର ସଂଖ୍ୟା-୯୨୩୪, ତା.୩୧.୦୫.୨୦୨୨ରେ AO-୨୦୦ ଯାଗା ପ୍ଲଟ ନଂ-୯୧, ଖାତା ନଂ-୭୬୧ରେ ବିଡିଓଙ୍କୁ ଯାଗା ବଂଟନ କରିବା ସତ୍ତ୍ୱେ ଉକ୍ତ ପ୍ଲଟଟି ଜବରଦଖଲ ହୋଇଥିବାରୁ ଗୃହନିର୍ମାଣ ଅଦ୍ୟାବଧି ହୋଇପାରିନାହିଁ। ଏଥିପାଇଁ ଭୁବନେଶ୍ୱର ଡିସିପିଙ୍କୁ ଉପଜିଲ୍ଲାପାଳ ଭୁବନେଶ୍ୱରଙ୍କ ପତ୍ର ସଂଖ୍ୟା- ୪୭୫୮, ତା.୨୨.୦୬.୨୨ରେ ଜବରଦଖଲ ଉଚ୍ଛେଦ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିବା ମନ୍ତ୍ରୀ ତାଙ୍କ ଉତର ବିଧାନସଭାରେ ଦେଇଥିଲେ। ଏଠାରେ ପ୍ରଶ୍ନ ଉଠୁଛି ୨ମାସ ଉପରକୁ ହୋଇଯିବା ସତ୍ତ୍ୱେ କ'ଣ ପାଇଁ ଗାଙ୍ଗୋତ୍ରୀ ନଗର ନୂତନ ଅଙ୍ଗନବାଡି କେନ୍ଦ୍ର ପାଇଁ ଯାଗା ହସ୍ତାନ୍ତର ହୋଇପାରୁନାହିଁ ତାହା ତଦନ୍ତ କରି ରାଜ୍ୟ ସରକାର ସିଡିପିଓ, ତହସିଲଦାର ଓ ରେଭିନ୍ୟୁ ଇନ୍ସପେକ୍ଟରଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହୋଇଛି। ଅଙ୍ଗନବାଡି କେନ୍ଦ୍ରରେ ଛତୁଆ ବଂଟନ ଠାରୁ ଆରମ୍ଭ କରି ଗର୍ଭବତୀ ମହିଳାମାନଙ୍କୁ ଅଣ୍ଡା, ଲଡୁ ଏବଂ ଛୋଟପିଲାମାନଙ୍କ ପାଇଁ ରନ୍ଧା ଖାଦ୍ୟ ଦେବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛି ଅଙ୍ଗନବାଡି କେନ୍ଦ୍ର। ସିଡିପିଓ ନିଜର କର୍ତବ୍ୟରେ ହେଳା କରୁଥିବାରୁ ତାଙ୍କୁ ତୁରନ୍ତ ଚାକିରୀରୁ ନିଲମ୍ବନ କରିବା ପାଇଁ ଦାବୀ ହୋଇଛି।

## ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ କବିତା ପାଠୋତ୍ସବ

ଭୁବନେଶ୍ୱର (ପିଏନ୍): ଦେଶ ତା'ର ୭୫ବର୍ଷ ପୂର୍ତ୍ତି ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଓଡିଶା ସାହିତ୍ୟ ଏକାଡେମୀ ସମଗ୍ର ଓଡିଶାର ୨୫ଟି ଜିଲ୍ଲାରେ, ପ୍ରତ୍ୟେକ ଜିଲ୍ଲାରେ ୫ଟି ସ୍ଥାନ କରି ମୋଟ ୧୨୫ଟି ସ୍ଥାନରେ କବିତା ପାଠୋତ୍ସବ ସ୍ୱାଧୀନତା ଦିବସରେ ଆୟୋଜନ କରିଥିଲା। ପ୍ରାୟ ୨୫ଶହ କବି ତାଙ୍କର ସ୍ୱରଚିତ ଦେଶାତ୍ମକ କବିତା ପାଠ କରିଥିଲେ। ଏହି କ୍ରମରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ସଭାଗୃହରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କବିତା ପାଠୋତ୍ସବକୁ ବିଶିଷ୍ଟ କବି ଅପର୍ଣ୍ଣା ମହାନ୍ତି ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ଡଃ. ବାସୁଦେବ ଦାସ ଓ କବି ନିରାକର ଦାସ ଯୋଗଦେଇ ଆମ ସ୍ୱାଧୀନତାରେ ଆମ ସାହିତ୍ୟର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥି କବି ଭାବେ ବୃନ୍ଦାବନ ଦାସ, ଅକ୍ଷୟ ନାୟକ, ଡଃ. ଶ୍ରୀଧର ସାମଲ, ମନୋରଞ୍ଜନ ସାହୁ, ରଞ୍ଜନ ବାଇ, ଡା. ବି. କେ. ପ୍ରଶାନ୍ତ କୁମାର, କବିତା ମୁଦୁଲି, ସୁନନ୍ଦା ପ୍ରଧାନ, ବୀଣାପାଣି ଚୌଧୁରୀ, ନୃସିଂହ ତରାଇ, ବିମଳ ପ୍ରସାଦ ପରିଡା, ପୁଷ୍ପାଞ୍ଜଳି ପଣ୍ଡା, ମନ୍ମଥ ବରାଳ, ହରିହର ବେହେରା, ମାମା ସ୍ୱାଇଁ, ସମର୍ପିକା ଦଳାଇ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କେନ୍ଦ୍ରାପଡା କଲେଜର ଅଧ୍ୟାପକ ରଞ୍ଜିତ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଅଜିତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏକାଡେମୀର ଜିଲ୍ଲା ପ୍ରତିନିଧି ସରୋଜ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। କବି ନବଜ୍ୟୋତି ରାୟ କବିତା ସଂଯୋଜନା କରିଥିଲେ। ଏହି ସଭାକୁ ମହାବିଦ୍ୟାଳୟ ଓଡିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପିକା ମନୀଷାକାନ୍ତି ଜେନା, ଅଧ୍ୟାପିକା ସସ୍ମିତା ଅଧିକାରୀ ଓ ଅଧ୍ୟାପକ ପ୍ରମୋଦ ବେହେରା ସଂଚାଳନା କରିଥିଲେ। ସଭା ପ୍ରାରମ୍ଭରେ ସରସ୍ୱତୀ ଶିଶୁ ମନ୍ଦିର, ସାନ୍ତସାହିର ଛାତ୍ରଛାତ୍ରୀମାନେ ବନ୍ଦେ ମାତରମ ଗାନ କରିଥିଲେ। ଓଡିଆ ଭାଷା ସାହିତ୍ୟ ବିଭାଗର ଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ। ଏଥିରେ ବହୁସଂଖ୍ୟକ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ।

## ବାଟ ମହାବୀର ବ୍ୟବସାୟୀ ସଂଘ ପକ୍ଷରୁ ୭୬ତମ ସ୍ୱାଧୀନତା ଦିବସ ପାଳିତ

ଭୁବନେଶ୍ୱର (ପିଏନ୍): ୭୬ତମ ସ୍ୱାଧୀନତା ଦିବସ ଉପଲକ୍ଷେ ସ୍ଥାନୀୟ ଦୁଇ ନମ୍ବର ୟୁନିଟ୍‌ସ୍ଥିତ ବାଟ ମହାବୀର ବ୍ୟବସାୟୀ ସଂଘ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟଅତଥି, ୪୦ ନମ୍ବର ୱାର୍ଡ଼ର କର୍ପୋରେଟର ଆସିଆ ବେଗମ୍, ସାପ୍ତାହିକ ସମ୍ବାଦପତ୍ର 'ଉନ୍ନତିପଥେ'ର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଏବଂ ଆକାଶବାଣୀ ଓ ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ଉପନିର୍ଦ୍ଦେଶକ ସୁଧାଂଶୁ ଶେଖର ଧଡ଼ା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ସ୍ୱାଧୀନତା ଦିବସର ମହତ୍ତ୍ୱ ଓ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବାଟ ମହାବୀର ବ୍ୟବସାୟୀ ସଂଘର ସଭାପତି ଦୀପକ ମହାପାତ୍ର ଓ ଅନ୍ୟ କର୍ମକର୍ତ୍ତା ଚିନ୍ତାମଣି ମହାରଣା, ବାଦଲ ମୋତିକ, ଅଶୋକ ପଣ୍ଡା, ରାକେଶ ପାତ୍ର, ବୁଖାରି ଖାନ, ଏମ୍‌ଡ଼ି ଅନୁ, ଅକ୍ଷୟ ବେହେରା, ଅନିଲ୍ ଖାନ, ରମେଶ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଜାତୀୟ ସଙ୍ଗୀତ ଗାନ କରିବା ସହିତ ବନ୍ଦେ ମାତରଂ ଓ ଭାରତ ମାତା କି ଜୟ ଧ୍ୱନିମାନ ଦେଇଥିଲେ।

## ନବୀକୃତ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ ଉଦ୍‌ଘାଟିତ



କେନ୍ଦୁଝର (ପିଏନ୍): କେନ୍ଦୁଝର ମନୋଜ ମଂଜରୀ ଶିଶୁ ଭବନ ଦ୍ୱାରା ପରିଚାଳିତ ସିଦ୍ଧମଠ ସ୍ଥିତ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟର ଶ୍ରେଣୀ ଗୃହ ଜେ.ଏସ୍.ଡବ୍ଲୁ ଷ୍ଟିଲ ଲିଃ ବଡବିଲ ସହାୟତାରେ ନବୀକୃତ କରାଯାଇଛି। ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତୀ ଅବସରରେ ନବୀକୃତ ବିଦ୍ୟାଳୟକୁ କେନ୍ଦୁଝର ଡିଏଫଓ ଧନରାଜ ଏଚ୍‌ଡି ଉଦ୍‌ଘାଟନ କରିଛନ୍ତି। ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତୀ ଅବସରରେ ସାରା ଦେଶ 'ଆଜାଦ କୀ ଅମୃତ ମହୋତ୍ସବ' ପାଳନ କରିଥିବାବେଳେ ସିଏସ୍ଆର କାର୍ଯ୍ୟକ୍ରମରେ ଏହି ମହନୀୟ କାମ କରିଥିବାରୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲେ। ଭିନ୍ନକ୍ଷମ ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରି ସମାଜରେ ପ୍ରତିଷ୍ଠା ଲାଭ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଜେ.ଏସ୍,ଡବ୍ଲୁ (ମାଇନ୍ସ ଅପରେସନ) ଉପସଭାପତି ବିଶ୍ୱରଂଜନ ପାଢୀ ଯୋଗଦେଇ ୭୫ତମ ପୂର୍ତ୍ତୀ ଉପଲକ୍ଷେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏଥିସହିତ ସ୍ୱାଧିନତା ଆଣିବା ପାଇଁ ଯେଉଁ ବୀରପୁତ୍ରମାନେ କଠିନ ପରିଶ୍ରମ କରିଥିଲେ, ସେମାନଙ୍କ ସ୍ମୃତିଚାରଣ କରିଥିଲେ। ମନୋଜ ମଂଜରୀ ଶିଶୁ ଭବନର ସମ୍ପାଦକ ସତ୍ୟନାରାୟଣ ମିଶ୍ର ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ ନବୀକରଣରେ ଜେ.ଏସ.ଡବ୍ଲୁ ସହଯୋଗର ହାତ ବଢାଇଥିବାରୁ ଉପସ୍ଥିତ ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ମୋଦି ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ବା ୟୁଡିଆଇଡି ସାର୍ଟିଫିକେଟ ଅନଲାଇନରେ ଅଗଷ୍ଟ ମାସ ଶେଷ ସୁଦ୍ଧା କରିବାକୁ କହିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ରଥ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଜେ.ଏସ.ଡବ୍ଲୁ ଷ୍ଟିଲ ଲିଃ କର୍ପୋରେଟ କମ୍ୟୁନିକେସନ ଜିଏମ ବିଶ୍ୱରାଜ ଦଲଗଡେ, ସିଏସ୍ଆର ହେଡ୍ କେଦାର ନାଥ ଶର୍ମା, ସିଏସ୍ଆର ଡେପୁଟି ମ୍ୟାନେଜର ପାର୍ଥସାରଥି ବେଉରିଆ, ସିନିୟର ମ୍ୟାନେଜର ଯୁଗଳ କିଶୋର ବାରିକ, ଆସିଷ୍ଟାଣ୍ଟ ମ୍ୟାନେଜର ସତ୍ୟବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବଧିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରତ୍ନାକର ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

### —ଗଜରାଜଙ୍କ ପାଇଁ ସବୁଜ ସଂକଳ୍ପ—

## ଗଜରାଜଙ୍କ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଲେ ବନବାସୀ



ଭୁବନେଶ୍ୱର (ପିଏନ୍): ହାତୀ ପାଇଁ ଦିନଟିଏ। ଗଜରାଜଙ୍କ ସୁରକ୍ଷା ପାଇଁ ପ୍ରତିବର୍ଷ ଅଗଷ୍ଟ ମାସ ୧୨ ତାରିଖଟିକୁ ବିଶ୍ୱ ହସ୍ତୀ ଦିବସ ରୂପେ ପାଳନ କରାଯାଇଥାଏ। ପରିବେଶ ସନ୍ତୁଳନରେ ହାତୀ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। କିନ୍ତୁ ଏବେ ବିପଦରେ ଗଜରାଜ। କେତେବେଳେ ହାତୀ-ମଣିଷ ସଂଘର୍ଷ ଭିତରେ ଉଭୟଙ୍କ ଜୀବନ ଯାଉଛି ତ ଆଉ କେତେବେଳେ ବିଦ୍ୟୁତ୍ ଆଘାତରେ ତ ଆଉ କେତେବେଳେ ଟ୍ରେନ୍ ଧକ୍କାରେ ତ ଆଉ କେତେବେଳେ ଶିକାରୀ ଗୁଳିରେ ଜୀବନ ଯାଉଛି। ଯଦି କ୍ରମାଗତ ଭାବରେ ଏହିପରି ପ୍ରତ୍ୟେହ ଅଘଟଣ ଘଟି ଚାଲେ ତେବେ ଖୁବ୍ କମ୍ ଦିନରେ ଆମ ରାଜ୍ୟ ଗଜଶୂନ୍ୟ ହୋଇଯିବ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ଦିବସ ପାଳନ ଅବସରରେ ଚନ୍ଦକା-ଡ଼ମପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ରହିଥିବା ଆଦିବାସୀପଲ୍ଲୀ କନ୍ଦଲେଇଠାରେ ଏକ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରିବେଶବିତ୍ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବନବାସୀମାନେ ହାତୀମୁଖା ପିନ୍ଧି ନିଆରା ଢଙ୍ଗରେ ଜନ ସଚେତନତାର ବାର୍ତ୍ତା ବାଣ୍ଟିବା ସହ ଗଜରାଜଙ୍କ ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସଂପ୍ରତି ଜଙ୍ଗଲରେ ଖାଦ୍ୟାଭାବ ଯୋଗୁ ହାତୀ ଜନବସତି ମୁହାଁ ହେଉଛନ୍ତି। ଯଦ୍ୱାରା ଏମାନଙ୍କ ଜୀବନ ଅକାରଣେ ଚାଲିଯାଉଛି। ଖାଦ୍ୟ ଅଭାବ ଦୂର ପାଇଁ ଜଙ୍ଗଲରେ ସିଡ୍‌ସବଲ୍ ଅର୍ଥାତ୍ (ବିହନ ପେଣ୍ଡୁ) ମାଧ୍ୟମରେ ହାତୀର ପ୍ରିୟ ଖାଦ୍ୟ ଗଛ ସୃଷ୍ଟି ପାଇଁ ଏ ନେଇ ବନବାସୀମାନେ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication


## ମାଛଧରା ବୋଟ୍‌ରୁ ଖସିପଡି ମତ୍ସ୍ୟଜୀବୀ ମୃତ

ପାରାଦୀପ (ପିଏନ୍)-ପାରାଦୀପ ନେହେରୁ ବଙ୍ଗଳାସ୍ଥିତ ମାଛଧରା ବନ୍ଦରରେ ଏକ ମାଛଧରା ବୋଟ୍‌ରୁ ଖସିପଡି ଜନୈକ ମତ୍ସ୍ୟଜୀବୀଙ୍କର ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଯେ, ବିଳମ୍ବିତ ରାତିରେ ପାରାଦୀପ ମାଛଧରା ବନ୍ଦରରେ ଏକ ବୋଟ୍ ଲୋକନାଥ-୩ ବୋଟ୍‌ରେ ନିଜ କାମ ସାରି ଶୋଇବାକୁ ଯାଇଥିଲେ ଭଦ୍ରକ ଜିଲ୍ଲା ଧାମରା ନିକଟସ୍ଥ ବାଂଶଗଡା ଗ୍ରାମର ମଥୁରା ମାଝୀଙ୍କ ପୁଅ ମହେଶ୍ୱର ମାଝୀ। ଅସାବଧାନତା ଯୋଗୁଁ ମହେଶ୍ୱର ତଳକୁ ଖସି ପଡିଥିଲେ। ସ୍ଥାନୀୟ ମତ୍ସ୍ୟଜୀବୀମାନେ ବହୁ ଖୋଜାଖୋଜି କରିବା ପରେ ବି ମହେଶ୍ୱରଙ୍କର କୌଣସି ସନ୍ଧାନ ମିଳି ନଥିଲା। ଖବରପାଇ ଓଡ୍ରାଫ ଟିମ୍ ମାଛଧରା ବନ୍ଦରରେ ପହଂଚି ଖୋଜାଖୋଜି କରିଥିଲେ। ବହୁ ସମୟ ଖୋଜାଖୋଜି କରିବା ପରେ ମହେଶ୍ୱରଙ୍କ ମୃତଦେହ ଉଦ୍ଧାର କରିଥିଲେ। ମୃତ ମହେଶ୍ୱର ଲୋକନାଥ-୩ ବୋଟ୍‌ରେ କାମ କରୁଥିଲେ। ପାରାଦୀପ ମେରାଇନ୍ ପୋଲିସ୍ ଶବ ଜବତ ପରେ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ।

## ଗଂଜେଇ ଚୋରା ବ୍ୟବସାୟ କରୁଥିବା ଅଭିଯୋଗରେ ବ୍ୟବସାୟୀ ଗିରଫ

ପାରାଦୀପ (ପିଏନ୍)-ପାରାଦୀପ ମଧୁବନ ଅଂଚଳରେ ଚୋରା ଗଂଜେଇ ବ୍ୟବସାୟ କରୁଥିବା ଅଭିଯୋଗରେ ପାରାଦୀପ ଆଦର୍ଶ ଥାନା ପୋଲିସ ବ୍ୟବସାୟୀକୁ ଗିରଫ କରିବା ସହ ତା' ନିକଟରୁ ଦୁଇ କିଲୋ ଚାରିଶ ଗ୍ରାମ ମେରିଜୁଆନ୍ (ଗଂଜେଇ) ଜବତ କରିଛି। ପାରାଦୀପ ପୋଲିସ୍ ସୂତ୍ରରୁ ପ୍ରକାଶ ଯେ, ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ନଳରା ଗ୍ରାମର ରାଜକିଶୋର ପାତ୍ରଙ୍କ ପୁଅ ବାପି ଓରଫ ବାପିନା ପାତ୍ର (୩୮) ପାରାଦୀପ ମଧୁବନ କେବିନ୍ ମାର୍କେଟ୍ ସବଷ୍ଟେସନ୍ ନୂଆ ରାସ୍ତାରେ ଗଂଜେଇ ବ୍ୟବସାୟ କରୁଥିବା ଖବର ପାଇ ପାରାଦୀପ ଆଦର୍ଶ ଥାନା ପୋଲିସ୍ ସେଠାରେ ପହଂଚି ଅଭିଯୁକ୍ତକୁ ଗିରଫ କରିବା ସହ ତା' ନିକଟରୁ ୨.୪୦୦ ଗ୍ରାମ୍ ଚୋରା ଗଂଜେଇ ଜବତ କରିଥିଲା। ପରେ ପାରାଦୀପ ପୋଲିସ୍ ପକ୍ଷରୁ ୨୪୦/୨୨ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ପାରାଦୀପ ପୋଲିସ୍ ସୂତ୍ରରୁ ପ୍ରକାଶ।

## ସକାରାତ୍ମକ ଶ୍ରମ ହିଁ ସଫଳତା ଆଣି ଦେଇଥାଏ



ଫୁଲନଖରା (ପିଏନ୍)-କଟକ ସଦର ପ୍ରେସ କ୍ଲବ ତରଫରୁ ମାଟ୍ରିକ ପରୀକ୍ଷାରେ ସ୍ଥାନୀୟ ଅଞ୍ଚଳର ହାଇସ୍କୁଲ ଟପରମାନଙ୍କୁ ସମ୍ମାନିତ କରାଯାଇଛି। ଏହି ଉପଲକ୍ଷେ ପ୍ରତାପନଗରୀ ସ୍ଥିତ ଧାକୁଲେଇ ମଣ୍ଡପରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରେସ କ୍ଲବ ସଭାପତି ସୁରେନ୍ଦ୍ର ମହାପାତ୍ର ଅଧକ୍ଷତା କରି ସମ୍ପୃକ୍ତ ଅଞ୍ଚଳର କୃତୀ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରି ଶିକ୍ଷାର ବିକାଶ କରିବା ଆମ ଲକ୍ଷ୍ୟବୋଲି ମତ ଦେଇଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ପ୍ରଚାରକ ପଣ୍ଡିତ ଡଃ. କୃଷ୍ଣକେଶବ ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସର୍ବଦା ସକାରାତ୍ମକ ମନୋବୃତ୍ତି ନେଇ କାର୍ଯ୍ୟ ତଥା ପାଠ ପଢ଼ିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶିଷ୍ଟ ଲେଖିକା ତଥା ସ୍ତମ୍ଭକାର ଛନ୍ଦା ମିଶ୍ର ମୁଖ୍ୟବକ୍ତାଭାବେ ଅଂଶଗ୍ରହଣ କରି ଉଲ୍‌କା ପିଣ୍ଡ ପରି କ୍ଷଣସ୍ଥାୟୀ ପରିବର୍ତ୍ତେ ଧ୍ରୁବ ତାରା ପରି ସ୍ଥିର ଓ ଜାଜ୍ୱଲ୍ୟମାନ ହେବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଆଧାତ୍ମିକ ପ୍ରବକ୍ତା ତଥା ସ୍ତମ୍ଭକାର ଶ୍ରୀ ସନ୍ନ୍ୟାସୀ ଜୀ, ପଣ୍ଡିତ ଅଜୟକୁମାର ପତି ଓ ପ୍ରେସ କ୍ଲବ କାର୍ଯ୍ୟକାରୀ ସଭାପତି ଲଳିତକୁମାର ଦାଶ ସମ୍ମାନିତ ଅତିଥିରୂପେ ମଞ୍ଚାସୀନ ରହି ଉପସ୍ଥିତ ସମସ୍ତ ସଫଳ ବିଦ୍ୟାର୍ଥୀଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଦୀପ ପ୍ରଜ୍ଜ୍ୱଳନ ଓ ବେଦପାଠ ହୋଇଥିଲା। କାନନବିହାରୀ ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲାବେଳେ ରମେଶଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଡଃ. ଶରତକୁମାର ରଥ, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟି ସହ-ସମ୍ପାଦକ ବାଦଲକୁମାର ଜେନା, ପ୍ରଧାନଶିକ୍ଷକ ଚନ୍ଦ୍ରମଣି ପ୍ରଧାନ ଓ ଇଂ. ପ୍ରକାଶକୁମାର ସେଠୀଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ଓ ଶିକ୍ଷାବିତ୍ ଉତ୍ସବରେ ଉପସ୍ଥିତ ଥିଲେ। ଏହି ଅବସରରେ ୩୦ଟି ହାଇସ୍କୁଲର ମାଟ୍ରିକ ଟପରମାନଙ୍କୁ ପୁରସ୍କୃତ କରାଯିବା ସହିତ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ଗଜେନ୍ଦ୍ରନାଥ ଦାସ, ସତ୍ୟରଂଜନ ଦାସମହାପାତ୍ର, ଅମିତ କୁମାର ପରିଜା, ରାକେଶ କୁମାର ହୋତା, ଭବାନୀଶଙ୍କର ପାତ୍ର ଓ ଅଜୟ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ରାଜକିଶୋର ବେହେରା, ଧିରେନ୍ଦ୍ର ସାହୁ, ଶଶିଭୂଷଣ ଦାଶ ଓ ଅଜୟ କୁମାର ପାତ୍ର ସହଯୋଗ କରିଥିଲେ। ଶେଷରେ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




## ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଦୁଇ ଦିନିଆ ଜିଲ୍ଲା ସମ୍ମିଳନୀ : ଜିଲ୍ଲାର ବିକାଶ ପାଇଁ ସିପିଆଇ ଲଢିବ

ଜୟପୁର, (ପି.ଏନ): ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଦୁଇ ଦିନିଆ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି, ସୁକାନ୍ତି ଗୌଡ଼, ନରସିଂହ କମାରଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସଭା ପରିଚାଳନା କରିଥିଲେ । ମୃତ ପାର୍ଟି କର୍ମୀ, ନେତା ଏବଂ ଗଣ ଆନ୍ଦୋଳନ ତଥା ସମାଜସେବୀ ଓ କରୋନା ଏବଂ ଯୁଦ୍ଧରେ ନିହତ ବ୍ୟକ୍ତି ବିଶେଷଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସମ୍ମିଳନୀକୁ ରାଜ୍ୟ କମ୍ୟୁନିଷ୍ଟ ପାର୍ଟିର ସମ୍ପାଦକ ମଣ୍ଡଳୀ ସଭ୍ୟ ପ୍ରଶାନ୍ତ କୁମାର ପାଙ୍ଗଯୋଶୀ ଉଦଘାଟନ କରି ମୋଦୀ ସରକାରର ଜନବିରୋଧୀ ନୀତି ବିରୋଧରେ ଗଣ ସଂଗ୍ରାମ ପାଇଁ ଶାଖା ଗୁଡ଼ିକୁ ରାଜନୈତିକ ଭାବେ ଶକ୍ତିଶାଳୀ କରିବା ପାଇଁ ଆହ୍ୱାନ ଦେଇଥିଲେ । ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳ ପାର୍ଟିର ରିପୋର୍ଟ ପ୍ରଦାନ କରିବା ପରେ ରାଜ୍ୟ ପାର୍ଟି ର ସହ ସମ୍ପାଦକ କ୍ଷୀରୋଦ ସିଂଦେଓ ରାଜନୈତିକ ସାଂଗଠନିକ ବିଷୟ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ସମ୍ପାଦକଙ୍କ ରିପୋର୍ଟ ଉପରେ ପାର୍ଟିର ବିଭିନ୍ନ ଶାଖାର କର୍ମୀମାନେ ଆଲୋଚନା କରିଥିଲେ ।ସମ୍ମିଳନୀରେ ଆହ୍ୱାନ ଦିଆଯାଇଛି ଯେ, ଜନବିରୋଧୀ ମୋଦୀ ସରକାରକୁ ହଟେଇବା ପାଇଁ ସମସ୍ତ ବାମପନ୍ଥୀ ଗଣତାନ୍ତ୍ରିକ ଦଳ ମାନଙ୍କୁ ନେଇ ଐକ୍ୟବଦ୍ଧ ଆନ୍ଦୋଳନ କରିବା ସମୟର ଆହ୍ୱାନ । ୨୦୧୪ ମସିହାରେ ମୋଦୀ ସରକାର ଶାସନକୁ ଆସିବା ଆଗରୁ ଆଛାଦିନର କଥା, ଦରଦାମ୍ କମ୍ କରିବା, ବେକାରଙ୍କୁ ନିଯୁକ୍ତି ଦେବା ଏଭଳି ଅନେକ ମନଛୁଆଁ ସ୍ଲୋଗାନ ଦେଇ ଆସିବା ପରେ ତାର ସମ୍ପୂର୍ଣ୍ଣ ବିପରୀତ କାର୍ଯ୍ୟ କରିଛନ୍ତି । ସବୁଠାରୁ ଉଦବେଗଜନକ ବିଷୟ ହେଉଛି ଆର୍ ଏସ୍ ଏସ୍ ର ଏଜେଣ୍ଡାକୁ କାର୍ଯ୍ୟକାରୀ କରିବାକୁ ଯାଇ ଏ ଦେଶରେ ଫାଶିବାଦୀ ବିଚାରଧାରାକୁ ପ୍ରୋତ୍ସାହନ ଦିଆଯାଉଛି । ଦେଶରେ ତୀବ୍ର ଘୃଣାର ପରିବେଶ ସୃଷ୍ଟି ହୋଇଛି । ଧର୍ମ ସଂସଦ ଆୟୋଜନ କରି ସମ୍ବିଧାନର ମୂଳ ଢାଂଚା ଧର୍ମନିରପେକ୍ଷତା ଓ ସମାଜବାଦ ବଦଳରେ ହିନ୍ଦୁ ରାଷ୍ଟ୍ର ପରିକଳ୍ପନାର ବିଚାରଧାରାକୁ ପ୍ରୋତ୍ସାହନ ଦିଆଯାଉଛି । ଜନସାଧାରଣଙ୍କ ମୌଳିକ ସମସ୍ୟା, ଦରଦାମ୍ ବୃଦ୍ଧି ରୋକିବା, ବେକାର ମାନଙ୍କୁ ନିଯୁକ୍ତି ଦେବା, ମାଗଣା ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଆଲୋଚନା ନହୋଇ ବିଶେଷ କରି ହିନ୍ଦୁ ମୁସଲମାନ ଚିନା ପାକିସ୍ତାନ ତର୍କ ପ୍ରତିଯୋଗିତା ଚାଲିଛି । ଧର୍ମୀୟ ମୌଳବାଦ ଉଗ୍ର ରୂପ ଧାରଣ କରିଛି । ଭାରତୀୟ କମ୍ୟୁନିଷ୍ଟ ପାର୍ଟି ବିଜେପିର ନେତୃତ୍ୱକୁ ବିରୋଧ ତାର ବିଚାର ଧାରା ବିରୁଦ୍ଧରେ ଦେଶର ଐକ୍ୟ ଅଖଣ୍ଡତା ସମ୍ବିଧାନ ସୁରକ୍ଷା ପାଇଁ ଅହରହ ଉଦ୍ୟମ କରିବ । କଳା କୃଷି ଆଇନ୍ ବିରୁଦ୍ଧରେ କୃଷକ ମାନଙ୍କର ବର୍ଷାଧିକ କାଳ ଆନ୍ଦୋଳନ ମୋଦୀ ସରକାରକୁ ବାଧ କରିଛି ତାକୁ ବାତିଲ୍ କରିବା ପାଇଁ । ସକଳ ଖାଦ୍ୟ ପଦାର୍ଥ ଉପରେ ଟିକସ ବୃଦ୍ଧି କରିଛି । ଓଡ଼ିଶାର ବିଜେଡି ସରକାର କୋଡ଼ିଏ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଶାସନ କରୁଥିଲେ ମଧ୍ୟ ବେକାରୀ ସମସ୍ୟା ବୃଦ୍ଧି ପାଇଛି, ଯେଉଁଥିପାଇଁ କି ଦାଦନ ଶ୍ରମିକ ରାଜ୍ୟ ଭାବେ ଓଡ଼ିଶା ପରିଗଣିତ ହେଉଛି । ସମସ୍ତଙ୍କୁ ମାଗଣା ଶିକ୍ଷା, ସ୍ୱାସ୍ଥ୍ୟ ସେବା, ଯୋଗାଇ ଦେବା ସହ ଜମି ଜଳ ଜଙ୍ଗଲର ଅଧିକାର ପାଇଁ ସଂଗ୍ରାମ କରିବାକୁ ସମ୍ମିଳନୀରେ ପ୍ରସ୍ତାବ ନେଇଛନ୍ତି । ସେବା କାଗଜ କଳକୁ ଶୀଘ୍ର ସ୍ୱାଭାବିକ କରି ଶ୍ରମିକ ମାନଙ୍କ ବକେୟା ପାଉଣା ସହ ପୂର୍ଣ୍ଣ ମଜୁରୀ ପ୍ରଦାନ କରିବା, ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ପି ଏଫ୍ ଓ ପେନସନ ସୁବିଧା, ଜଗନ୍ନାଥ ସାଗରକୁ ବ୍ରହ୍ମପୁର ରାମଲିଙ୍ଗେଶ୍ୱର ବନ୍ଧ ଭଳି ପୁନରୁଦ୍ଧାର କରିବା ପାଇଁ ପ୍ରସ୍ତାବ ନିଆଯାଇଛି ।ସମ୍ମିଳନୀରେ ଏକୋଇଶି ଜଣିଆ ଜିଲ୍ଲା ପରିଷଦ ଗଠନ କରାଯାଇଛି ଏବଂ ୯ ଜଣିଆ କାର୍ଯ୍ୟକାରୀ କମିଟି ପ୍ରମୋଦ କୁମାର ମହାନ୍ତି, ଯୁଧିଷ୍ଠିର ରାଉଳ, ରାମକୃଷ୍ଣ ଦାସ, ବଳରାମ ନାୟକ, କୁମର ଜାନୀ, ଉତମ ମଲ୍ଲିକ, ପ୍ରଭୁନନ୍ଦ ମୁଦୁଲି, ସୁକାନ୍ତି ଗୌଡ଼ଙ୍କୁ ନେଇ ଗଠିତ ହୋଇଛି । ଆଗାମୀ ତିନି ବର୍ଷ ପାଇଁ ଯୁଧିଷ୍ଠିର ରାଉଳ ଜିଲ୍ଲା ସମ୍ପାଦକ ଓ କୁମର ଜାନୀ ଏବଂ ପ୍ରଭୁନନ୍ଦ ମୁଦୁଲି ସହ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି । କୋଷାଧକ୍ଷ ଭାବେ ପ୍ରମୋଦ କୁମାର ମହାନ୍ତି ଦାୟିତ୍ୱ ନିର୍ବାହ କରିବେ । ସମ୍ମିଳନୀ ପରେ ଆନ୍ତର୍ଜାତିୟ ସଙ୍ଗୀତ ଗାନ କରି ପତାକା ଅବତରଣ କରାଯାଇଥିଲା ।

## ଭୋଟର ପରିଚୟପତ୍ର ସହ ଆଧାର ସଂଯୋଗ କର୍ମଶାଳା

ଭଦ୍ରକ, (ପି.ଏନ): ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ପକ୍ଷରୁ ନୟନମଣି ମହିଳା ମହାବିଦ୍ୟାଳୟ ଓ ବାରିକପୁର କଲେଜରେ ଆଜି ଭୋଟର ପରିଚୟପତ୍ର ସହ ଆଧାର ସଂଯୋଗ କର୍ମଶାଳା ଅନଷ୍ଠିତ ହୋଇଯାଇଛି । ନୟନମଣି ମହିଳା ମହାବିଦ୍ୟାଳୟରେ ବିଡିଓ ତଥା ଅତିରିକ୍ତ ଭୋଟର ପଞ୍ଜିକରଣ ଅଧିକାରୀ ଦେବଦତ୍ତ ଦାଶ, ତହସିଲଦାର ସରୋଜକାନ୍ତ ନାୟକ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମୀନକେତନ ବାରିକ, ଅର୍ଥ ଅଧିକାରୀ ଗିରିଜା ଶଙ୍କର ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ନରେନ୍ଦ୍ର କୁମାର ରାଉତ ଓ ନିର୍ବାହୀ ଅଧିକାରୀ ବିକ୍ରମ ସାହୁ, ପୂର୍ବତନ ସରପଞ୍ଚ ଜଗବନ୍ଧୁ ଦାସ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ମୋବାଇଲ ଆପ ଯୋଗେ ଭୋଟର ପରିଚୟପତ୍ର ସହ ଆଧାର ସଂଯୋଗ ପ୍ରଣାଳୀ ପ୍ରଦର୍ଶନ କରି ପ୍ରତ୍ୟେକ ଭୋଟର ପରିଚୟପତ୍ର ସହ ଆଧାର ସଂଯୋଗରେ ସହାୟକ ହେବାକୁ ସଚେତନ ହେବା ପାଇଁ ପରାମର୍ଶ ଦେଇଥିଲେ । ସେହିପରି ବାରିକପୁର ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ଅଧକ୍ଷ ରମେଶ ବେହୁରିଆଙ୍କ ସଂଯୋଜନାରେ ଛାତ୍ରଛାତ୍ରୀମାନଙ୍କୁ ନିର୍ବାଚନ ଆୟୋଗଙ୍କ ନିଷ୍ପତ୍ତିକୁ ଲକ୍ଷ୍ୟପୂର୍ଣ୍ଣ ଭାବେ ହାସଲ କରିବାକୁ ସହଯୋଗ ଲୋଡିଥିଲେ ।

## ତ୍ରୁଟିପୂର୍ଣ୍ଣ ଲିଗାଲ ହେୟାର ପ୍ରମାଣପତ୍ର ପ୍ରଦାନ ପାଇଁ ତହସିଲଦାର ଓ ଆରଆଇଙ୍କ ନାମରେ ମାମଲା

ଭଦ୍ରକ, (ପି.ଏନ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ତହସିଲଦାର ସରୋଜକାନ୍ତ ନାୟକ ଓ ଭଣ୍ଡାରିପୋଖରୀ ରାଜସ୍ୱ ନିରୀକ୍ଷକ ନରେଶ କୁମାର ମହାନ୍ତି, ପିତବାସ ଦାସ, ହରିହର ଦାସଙ୍କ ସମେତ ୧୩ ଜଣଙ୍କ ନାମରେ ମାମଲା ଭଣ୍ଡାରିପୋଖରୀ ଥାନାରେ ରଜୁ ହୋଇଛି । ବୟାବନାପୁର ଗ୍ରାମର ଦେବେନ୍ଦ୍ର ଦାସଙ୍କ ଅଭିଯୋଗ କ୍ରମେ ଥାନାରେ ଗତ ୨୧ ତାରିଖରେ ୩୦୨/୨୨ ନଂ ମାମଲା ବିଭିନ୍ନ ଦଫାରେ ମାମଲା ରଜୁ କରାଯାଇଛି । ସବଇନିସପେକ୍ଟର ବି.ଏନ. ସୋରେନ ମାମଲାର ତଦନ୍ତ ଚଳାଇଥିବା ଜଣାଯାଇଛି । ଅଭିଯୋଗ ଅନୁଯାୟୀ ଆର.ଆଇ ରିପୋର୍ଟ ବଳରେ ଅଣ ଜେଜେବାପା ଅନାଦି ଚରଣ ଦାସଙ୍କ ଉତ୍ତରାଧିକାରୀ ପ୍ରମାଣପତ୍ରରୁ ବୟାବନାପୁର ଗ୍ରାମର ଦେବେନ୍ଦ୍ର କୁମାର ଦାସ ଓ ଅନ୍ୟମାନଙ୍କ ନାମ ଚଞ୍ଚକତା କରି ନାମକାଟି ଦେବା ବିରୋଧରେ ଦେବେନ୍ଦ୍ର ଏତାଲା ଦେଇଥିଲେ । ମାମଲା ରଜୁ ପାଇଁ ୩ ଦିନ ସମୟ ଆବଶ୍ୟକ ବୋଲି ପୁଲିସ କହିଥିବା ନେଇ ଏତାଲାକାରୀ ଦେବେନ୍ଦ୍ର ସୂଚନା ଦେଇଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ ବୟାବନାପୁର ଗ୍ରାମର ମୃତ ଅନାଦି ଦାଶଙ୍କ ୩ ପୁତ୍ର ଓ ଗୋଟିଏ କନ୍ୟା ରହିଛି । ମୃତ ଅନାଦିଙ୍କର ରଣଜିତ ରାଜସ୍ୱ ସର୍କଲ ଅଧିନ ଭୂତିଆ ମୌଜାରେ ୧୬ ଖାତା ପ୍ଲଟ ନଂ ୩୯୧ରେ ୩୩ ଡେସିମିଲ ଜମି ରହିଛି । ବନ୍ଦବୋସ୍ତରେ ଉକ୍ତ ଜମିର ଯାଦସ୍ତ ପର୍ଯ୍ୟାୟ ଉତ୍ତରାଧିକାରୀ ୧ମ ପୁତ୍ର ମୃତ ରାମଚନ୍ଦ୍ରଙ୍କ ପୌତ୍ର(ଅନାଦିଙ୍କ ବଡ ପୁତ୍ରଙ୍କ ନାତି) ସୁରେନ୍ଦ୍ର, ୨ୟ ପୁତ୍ର ଲକ୍ଷ୍ମୀଧର ଓ ୩ୟ ପୁତ୍ର ହରିହର ନାମରେ ହୋଇଥିଲେ ବି କୌଣସି କାରଣରୁ ପଟ୍ଟା ମୃତ ଅନାଦିଙ୍କ ନାମରେ ମିଳିଥିଲା । ଯାଦସ୍ତରେ ୨ୟ ପୁତ୍ର ଲକ୍ଷ୍ମୀଧରକୁ ବାଦ ଦେବାକୁ ମଧ୍ୟ ସୁପାରିଶ ହୋଇଥିଲା । କାରଣ ୨ୟ ପୁତ୍ର ଲକ୍ଷ୍ମୀଧର ଅବିବାହିତ ଓ ବିନାକୌଣସି ଉତ୍ତରାଧିକାରୀରେ ମୃତ୍ୟୁବରଣ କରିଥିଲେ । ଗତ ଫେବୃୟାରୀ ମାସରେ ହରିହରଙ୍କ ପୁତ୍ର ପୀତବାସ ଜେଜେ ଅନାଦିଙ୍କ ଲିଗାଲ ହେୟାର ପାଇଁ ଦରଖାସ୍ତ କରିବା ସହ ଏକମାତ୍ର ହରିହରଙ୍କୁ ଉତ୍ତରାଧିକାରୀ ଭାବେ ସତ୍ୟପାଠ କରିଥିଲେ । ଏହା ଉପରେ ତଦନ୍ତ କରି ଭଣ୍ଡାରିପୋଖରୀ ଆର.ଆଇ. କେତେକ ଗ୍ରାମବାସୀଙ୍କ ଜମାନବନ୍ଦୀ ଆଧାରରେ ୩ୟ ପୁତ୍ର ହରିହର ଓ ଅନାଦିଙ୍କ ମୃତ କନ୍ୟା ରାଧାଙ୍କ ୩ ଝିଅ ଓ ପୁତ୍ରଙ୍କୁ ଉତ୍ତରାଧିକାରୀ ଭାବେ ଦର୍ଶାଇ ତହସିଲଦାରଙ୍କୁ ରିପୋର୍ଟ ଦେଇଥିଲେ । ତଦନୁଯାୟୀ ଲିଗାଲ ହେୟାର(ଉତ୍ତରାଧିକାରୀ) ପ୍ରମାଣପତ୍ର ୫ଜଣଙ୍କୁ ମିଳିଥିଲା । ଉକ୍ତ ଲିଗାଲ ହେୟାର ଅନୁଯାୟୀ ଭୂତିଆ ଜମିକୁ ଥଇଳାର ପୂର୍ଣ୍ଣଚନ୍ଦ୍ର ମାଝୀଙ୍କୁ ବହୁମୂଲ୍ୟରେ ବିକ୍ରି କବଲା କରି ଦିଆଯାଇଥିଲା । ଲିଗାଲ ହେୟାର ପ୍ରମାଣପତ୍ରରୁ ଅନାଦିଙ୍କ ମୃତ ବଡପୁଅ ରାମଚନ୍ଦ୍ରଙ୍କ ୫ପୁଅ ଓ ୩ ଝିଅଙ୍କୁ ଉଦ୍ଦେଶ୍ୟମୁଳକ ଭାବେ ବାଦ ଦିଆଯାଇ ଏକ ତୃତୀୟାଂଶ ସମ୍ପତ୍ତିରୁ ବଞ୍ଚିତ କରାଯାଇଛି ବୋଲି ଅଭିଯୋଗ ହୋଇଛି । ଏଥି ପାଇଁ ଅଭିଯୋଗକାରୀ ଦେବେନ୍ଦ୍ର ଗତ ୧୯୪୯ମସିହା ନଭେମ୍ବର ୧୦ ତାରିଖରେ ଅନାଦି ଚରଣ ଦାଶଙ୍କ ପୁତ୍ର ଭାବେ ରାମଚନ୍ଦ୍ର ଓ ହରିହର ମିଳିତ ଭାବେ ମାଳତୀ ଦେବୀଙ୍କୁ ଜମି ବିକ୍ରୟ ପାଇଁ ସମ୍ପାଦନ କରିଥିବା କବଲା ଓ ବୟାବନାପୁର ମୌଜାର ଥିବା ୯୯୫ ଖାତାର ଜମି ପଟ୍ଟାକୁ ପ୍ରମାଣ ଭାବେ ଉପସ୍ଥାପନ କରିଛନ୍ତି ।

## ସିନାପାଲି ରେ ଦିନ ଦୟାଲ ଗ୍ରାମୀଣ କୌଶଳ ଯୋଜନାର କର୍ମ ନିଯୁକ୍ତି ମେଳା ଅନୁଷ୍ଠିତ

ନୂଆପଡ଼ା, (ପି.ଏନ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅଗ୍ନିଶମ ପଡିଆ ଠାରେ ଦିନ ଦୟାଲ ଗ୍ରାମୀଣ କୌଶଳ ଯୋଜନାର କର୍ମ ନିଯୁକ୍ତି ମେଳା ଅନୁଷ୍ଠିତ । ଏ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବ୍ଲକ ଉପାଅଧକ୍ଷା ମିନା ଘିଭେଲା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ସଦାଶିବ ନାଏକ, ନୂଆପଡ଼ା ଜିଲ୍ଲା ସଂଯୋଜକ କମଳାକାନ୍ତ ରଥ, ୟୁନିସେଫ ର ଫ୍ଵାସ୍ ଫାଇନନ୍ସିଂ କଂଶଲ୍ଟେଣ୍ଟ ଶ୍ରୀ ଦୀପକ ପଟ୍ଟନାୟ, ବିପିଏମ୍ ଶରତ ଚନ୍ଦ୍ର ଦୀପ, ବିଏଲ୍ ସି, ରୋହିତ କୁମାର ସୁନାନି ଯୋଗ ଦେଇଥିଲେ । କର୍ମଶାଳାକୁ ରୁପେଶ ମେହେର ପରିଚାଳନା କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ କମଳାକାନ୍ତ ରଥ ଉପସ୍ଥିତ ସୁଯୋଗ ଉପରେ କହିଥିଲେ । ବ୍ଲକର ୨୭ ଗୋଟି ଗ୍ରାମପଞ୍ଚାୟତର ଶିକ୍ଷିତ ଯୁବକ ଯୁବତୀ ବେରୋଜଗରୀ ବହୁ ମାତ୍ରାରେ ଅଂଶ ଗ୍ରହଣ କରିଥିଲେ । ଦିନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନାରେ ବିନା ମୂଲ୍ୟରେ ତାଲିମ ନେଇ ନିଜର ରୋଜଗାର ପନ୍ଥା ବଢିବ ଏ ନେଇ ବ୍ଲକ ଉପାଅଧକ୍ଷ । , ବିଡିଓ ଓ ବିପିଏମ ଉପସ୍ଥିତ ଥିଲେ ।

## ଧାମନଗରରେ ବନ୍ୟା ନିୟନ୍ତ୍ରଣ ଯୋଜନା, ଅନିଚ୍ଛାକୃତ ଭାବେ ମୁକୁଳା ରଖାଯାଇଛି, ବନ୍ୟାରେ ୧୦୮ ଗ୍ରାମର ୬୨୦୨ ହେକ୍ଟର ଚାଷଜମି ଜଳମଗ୍ନ

ଭଦ୍ରକ, (ପି.ଏନ): ଏହି ଜିଲାର ଧାମନଗର ବ୍ଲକ୍ର ପ୍ରବାହିତ ବୈତରଣୀ ଏବଂ ତାର ଶାଖା କୋଚିଳା ନଦୀରେ ବର୍ଷା ଦିନରେ ସାମାନ୍ୟ ବନ୍ୟା ଆସିଲେ ଧାମନଗର ବ୍ଲକ୍ରେ ୨୬ ପଂଚାୟତ ଚାଷଜମି ଜଳମଗ୍ନ ହୋଇଯାଏ । ଦୁଇ ନଦୀର ମଧ୍ୟବର୍ତ୍ତୀ ଅଂଚଳରେ ଥିବା ହସନାବାଦ, ଅର୍ଜୁନପୁର ଏବଂ ପଧାନୀ ପଂଚାୟତର ବିଭିନ୍ନ ଗାଁ ଗଣ୍ଡା ବନ୍ୟା ପ୍ଲାବିତ ହୋଇ ଗାଁରେ ବସବାସ କରୁଥିବା ଲୋକେ ଅକଥନୀୟ ଦୁର୍ଦ୍ଦଶା ଭୋଗିଥାନ୍ତି । ପ୍ରତିବର୍ଷ ବର୍ଷାଦିନରେ ଗାଁରେ ଲାଗି ରହିଥିବା ବନ୍ୟା ସମସ୍ୟାର କିପରି ସ୍ଥାୟୀ ସମାଧାନ ହେବ, ତାହାର ବାଟ ଫିଟୁନି । ଏ କ୍ଷେତ୍ରରେ ଜଳସଂପଦ ବିଭାଗର ବଡ ବଡ ଅଧୀକ୍ଷଣ ଯନ୍ତ୍ରୀ ଫେଲ୍ ମାରିଥିବା ଜଣାଯାଇଛି । ଧାମନଗର ବ୍ଲକ୍ ଅଂଚଳରେ ପ୍ରବାହିତ ହେଉଥିବା ବୈତରଣୀ ନଦୀର ଶାଖା ହେଉଛି କୋଚିଳା ନଦୀ । ଆଠଘରିଆ ଠାରୁ କୋଚିଳା ନଦୀର ଉତ୍ପତ୍ତି ସ୍ଥଳ । ଦୁଇ ନଦୀର ଭୌଗୋଳିକ ସ୍ଥିତିକୁ ଲକ୍ଷ୍ୟକଲେ ଆଠଘରିଆ ଠାରୁ ବୈତରଣୀରୁ ବାହାରି ଥିବା କୋଚିଳା ନଦୀ ଉତ୍ତର ଦିଗରେ ପ୍ରବାହିତ ହେଉଛି । ସେହିପରି ଆଠଘରିଆ ଠାରୁ ବୈତରଣୀ ନଦୀ ତାର ଗତିପଥ ବଦଳାଇ କୋଚିଳାର ବିପରୀତ ଦକ୍ଷିଣ ଦିଗରେ ପ୍ରବାହିତ ହେଉଛି । ଏପରି ଦୁଇନଦୀ ତଳକୁ ପ୍ରାୟ ୧୧ କିମି ଗଲାପରେ ବ୍ଲକ୍ ଗାନ୍ଧି ଘାଟ ନିକଟରେ ବୈତରଣୀ ନଦୀ ସହ କୋଚିଳା ନଦୀର ସଂଯୋଗ ହୋଇ ତଳକୁ ପ୍ରବାହିତ ହେଉଛି । ଏହି ଦୁଇ ନଦୀର ମଧ୍ୟବର୍ତ୍ତୀ ଅଂଚଳରେ ରହିଛି ହସନାବାଦ, ଅର୍ଜୁନପୁର, ପଧାନୀ ପଂଚାୟତର ବାଲିପାଟଣା, ବ୍ରହ୍ମଚାରୀ ପାଟଣା, ମୁକ୍ତାନଗର, ମଠସାହି, ତରେଇ ସାହି, ମମଦୁଲା ଅର୍ଜୁନପୁର, ଅସ୍ତକ, ତଳ ଅସ୍ତକ, ଅନଳଡିହ, ହସନାବାଦ, ପଙ୍ଗଟା ଶାସନ ପ୍ରଭୃତି ଗ୍ରାମ ସମସ୍ୟା ଏପରି ବୈତରଣୀ ଏବଂ କୋଚିଳା ନଦୀର ଉଭୟ ପାର୍ଶ୍ୱ ଆଡି ବନ୍ଧ ଉପର ମୁଣ୍ଡରୁ ସୁଦୃଢୀକରଣ ହୋଇ ଆସିଥିବାବେଳେ ବୈତରଣୀର ତଳମୁଣ୍ଡ ଜଳ ଅସ୍ତକ ନିକଟରେ ବନ୍ଧର ଉତ୍ତର ପାଖ ଏବଂ କୋଚିଳା ନଦୀର ଅନଳଡିହ ନିକଟରେ ବନ୍ଧର ଦକ୍ଷିଣ ପାଖ ପ୍ରାୟ ୧ କିମି ଆଡି ବନ୍ଧ ନିର୍ମାଣ କାର୍ଯ୍ୟ ଅନିଚ୍ଛାକୃତ ଭାବେ ବନ୍ଧ ରଖାଯାଇଛି । ଯାହାଫଳରେ ବର୍ଷାଦିନରେ ଉଭୟ ନଦୀର ସାମାନ୍ୟ ବନ୍ୟା ଆସିଲେ ବନ୍ଧର ମୁକୁଳା ବାଟ ଦେଇ ତଳମୁଣ୍ଡରୁ ବନ୍ୟା ପାଣି ଉପର ମୁଣ୍ଡକୁ ଠେଲି ମଧ୍ୟବର୍ତ୍ତୀ ଅଂଚଳର ଥିବା ତିନି ପଂଚାୟତର ବିସ୍ତୃତ ଅଂଚଳ ଚାଷଜମି, ବିଭିନ୍ନ ଗ୍ରାମ, ରାସ୍ତାଘାଟ ବନ୍ୟା ପ୍ଲାବିତ ହୋଇ ଲୋକେ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି । ଗାନ୍ଧିଘାଟ ନିକଟରେ ନଦୀବନ୍ଧ ନିର୍ମାଣ କରାନଯିବାର ମୁଖ୍ୟକାରଣ ହେଲା ହସନାବାଦ ଏବଂ ଅର୍ଜୁନପୁର ପଂଚାୟତର ସୀମାବର୍ତ୍ତୀ ଅଂଚଳର ପ୍ରବାହିତ ବୈତରଣୀର ଉତ୍ତର ପାଖ ଆଡି ବନ୍ଧ ଏବଂ କୋଚିଳାର ଦକ୍ଷିଣ ପାଖ ଆଡି ବନ୍ଧ ଯଦି ବନ୍ୟାରେ ଭାଙ୍ଗିଯାଏ, ତାହେଲେ ସମସ୍ତ ବନ୍ୟାପାଣି ନଦୀର ତଳମୁଣ୍ଡ ଗାନ୍ଧି ଘାଟ ନିକଟରେ ବନ୍ଧ ନଥିବା ବାଟ ଦେଇ ତଳକୁ ନିଷ୍କାସିତ ହୋଇପାରିବ । ଏହାଦ୍ୱାରା ନଦୀ ମଧ୍ୟବର୍ତ୍ତୀ ଅଂଚଳର ବସବାସ କରୁଥିବା ଲୋକେ ମହାବିପତ୍ତିରୁ ରକ୍ଷା ପାଇବେ । ତେବେ ଗାନ୍ଧି ଘାଟ ନିକଟରେ ଅସଂପୂର୍ଣ୍ଣ ଥିବା ଦୁଇ ନଦୀର ଆଡି ବନ୍ଧକୁ ଯଦି ପୂର୍ଣ୍ଣାଙ୍ଗ କରାଯିବ, ତାହେଲେ ବନ୍ୟା ପାଣି ସ୍ରୋତ ଚାଲିବ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବନ୍ୟା ଜଳ ଏପରିକି ଅଧିକ ବର୍ଷା ହେଲେ ସେହି ବର୍ଷା ଜଳ ନିଷ୍କାସନ ହେବା ପାଇଁ ଗାନ୍ଧିଘାଟ ନିକଟରେ ନଦୀବନ୍ଧ ମୁକୁଳା ରଖିବା ବ୍ୟତୀତ ଆଉ ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନାହିଁ । ଯାହା ଭୌଗୋଳିକ ସ୍ଥିତିରୁ ଜଣାଯାଇଛି । ଏଭଳି ସ୍ଥିତିକୁ ନେଇ ଅଂଚଳବାସୀ ତ୍ରାହି ତ୍ରାହି ଡାକୁଥିବାବେଳେ ଜଳସଂପଦ ବିଭାଗ କର୍ତ୍ତୃପକ୍ଷ ଦ୍ୱନ୍ଦ୍ୱରେ ଅଛନ୍ତି । ସେହିପରି ଚଳିତବର୍ଷ ଧାମନଗର ବ୍ଲକ୍ରେ ଦ୍ୱିତୀୟ ବନ୍ୟାରେ ଏବେ ସ୍ଥିତି ସଂଗୀନ ହୋଇପଡିଛି । ନଦୀର ଉପର ମୁଣ୍ଡରେ ବନ୍ୟା ଛାଡିଥିଲେ ମଧ୍ୟ ତଳିଆ ଅଂଚଳରେ ବନ୍ୟା ଜଳ କମିବାରେ ନା ଧରୁନି । ବ୍ଲକ୍ର ୧୯ ଟି ପଂଚାୟତରେ ଏବେ ବନ୍ୟା ଘେରରେ ଲୋକମାନେ ରହିଥିବାବେଳେ ଅନଳଡିହ, ହସନାବାଦ, ପଙ୍ଗଟା, ନୂଆସାହି ଗ୍ରାମ ଏବେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡିଛି । ଅନେକ ସ୍ଥାନରେ ଏବେ ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ବନ୍ୟା ବିପନ୍ନଙ୍କୁ ଦିଆଯାଇଛି । ବ୍ଲକ୍ର ୨୬ ପଂଚାୟତର ୧୦୮ ଟି ଗ୍ରାମର ୬ ହଜାର ୨୦୨ ହେକ୍ଟର ଚାଷ ଜମିରେ ବନ୍ୟା ପ୍ଲାବିତ ହୋଇଥିବା କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିବାବେଳେ ବନ୍ୟା ଛାଡିବା ପରେ ରାଜସ୍ୱ ଓ କୃଷି ବିଭାଗର ମିଳିତ ଭାବେ କ୍ଷେତ୍ରୀୟ ଆକଳନ କରାଯିବ ବୋଲି କୃଷି ଅଧିକାରୀ ସୂଚନା ଦେଇଛନ୍ତି ।

## ବିଧାୟକଙ୍କ ଭୀମ ଭୋଇ ମେଡିକାଲ କଲେଜ ପରିଦର୍ଶନ

ବଲାଙ୍ଗିର,(ପି.ଏନ): ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ରେ ବିଜୁଳି, ପାଣି ଓ ଅନ୍ୟାନ୍ୟ ଭିତ୍ତିଭୂମି ରେ ଥିବା ସମସ୍ୟା ସବୁର ସମାଧାନ କରିବା ପାଇଁ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର କଲେଜ ପରିସରରେ ଏକ ବୈଠକ କରିଛନ୍ତି । ମେଡିକାଲ କଲେଜରେ ଥିବା ସମସ୍ୟାକୁ ନେଇ ବିଗତ ଦିନରେ କଲେଜ ଛାତ୍ର ସଂସଦ ତରଫରୁ ବିଧାୟକଙ୍କୁ ଭେଟି ଡାକ୍ତରି ଛାତ୍ରମାନେ ଅସୁବିଧା ସମ୍ପର୍କରେ ଜଣାଇଥିଲେ । ଯାହାକୁ ନେଇ ବିଧାୟକ ଶ୍ରୀ ମିଶ୍ର ଆଜି ଜନସ୍ୱାସ୍ଥ୍ୟ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ପାର୍ବତି ମୋହନ ପରିଡା, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାୟକ ଏବଂ ବିଜୁଳି ବିଭାଗିୟ ନିର୍ବାହୀ ଯନ୍ତ୍ରୀଙ୍କୁ ନେଇ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ଆଲୋଚନା ବେଳେ ମେଡିକାଲ କଲେଜ ଡିନ୍ ଡା. ସବିତା ମହାପାତ୍ର ଏବଂ ଭାଇସପ୍ରିନ୍ସିପାଲ ଡା. ମାନସୀ ପଣ୍ଡା କଲେଜରେ ବିଜୁଳି ଓ ପିଇବା ପାଣିକୁ ନେଇ ଥିବା ସମସ୍ୟା ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ ବିଭାଗ ତରଫରୁ ଏହାର ସମାଧାନ ପାଇଁ କୌଣସି ତତ୍ପରତା ପ୍ରକାଶ ପାଉନାହିଁ ବୋଲି କହିଥିଲେ । ଏପରି କି ପାଠ ପଢୁଥିବା ଡାକ୍ତରୀ ଛାତ୍ରୀମାନେ ପର୍ଯ୍ୟାପ୍ତ ହଷ୍ଟେଲ ନ ଥିବା କୁ ନେଇ ବିଧାୟକ ଶ୍ରୀ ମିଶ୍ରଙ୍କ ଆଗରେ ଅଭିଯୋଗ ବାଢିଥିଲେ । ଏ ସମସ୍ୟାକୁ ନେଇ ଶ୍ରୀ ମିଶ୍ର ସ୍ୱାସ୍ଥ୍ୟ ସଚିବଙ୍କୁ ଅବଗତ କରିବେ ବୋଲି ଛାତ୍ରୀମାନଙ୍କୁ ପ୍ରତିଶୃତି ଦେଇଥିଲେ ।ଏଠାରେ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ଜେନେରେଟର ବ୍ୟବସ୍ଥା କରିବାକୁ ଉପସ୍ଥିତ ଥିବା ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଗାମୀ ଦିନରେ ରାଜ୍ୟରେ ଥିବା ଅନ୍ୟାନ୍ୟ ମେଡିକାଲ କଲେଜ ଭଳି ଭୀମ ଭୋଇ ମେଡିକାଲ କଲେଜରେ ମଧ୍ୟ ପୂର୍ତ୍ତ, ବିଜୁଳି ଓ ଜନସ୍ୱାସ୍ଥ୍ୟ ବିଭାଗର ଏକ ଏକ ଶାଖା କାର୍ଯ୍ୟାଳୟ ଖୋଲିବାର ବ୍ୟବସ୍ଥା ନିଶ୍ଚିତ ଭାବରେ କରାଯିବ ବୋଲି ବିଧାୟକ ଶ୍ରୀ ମିଶ୍ର ପ୍ରତିଶୃତି ଦେଇଥିଲେ । କଲେଜ ଉଦ୍‌ଘାଟନ ହେବାର ଅଳ୍ପ ବର୍ଷ ମଧ୍ୟରେ ନିମ୍ନମାନର କାମ ଯୋଗୁଁ କଲେଜ କୋଠାରେ ଫାଟ ସୃଷ୍ଟି ହେବା ସହ ଛାତମାନଙ୍କରୁ ପାଣି ଗଳୁଛି । ଏହାକୁ ନେଇ ସେ ଦୁଃଖ ପ୍ରକାଶ କରିବା ସହ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଥିଲେ ଏବଂ ଆଗାମୀ ଦିନରେ ଯେପରି ବିଜୁଳି ସମସ୍ୟା ନ ହେବ ସେ ଦିଗରେ ଧ୍ୟାନ ଦେବାକୁ ଉପସ୍ଥିତ ବିଜୁଳି ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ବିଧାୟକ ଶ୍ରୀ ମିଶ୍ର ପରାମର୍ଶ ଦେଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଯନ୍ତ୍ରୀ ବିଜନ କୁମାର ଜେନା, ଅଜୟ ଜେନା, ବ୍ରହ୍ମେଶ୍ୱର ଦାଶ, ବିଧାୟକ ଙ୍କ ସ୍ୱାସ୍ଥ୍ୟ ବିଭାଗ ପ୍ରତିନିଧି ମନୀଷ ମିଶ୍ର, ଜନସ୍ୱାସ୍ଥ୍ୟ ପ୍ରତିନିଧି ପବିତ୍ର ବେହେରା, ପୂର୍ତ୍ତ ପ୍ରତିନିଧି ଜୁଲୁ ପଟ୍ଟନାୟକ, ବୁଲୁ ଦାନି, ପୌର ପ୍ରତିନିଧି ଅଜୟ ବାଲି, କୁଳ ସାହୁ, ଲୋପନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘର ବକେୟା ଦରମା ଓ ପାଉଣା ତୁରନ୍ତ ପ୍ରଦାନ ଦାବି

ନୂଆପଡ଼ା,(ପି.ଏନ): ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଖରିଆର ଡିଭିଜନ ସମ୍ପାଦକ ଶ୍ରୀ ଯଦୁମଣି ପାଣିଗ୍ରାହୀ କେନ୍ଦୁପତ୍ର ଡିଏଫଓ ଶ୍ରୀ ପ୍ରତାପ ବେହେରାଙ୍କ ସହିତ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସିଜିନାଲ ଷ୍ଟାଫ ବନ୍ଧାଲି ଓ ଅନ୍ୟାନ୍ୟ ଶ୍ରମିକ ମାନଙ୍କ ବିଭନ୍ନ ବକେୟା ଦରମା ଓ ପାଉଣା ତୁରନ୍ତ ପ୍ରଦାନ ପାଇଁ ଆଲୋଚନା କରିଛନ୍ତି ।କେନ୍ଦୁପତ୍ର ଖରିଦି ମଇ ମାସ ଶେଷ ସପ୍ତାହରୁ ସମାପ୍ତ ହୋଇ ସାରିଛି ।ବର୍ତ୍ତମାନ ସୁଦ୍ଧା ସିଜିନାଲ ଷ୍ଟାଫ ଙ୍କ ଦରମା ପ୍ରାପ୍ୟ ପ୍ରଦାନ ହୋଇନାହିଁ ।ଏବେ ବିଭିନ୍ନ ଫଡ଼ି ଘରେ ବନ୍ଧାଳୀ ଶ୍ରମିକ ମାନେ ପ୍ରତିକୂଳ ପରିସ୍ଥିତି ରେ ବର୍ଷା କାଦୁଅ ରେ ରହି ପତ୍ର ବାନ୍ଧୁଛନ୍ତି । ତାଙ୍କୁ ସପ୍ତାହ କୁ ସପ୍ତାହ ଖାଉରୀ ପ୍ରଦାନ କଲେ ସେମାନେ ରାସନ ସାମଗ୍ରୀ କିଣି ଚଳନ୍ତି ।ବର୍ତ୍ତମାନ ରାସନ ପାଇଁ ସାପ୍ତାହିକ ଖାଉରୀ ମଧ୍ୟ ଠିକ ଭାବରେ ପ୍ରଦାନ ହେଉନ ଥିବାରୁ ବନ୍ଧାଳୀ ଶ୍ରମିକ ମାନେ ଭୋକ ଉପାସରେ କାମ କରିବାକୁ ବାଧ ହେଉଛନ୍ତି ।ଆଗକୁ ୧ସେପ୍ଟେମ୍ବର ରେ ପଶ୍ଚିମ ଓଡିଶାର ଗଣ ପର୍ବ ନୂଆଖାଇ ଆସୁଛି,ଅଥଚ ବିଭାଗୀୟ ଅଧିକାରୀ ମାନେ ଶ୍ରମିକ ଓ ସିଜିନାଲ ଷ୍ଟାଫ ଙ୍କ ପାଇଁ ଆଦୌ ଚିନ୍ତିତ ନୁହନ୍ତି ।ଏକ ସରକାରୀ ସଂସ୍ଥା ରେ ଏ ପ୍ରକାର ଶ୍ରମିକ ମାରଣ ଓ ଶୋଷଣ ନୀତି କୁ ବରଦାସ୍ତ କରାଯିବ ନାହିଁ ବୋଲି ଡିଭିଜନ ସମ୍ପାଦକ ଶ୍ରୀ ପାଣିଗ୍ରାହୀ ଆଲୋଚନା ବେଳେ ଡି ଏଫ ଓ (କେନ୍ଦୁପତ୍ର) ଙ୍କୁ ଚେତାବନୀ ଦେଇଛନ୍ତି ।ଆସନ୍ତା ଗଣାପର୍ବ ନୂଆଖାଇ କୁ ଦୃଷ୍ଟିରେ ରଖି ଦୁଇ ତିନି ଦିନ ଭିତରେ ସିଜିନାଲ ଷ୍ଟାଫ,ବନ୍ଧାଳୀ ଓ ଅନ୍ୟାନ୍ୟ ଶ୍ରମିକମାନଙ୍କ ସମସ୍ତ ଦରମା ଓ ବକେୟା ପ୍ରାପ୍ୟ ପ୍ରଦାନ ନ କଲେ ଆମେ ବାଧ ହୋଇ 'ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ' ଡାକରା ଦେଇ ଆନ୍ଦୋଳନ କୁ ଓହ୍ଲାଇବୁ ଓ ଏଥିପାଇଁ ବିଭାଗୀୟ ଅଧିକାରୀ ମାନେ ଦାୟୀ ରହିବେ ବୋଲି ଶ୍ରୀ ପାଣିଗ୍ରାହୀ ପ୍ରକାଶ କରିଛନ୍ତି ।ବଲାଙ୍ଗୀର ସର୍କଲ ସି ସି ଏଫ ଶ୍ରୀ ପ୍ରଦୀପ ମହାପାତ୍ରଙ୍କ ସହିତ ଶ୍ରୀ ପାଣିଗ୍ରାହୀ ଫୋନ ଯୋଗେ ପାଉଣା ପ୍ରଦାନ ପାଇଁ ଯୋଗାଯୋଗ କରିଥିଲେ ।ସି ସି ଏଫ ଶ୍ରୀ ମହାପାତ୍ର କେନ୍ଦୁପତ୍ର ର ବିକ୍ରି ବଟା ଦାୟିତ୍ୱ ରେ ଥିବା ଓ ଏଫ ଡି ସି ଅର୍ଥ ପ୍ରଦାନରେ ବିଳମ୍ବ କରୁଥିବାରୁ ଏ ଭଳି ପରିସ୍ଥିତି ଉପୁଜିଛି ବୋଲି ପ୍ରକାଶ କରିବା ସହିତ,ଶ୍ରମିକ ଅଶାନ୍ତି ଅସନ୍ତୋଷ ତଥା ସଂଘର ଆନ୍ଦୋଳନ ଚେତାବନୀ ସରକାର କୁ ଜଣେଇବି,ଆଶା କରୁଛି ଦୁଇ ତିନି ଦିନ ଭିତରେ ସମସ୍ୟାର ସମାଧାନ ହୋଇଯିବ ବୋଲି ପ୍ରକାଶ କରିଛନ୍ତି ।ଉଚ୍ଚ ସ୍ତରରେ ଅଧିକାରୀ ମାନେ ତୁରନ୍ତ ହସ୍ତକ୍ଷେପ କରି ବକେୟା ଦରମା ଓ ପାଉଣା ତୁରନ୍ତ ପ୍ରଦାନ କରନ୍ତୁ ନଚେତ ଆନ୍ଦୋଳନ ନାତ୍ମକ ପରିସ୍ଥିତି ଓ ପରିଣାମ ପାଇଁ ଦାୟୀ ରହିବେ ବୋଲି ଡିଭିଜନ ସମ୍ପାଦକ ଶ୍ରୀ ଯଦୁମଣି ପାଣିଗ୍ରାହୀ ପ୍ରକାଶ କରିଛନ୍ତି ।

## ମୋହନ ମାଝୀ ହେଲେ ପବ୍ଲିକ ଆକାଉଟଂସ କମିଟି ଅଧକ୍ଷ

କେନ୍ଦୁଝର ,(ପି.ଏନ): କେନ୍ଦୁଝର ଜିଲ୍ଲାର ଜଣେ ଟାଣୁଆ ଆଦିବାସୀ ନେତା ତଥା ବିଧାନସଭାର ବିରୋଧି ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀଙ୍କୁ ବିଧାନସଭା ପବ୍ଲିକ ଆକାଉଟଂସ୍ କମିଟି ଅଧକ୍ଷ ଭାବେ ନିଯୁକ୍ତି ମିଳିଛି । ସେକ୍ରେଟାରୀଏଟ ଓଡିଶା ବିଧାନସଭା ପକ୍ଷରୁ ଗତକାଲି ଏ ସମ୍ପର୍କରେ ଏକ ନୋଟିଫିକେସନ ଜାରୀ କରାଯାଇଛି । ବାଚସ୍ପତି ତାଙ୍କୁ ନିଯୁକ୍ତି ଦେଇଥିବା ବେଳେ କମିଟି ଅଧକ୍ଷ ଭାବେ ସେ କାର୍ଯ୍ୟ କରିବେ । ମୋହନଙ୍କୁ ଏହି ଗୁରୁଦାୟିତ୍ୱ ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ୨୦୧୯ କୁ ମିଶାଇ ମୋହନ ପୂର୍ବରୁ ୨୦୦୦, ୨୦୦୪ ରେ ଏଭଳି ମୋଟ ତିନିଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି । ବରିଷ୍ଠତା ଏବଂ ଅଭିଜ୍ଞତା ଦୃଷ୍ଟିରୁ ମୋହନ ଚରଣ ମାଝୀଙ୍କ ବିରୋଧି ଦଳ ନେତା ପଦବୀ ମିଳିବାର ସମ୍ଭାବନା ଥିଲା । ମାତ୍ର ଦଳ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ଏହି ପଦବୀ ମିଳିବା ପରେ ବିରୋଧି ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀଙ୍କୁ ପବ୍ଲିକ ଆକାଉଟଂସ କମିଟି ଅଧକ୍ଷ ଭାବେ ଦଳ ପକ୍ଷରୁ ତାଙ୍କ ନାମ ଘୋଷଣା କରାଯାଇଥିଲା । ଜଣେ ଆଦିବାସୀ ନେତା ଭାବରେ ରାଜ୍ୟରେ ତାଙ୍କର ବେଶ ପ୍ରଭାବ ରହିଛି । ସେ ଦଳର ଜଣେ ଶୃଙ୍ଖଳିତ ସଦସ୍ୟଭାବେ ବେଶ ଜଣାଶୁଣା, ଏପରିକି ୨୦୦୯ ରେ ମୟୁରଭଞ୍ଜ, ବାଲେଶ୍ୱର ଜିଲ୍ଲାର ଅନେକ ନେତା ବିଜେପି ଛାଡି ବିଜେଡିରେ ମିଶିଥିଲେ ସୁଦ୍ଧା ମୋହନ ବିଜେପି ଛାଡି ନ ଥିଲେ ।

## ବିଭିନ୍ନ ଦାବି ନେଇ ପଶ୍ଚିମ ଓଡିଶା ମହିଳା ସଂଗଠନ ତରଫରୁ ଗଣଧାରଣା

ବଲାଙ୍ଗିର,(ପି.ଏନ): ଦେଶ ତଥା ରାଜ୍ୟର ବିଭିନ୍ନ ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ପଶ୍ଚିମ ଓଡିଶା ମହିଳା ସଂଗଠନ ବଲାଙ୍ଗିର ଶାଖା ତରଫରୁ ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବା ସହ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ସଂଗଠନର ସଭାନେତ୍ରୀ ସବିତା ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ପ୍ରତିବାଦ ସଭାରେ ବକ୍ତାମାନେ ବିଭିନ୍ନ ପ୍ରସଙ୍ଗକୁ ନେଇ ମତବ୍ୟକ୍ତ କରିବା ସହିତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦଳିତ ଓ ମହିଳା ବିରୋଧି ଆଭିମୁଖ୍ୟ ବିରୁଦ୍ଧରେ ବର୍ଷିଥିଲେ । ବଲାଙ୍ଗିର ଜିଲ୍ଲାର ଦଳିତ ଛାତ୍ରୀଙ୍କୁ ଗଣ ବଳତ୍କାର କରାଯିବା ସହିତ ହତ୍ୟା କରାଯାଇଥିଲା । ଇତି ମଧ୍ୟରେ ଏ ଘଟଣାକୁ ନେଇ ୭ ବର୍ଷ ବିତି ଯାଇଥିଲେ ମଧ୍ୟ ପିଡିତା ପରିବାରକୁ ନ୍ୟାୟ ପ୍ରଦାନ କରାଯାଇ ପାରିନାହିଁ । ଘଟଣାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚ କୁ ହସ୍ତାନ୍ତର କରାଯାଇଥିଲା । କିନ୍ତୁ ରାଜନୈତିକ ଚାପରେ ଆଜି ପର୍ଯ୍ୟନ୍ତ ତାର ଚାର୍ଜସିଟ କୋର୍ଟରେ ଦାଖଲ କରାଯାଇ ପାରିନାହିଁ । ସେହିପରି ନୁଆଁପଡା ଜିଲ୍ଲାର ନାବାଳିକା ଛାତ୍ରୀ କନକ ନିଆଲକୁ ବଳତ୍କାର କରି ହତ୍ୟା କରାଯାଇଥିଲେ ମଧ୍ୟ ଦୋଷିମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । ରାଜସ୍ଥାନର ଛାତ୍ର ଇନ୍ଦ୍ର କୁମାର ମେଘୱାଲ ମାଠିଆରୁ ପାଣି ପିଇଦେବା ଯୋଗୁଁ ତାଙ୍କୁ ପିଟି ପିଟି ଶିକ୍ଷକ ହତ୍ୟା କରିଥିଲେ । ସେହି ଘଟଣାରେ ମଧ୍ୟ ଉପଯୁକ୍ତ ନ୍ୟାୟ ପ୍ରଦାନ କରାଯାଇ ପାରିନାହିଁ । ଗୁଜୁରାଟର ବିଲକିସ ବାନୋ ନାମ୍ନି ଜଣେ ମହିଳା ୩ ମାସର ଗର୍ଭବତି ଥିବା ସମୟରେ ତାଙ୍କୁ ବଳତ୍କାର କରାଯାଇଥିଲା । କେବଳ ସେତିକ ନୁହେଁ ତାଙ୍କର ୩ ବର୍ଷ ଶିଶୁ କନ୍ୟାଙ୍କୁ କାନ୍ଥରେ ଫୋପାଡି ହତ୍ୟା କରାଯାଇଥିଲା । ଏହି ଘଟଣାରେ ବିଲକିସ ବାନୋ ପରିବାରର ୭ ଜଣଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା । କୋର୍ଟ ବିଚାର କରି ୧୧ ଜଣ ଅଭିଯୁକ୍ତଙ୍କୁ ଆଜିବନ କାରଦଣ୍ଡରେ ଦଣ୍ଡିତ କରିଥିଲେ କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଗୁଜୁରାଟ ସରକାର ସେହି ସମସ୍ତ ଦୋଷୀଙ୍କୁ ରାଜକ୍ଷମା ଦେଇ ମୁକ୍ତ କରିଦେଇଛନ୍ତି । ଏଣୁ ଦଳିତ ସମାଜ ଦାବି କରିଛି ସ୍ନେହଲତା ମାମଲାର ସିବିଆଇ ତଦନ୍ତ କରାଯାଉ ଓ ବିଲକିସ୍ ବାନୋ ମାମଲାର ଅଭିଯୁକ୍ତମାନଙ୍କୁ ପୁର୍ନବାର ଜେଲ ପଠାଯାଉ । ଆଜିର କାର୍ଯ୍ୟକ୍ରମରେ ସ୍ନେହଲତାର ବାପା, ମାଁ ଉପସ୍ଥିତ ରହି କାନ୍ଦି କାନ୍ଦି ନ୍ୟାୟ ପାଇବା ପାଇଁ ପ୍ରଶାସନ ଆଗରେ ଗୁହାରି କରିଥିଲେ । ଯଦି ସରକାର ଦାବି ଗୁଡିକ ନେଇ ଉପଯୁକ୍ତ ବିଚାର ନ କରନ୍ତି ତାହା ହେଲେ ଆଗାମୀ ଦିନରେ ଭୟଙ୍କର ଆନ୍ଦୋଳନ କରାଯିବ ବୋଲି ସମାଜର ବରିଷ୍ଠ ଦଳିତ ନେତା ଦ୍ରୋଣ କୁମ୍ଭାର ଚେତାବନୀ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଭୁବନ ନାଗ, ବାସୁଦେବ ମୁଗ୍ରୀ, ସାମ୍ବାଦିକ କୁନା ବାଗ, ହରି ନନ୍ଦ, ତ୍ରିଲୋଚନ ନନ୍ଦ, ସୁଷମା ବଏ, ଲଳିତା ଦିପ, କାଜଲ ବାରିକ, ବିରେନ୍ଦ୍ର ବାଗ, ଗୀତାଞ୍ଜଳି ମନହିରା, ସୁଜାତା ମେହେର, କିରନ ତାଣ୍ଡି, ଦେବରାଜ ମହାନନ୍ଦ, ଚିନୁ ହରିପାଲ, ଘନ କୁମ୍ଭାର, ନେପାଳ ବାଗ, ବବୁଲୁ ନାଗ, ରୋହିତ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଙ୍କର ବଲାଙ୍ଗୀର ନୂତନ ବସ ଟର୍ମିନାଲ ପରିଦର୍ଶନ

ବଲାଙ୍ଗିର ,(ପି.ଏନ): ବଲାଙ୍ଗୀର ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ବଲାଙ୍ଗୀର ନୂତନ ବସ ଟର୍ମିନାଲ ପରିଦର୍ଶନ କରିଛନ୍ତି । ଜିଲ୍ଲା ଘରୋଇ ବସ ମାଲିକ ସଂଘ ସଭାପତି ହେମନ୍ତ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାଂସଦ ବିଶି ଓଡିଶାର ସାମୂହିକ ବିକାଶ ପାଇଁ ରାଜ୍ୟର ନବୀନ ସରକାର କାର୍ଯ୍ୟ କରି ଆସୁଛନ୍ତି । ଆଦିବାସୀ ଛାତ୍ରାବାସ ନିକଟରେ ନୂତନ ବସ ଟର୍ମିନାଲ ନିର୍ମାଣ କରାଯାଇଥିବାରୁ ଆଦିବାସୀ ଛାତ୍ରଛାତ୍ରୀମାନେ ବିଶେଷ ଭାବେ ଉପକୃତ ହୋଇପାରିବେ ବୋଲି କହିଥିଲେ । ବସ ଷ୍ଟାଣ୍ଡରେ ରହିଥିବା ବିଭିନ୍ନ ଅସୁବିଧା ପର୍ଯ୍ୟାୟକ୍ରମେ ଦୂର ହେବ ବୋଲି ପ୍ରକାଶ କରିବା ସଙ୍ଗେ ଘରୋଇ ବସ ମାଲିକ ସଂଘର ପ୍ରସ୍ତାବିତ କର୍ଯ୍ୟାଳୟ ସ୍ଥାନକୁ ପରିଦର୍ଶନ କରିଥିଲେ । ବଲାଙ୍ଗୀର ଜିଲ୍ଲାର ଜନସମସ୍ୟା ଓ ଆଦିବାସୀ ସମାଜର ସମସ୍ୟାକୁ ରାଜ୍ୟସଭାରେ ଉତଥାପନ କରି ଭାରତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ତାଙ୍କ ଉଦ୍ୟମ ଜାରି ରହିବ ବୋଲି କହିବା ସଙ୍ଗେ ଆଦିବାସୀ ସମାଜର ବିକାଶ ପାଇଁ ସେ ସଂକଳ୍ପିତ ବୋଲି କହିଥିଲେ । ସଂଘର ସମ୍ପାଦକ ପ୍ରଦ୍ୟୁତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କୋଷାଧକ୍ଷ ଶିବ ଶଙ୍କର ପଟେଲ ମଞ୍ଚାସୀନ ଥିଲେ । ବସ ମାଲିକ ସଂଘର କର୍ମଚାରୀ, ବସଷ୍ଟାଣ୍ଡ କର୍ମଚାରୀ ଓ ମା ଶକ୍ତି କାଫେ ପରିଚାଳନା କରୁଥିବା ସ୍ୱୟଂ ସହାୟକ ଫେଡେରେସନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରରେ ସଂଘର ବରିଷ୍ଠ ସଭ୍ୟ ଡମ୍ବରୁଧର ଆଚାର୍ଯ୍ୟ, ମନୋଜ ଗୁରୁ, ମାନସ ରଞ୍ଜନ ନାୟକ, ସତ୍ୟ ପ୍ରକାଶ ପତି, ହିମାଂଶୁ ନାଏକ, ପିଣ୍ଟୁ ପଟ୍ଟନାୟକ, ସରୋଜ ଗୁରୁ, ପ୍ରାଣନାଥ ପଧାନ, ଭବାନୀଶଙ୍କର ପଟେଲ, ମୁନା ଶତପଥି, ସୁରେଶ ହରିପାଲ, ପାରିଶ ପଟେଲ, ଅରୁଣ ବରାଇ, ଧ୍ରୁବରାଜ ସିଂଦେଓ, ରିଙ୍କୁ ଭୋଇ, ଟିଙ୍କୁ ନନ୍ଦ, ଲକି ସାହୁ, ଜୟନ୍ତ ସିଂଦେଓ ପ୍ରମୁଖ ଉପସ୍ଥିତ ଥିଲେ ।




Bhubaneswar Thursday August 25, 2022 ଭୁବନେଶ୍ୱର ଗୁରୁବାର, ଅଗଷ୍ଟ ୨୫,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ପାରାଦୀପ ବାର୍ ଆସୋସିଏସନ୍‌ର ସାଧାରଣ ପରିଷଦ ବୈଠକ




ପାରାଦୀପ,(ପି.ଏନ):ପାରାଦୀପ ବାର୍ ଆସୋସିଏସନ୍‌ର ସାଧାରନ ପରିଷଦ ବୈଠକ ବୁଧବାର ଦିନ ପୂର୍ବାହ୍ନରେ ପାରାଦୀପ ସର୍କିଟ୍ ହାଉସ୍ ପରିସରରେ ଆୟୋଜିତ ହୋଇଥିଲା । ଏହି ବୈଠକରେ ସଭାପତି ହେମନ୍ତ କୁମାର ସାହୁ ସଭାପତିତ୍ୱ କରିଥିଲେ । ଏହି ବୈଠକରେ ଉପସଭାପତି ବସନ୍ତ ବିଶ୍ୱାଳ ଅନ୍ୟତମ ଉପସଭାପତି କୈଳାସ ଚନ୍ଦ୍ର ସାହୁ ବୈଠକର ଆଭିମଖ୍ୟ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ । ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ବକ୍ତବ୍ୟ ପ୍ରଦାନ କରିଥିଲେ ସାଧାରଣ ସମ୍ପାଦକ ତପନ କୁମାର ଦାଶ । ପାରାଦୀପ ଏକ ବନ୍ଦର ସମେତ ପାଖାପାଖି ୧୭ରୁ ୧୮ ଗୋଟି ଛୋଟ ବଡ ଶିଳ୍ପ ସଂସ୍ଥା ରହିଛି । ଏଥି ସହିତ ପାରାଦୀପ ଅଂଚଳରେ ୫ ଗୋଟି ଥାନା ସମେତ ୨ ଗୋଟି ଫାଣ୍ଡି ରହିଛି । ଏଠାରେ ଘଟୁଥିବା ଛୋଟ ବଡ ଅପରାଧ ପାଇଁ ଅଭିଯୁକ୍ତମାନଙ୍କୁ ୨୦ କିଲୋମିଟର ଦୂର କୁଜଙ୍ଗ ଏବଂ ସ୍ଥଳ ବିଶେଷରେ ପାଖାପାଖି ୭୦ କିଲୋମିଟର ଦୂର ଜଗତସିଂହପୁର କୋର୍ଟରେ ପହଂଚା ଯାଉଛି,ଯାହାକି ସମୟ ସାପେକ୍ଷ୍ୟ । ଏହାକୁ ଦୃଷ୍ଟିରେ ରଖି ପାରାଦୀପରେ ଏକ କୋର୍ଟ ପ୍ରତିଷ୍ଠା ପାଇଁ ଉଦ୍ୟମ ଆରମ୍ଭ କରିବାକୁ ବୈଠକରେ ସ୍ଥିର କରାଯାଇଥିଲା । ଦେଶର ସମସ୍ତ ବନ୍ଦରମାନଙ୍କରେ ଚିଫ ଜୁଡିସିଆଲ୍ କୋର୍ଟ (ସି.ଜେ.ଏମ୍.)ଥିବା ବେଳେ ପାରାଦୀପ ବନ୍ଦର ଏଥିରେ ଏକମାତ୍ର ବ୍ୟତିକ୍ରମ । ଏଠାରେ ବନ୍ଦର ଥିବାରୁ ବିଦେଶରୁ ଆସୁଥିବା ଅନୁପ୍ରବେଶକାରୀମାନଙ୍କୁ ସି.ଜେ.ଏମ୍.ଙ୍କ କୋର୍ଟରେ ହାଜର କରାଯାଇଥାଏ । ପାରାଦୀପରେ ସି.ଜେ.ଏମ୍.ଙ୍କ କୋର୍ଟ ନଥିବାରୁ ଅଭିଯୁକ୍ତମାନଙ୍କୁ ୭୦ କିଲୋମିଟର ଦୂର ଜଗତସିଂହପୁର ସି.ଜେ.ଏମ୍.ଙ୍କ କୋର୍ଟରେ ହାଜର କରାଯାଉଛି । ଯାହାକୁ ନେଇ ଅସନ୍ତୋଷ ପ୍ରକଟ କରିଥିଲେ ସଦସ୍ୟମାନେ, ପାରାଦୀପ ଠାରେ ଏକ କୋର୍ଟ ପ୍ରତିଷ୍ଠା ହେଲେ ଏହି ସବୁ ସମସ୍ୟାର ସମାଧାନ ହୋଇ ପାରନ୍ତା ବୋଲି ସଦସ୍ୟମାନେ ମତ ଦେଇଥିଲେ । ଆସୋସିଏସନ୍‌ର ବରିଷ୍ଠ ସଦସ୍ୟ ଦୂର୍ଯ୍ୟୋଧନ ରଣା,ସମ୍ପାଦକ ରବିନ୍ଦ୍ର କୁମାର ଜେନା, ଅନ୍ୟତମ ସମ୍ପାଦକ ଗୋଲକ ଚନ୍ଦ୍ର ସୂତାର,କୋଷାଧ୍ୟକ୍ଷ ଗୋପିନାଥ ମଲ୍ଲ, ସଦସ୍ୟ ସଂଜୟ କୁମାର ମିଶ୍ରଙ୍କ ସମେତ ବହୁ ସଦସ୍ୟ ଏହି ବୈଠକରେ ଯୋଗ ଦେଇଥିଲେ । ଗ୍ରନ୍ଥାଗାର ସମ୍ପାଦକ ପ୍ରଶାନ୍ତ କୁମାର ଦାସ ଧନ୍ୟବାଦ ଦେଇଥିଲେ ।

## ଆଇସିଆଇସିଆଇ ବ୍ୟାଙ୍କର ଷ୍ଟେଟ ଅଫ ଦ ଆର୍ଟ ଫୋନ ବ୍ୟାଙ୍କିଙ୍ଗ ସେଂଟର ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପି.ଏନ); ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଦିନ ମୈତ୍ରୀବିହାରରେ ଆଇସିଆଇସିଆଇ ବ୍ୟାଙ୍କର ଷ୍ଟେଟ ଅଫ ଦ ଆର୍ଟ ଫୋନ ବ୍ୟାଙ୍କିଙ୍ଗ ସେଂଟର ଉଦଘାଟନ କରିଛନ୍ତି । ଏହି ସେଂଟରରେ ୧୨୦୦ ଜଣଙ୍କୁ ନିଯୁକ୍ତି ମିଳିବ । ଏହା ମଧ୍ୟରୁ ୬୦% ମହିଳା ରହିବେ ।ଏହି ବ୍ୟାଙ୍କ କୃତ୍ରିମ ବୁଦ୍ଧିମତା ଏବଂ ରୋବୋଟିକସରେ ପରିଚାଳିତ ହେବ । ସାରା ଦେଶର ଖୁଚୁରା ଗ୍ରାହକଙ୍କ ସହ କର୍ପୋରେଟ ହାଉସ ମଧ ଏଠାରୁ ବ୍ୟାଙ୍କିଂ ସେବା ପାଇପାରିବେ ।ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଏଭଳି ଆଧୁନିକ ଜ୍ଞାନେକୌଶଳ ବ୍ୟବହାର କରିଥିବାରୁ ମୁଖ୍ୟମନ୍ତ୍ରୀ ବ୍ୟାଙ୍କ କତୃପକ୍ଷଙ୍କୁ ଧନ୍ୟବାଦ ଦେଇଥିଲେ । ଏହା ଦ୍ୱାରା ଗ୍ରାହକଙ୍କୁ ସର୍ବୋତ୍କୃଷ୍ଟ ସେବା ମିଳି ପାରିବ। ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ଏହାସହ ରାଜ୍ୟ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବ ବୋଲି ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଥିଲେ । ଏହି ଉଦଘାଟନୀ ଉତ୍ସବରେ ୫ଟି ସଚିବ ଭି କେ ପାଣ୍ଡିଆନ ଉପସ୍ଥିତ ଥିଲେ । ଆଇସିଆଇସିଆଇ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସନ୍ଦୀପ ବାତ୍ରା ଉତ୍ସବରେ ସ୍ୱାଗତ ଭାଷଣ ଦେଇଥିଲେ ।

## ବନ୍ୟା ଦୂର୍ଗତଙ୍କ ପ୍ରତି ସରକାର ଉଦାସୀନ: ସି.ପି.ଆଇ.(ଏମ୍)

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ଅଗଷ୍ଟ ମାସର ବାରମ୍ବାର ଲଘୁଚାପ ଓ ବାତ୍ୟା ସାଙ୍ଗକୁ ଲଗାଣ ବର୍ଷା ଯୋଗୁଁ ରାଜ୍ୟର ପ୍ରାୟ ୧୫ଟି ଜିଲ୍ଲାରେ ବନ୍ୟା ପରିସ୍ଥିତି ଗମ୍ଭୀର ହେବାରେ ଲାଗିଛି । ପାଣିପାଗ ସମ୍ପର୍କରେ ଆଗରୁ ସୂଚନା ସତ୍ୱେ ସରକାର କିମ୍ବା ପ୍ରଶାସନ ଏଥିପ୍ରତି ଦୃଷ୍ଟି ନଦେଇଥିବା ଯୋଗୁଁ ଏଭଳି ସଙ୍ଗୀନ ପରିସ୍ଥିତି ସୃଷ୍ଟି ହୋଇଛି । ବାରମ୍ବାର ବନ୍ୟା, ମରୁଡିରେ ଓଡିଶାର ଲୋକେ ହନ୍ତସନ୍ତ ହେଉଥିବା ବେଳେ ନବୀନ ସରକାର କୌଣସି ପ୍ରକାର ସ୍ଥାୟୀ ପଦକ୍ଷେପ ଗ୍ରହଣ ନକରି କେବଳ ରିଲିଫ ଓ କେନାଲ ମରାମତି ନାମରେ ନେତା ଓ କର୍ମୀମାନେ ସରକାରୀ ଅର୍ଥ ହରିଲୁଟ କରି ଚାଲିଛନ୍ତି ବୋଲି ସିପିଆଇଏମ୍ ଅଭିଯୋଗ କରିଛି । ସରକାରଙ୍କ ରିପୋର୍ଟ ପ୍ରକାରେ ବର୍ତମାନ ସୁଦ୍ଧା ପାଣିଘେରରେ ୧୪୮୯ ଗାଁର ୯ ଲକ୍ଷ ୬୭ ହଜାର ଲୋକ ପ୍ରଭାବିତ ହୋଇଛନ୍ତି । ବାସ୍ତବ କ୍ଷେତ୍ରରେ ପ୍ରଭାବିତ ଗ୍ରାମ ଓ ଲୋକଙ୍କ ସଂଖ୍ୟା ଯଥେଷ୍ଟ ଅଧିକ । ଏହି ବନ୍ୟାରେ ମୃତ୍ୟୁ ସଂଖ୍ୟା ସରକାରୀ ଭାବରେ କୁହାଯାଇନଥିବା ବେଳେ ସମ୍ବାଦ ପତ୍ରରେ ବିଭିନ୍ନ ସ୍ଥାନରେ ମୃତ୍ୟୁ ଖବର ପ୍ରକାଶିତ ହୋଇଛି । ରାଜ୍ୟ ସରକାର ଛତିଶଗଡ, ଝାଡଖଣ୍ଡ ଓ ଆନ୍ଧ୍ର ଉପରେ ଦୋଷ ଲଦି ନିଜର ନିଜର ବ୍ୟର୍ଥତାକୁ ଘୋଡାଇବାକୁ ଚେଷ୍ଟା କରୁଛନ୍ତି । ଏ ଦିଗରେ ପୂର୍ବରୁ ପଡୋଶୀ ରାଜ୍ୟ ଗୁଡିକ ସହ କଥା ହୋଇ ଆସନ୍ନ ବନ୍ୟାକୁ କିଭଳି ନିୟନ୍ତ୍ରଣ କରାଯାଇପାରିବ ଏହି ସର୍ବନିମ୍ନ କାମ ମଧ ସରକାର ନକରିବା ଆଶ୍ଚର୍ଯ୍ୟର ବିଷୟ । ଏତଦ୍ ବ୍ୟତୀତ ଏହି ନଦୀ ଗୁଡିକ ବ୍ୟବହାର କରି ଆଭ୍ୟନ୍ତରୀଣ ଓଡିଶାରେ ଛୋଟ , ବଡ ପ୍ରକଳ୍ପ ନିର୍ମାଣ କରିବାରେ ଓଡିଶା ସରକାର ସଂପୂର୍ଣ୍ଣ ବ୍ୟର୍ଥ ହୋଇଛନ୍ତି । ସି.ପି.ଆଇ.(ଏମ୍) ରାଜ୍ୟର ବନ୍ୟା କ୍ଲିଷ୍ଟ ଜନଗଣଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହ ବନ୍ୟା ବିପନ୍ନ ଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିବାକୁ ନିବେଦନ କରିଛି । ପାର୍ଟିର ପ୍ରତିଟି ୟୁନିଟ୍ ବନ୍ୟା ବିପନ୍ନଙ୍କ ପାଇଁ ରିଲିଫ୍ ସଂଗ୍ରହ କରିବା ବିପନ୍ନ ଲୋକଙ୍କ ପାଖରେ ପହଞ୍ଚିବା , ଜନସାଧାରଣଙ୍କ ଦାବୀ ଗୁଡିକର ଆଦାୟ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଏବଂ ଜନସାଧାରଣଙ୍କ ଦାବୀ ଉପରେ ଆନ୍ଦୋଳନ କରିବା ପାଇଁ ଆହ୍ୱାନ ଦେଇଛି।

## ବନ୍ୟା ପ୍ରପୀଡ଼ିତଙ୍କୁ ସହାୟତାର ହାତ ବଢାଇଲା ପାଇକ ମହାସଂଘ

ଭୁବନେଶ୍ୱର,(ପି.ଏନ): ପୁରୀ ଜିଲ୍ଲା କଣାସ ବ୍ଲକରେ ବନ୍ୟାର ତାଣ୍ଡବ ଦେଖିବାକୁ ମିଳିଛି। ଆଜି ନିଖିଳ ଓଡ଼ିଶା ପାଇକ ମହାସଂଘ ପକ୍ଷରୁ କଣାସ ଅଞ୍ଚଳରେ ବିଭିନ୍ନ ଗ୍ରାମ ଗଡ଼ଦୋକନ୍ଦା, ବଳଭଦ୍ରପୁର, ତରାସ, ପାଣ୍ଡିଆକେରା, କଖାରୁବସ୍ତ, ବୈଦ୍ୟନାଥପାଟଣା ଗସ୍ତକରି ବନ୍ୟା ପ୍ରପୀଡ଼ିତଙ୍କୁ ଶୁଖିଲା ଖାଦ୍ୟ, ବିସ୍କୁଟ, ମଶାଧୁପ, ଡ଼ିଆସିଲ ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲଆଗାମୀ ଦିନରେ ମହାସଂଘ ପକ୍ଷରୁ ପ୍ରତ୍ୟେକ ଶିକ୍ଷାର୍ଥୀମାନଙ୍କୁ ମାଗଣାରେ ବହି, ଖାତା ତଥା ପାଠ୍ୟ ଉପକରଣ ଯୋଗାଇ ଦେବାକୁ ମହାସଂଘ ପକ୍ଷରୁ ସ୍ଥିର କରାଯାଇଛି। ଗଡ଼ଦୋକନ୍ଦା ବିଦ୍ୟାଳୟକୁ ପୋଷ୍ୟ ବିଦ୍ୟାଳୟ ଭାବରେ ଗ୍ରହଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସରକାର ପ୍ରତ୍ୟେକ ବର୍ଷ ବନ୍ୟାର ସମ୍ମୁଖୀନ ହେଉଥିବା ଏହି ବ୍ଲକକୁ କିପରି ରକ୍ଷା କରାଯାଇ ପାରିବ ତାହା ଉପରେ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ମହାସଂଘ ଦାବୀ କରିଛି। ଏହାସହ ବନ୍ୟା ପୀଡିତଙ୍କୁ ସହାୟତା ଯୋଗାଇବାକୁ ନିଖିଳ ଓଡ଼ିଶା ପାଇକ ମହାସଂଘ ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି। ଆଜିର ଏହି ସହାୟତା କାର୍ଯ୍ୟକ୍ରମରେ ରାଜ୍ୟ ସଂଯୋଜକ କେଦାର ଦାଶ, ଖୋର୍ଦ୍ଧା ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ପାଟ୍ଟଶାଣୀ, ବରିଷ୍ଠ ପାଇକଗୁରୁ ଭାସ୍କର ସୁନ୍ଦରାୟ, ମୁଖପାତ୍ର ରଜନୀ ନୟନ ରଥ, ଉପଦେଷ୍ଟା ବିଭୂତି ଭୂଷଣ ସ୍ୱାଇଁଙ୍କ ସମ୍ପାଦକ ବିଜୟ ବେହେରା, ଦୋକନ୍ଦା ଦଳବେହେରା, ମନୋରଞ୍ଜନ ପଶ୍ଚିମକବାଟ, ସନ୍ତୋଷ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଶ୍ୱେତା ଆତ୍ମହତ୍ୟା ମାମଲା: ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କଲେ ମା

ଭୁବନେଶ୍ୱର, (ଭୁବନେଶ୍ୱର) ଭୁବନେଶ୍ୱରର ସଫ୍ଟୱ୍ୟାର ଇଞ୍ଜିନିୟର ଶ୍ୱେତା ଉତ୍କଳ କୁମାରୀଙ୍କ ଆତ୍ମହତ୍ୟା ମାମଲାରେ ଦୋଷୀଙ୍କୁ ଦଣ୍ଡ ଦେବାକୁ ରାଜ୍ୟ ସରକାରଙ୍କୁ ଏକ ଭିଡିଓ ଜରିଆରେ ଅନୁରୋଧ କରିଛନ୍ତି ଶ୍ୱେତାଙ୍କ ମା। ଭିଡିଓ ମାଧ୍ୟମରେ ଶ୍ୱେତାଙ୍କ ମା କାନ୍ଦି କାନ୍ଦି କହିଛନ୍ତି ମୋ ଝିଅ ପ୍ରତି ବହୁତ ଅନ୍ୟାୟ କରାଯାଇଛି । ସେ ସୌମ୍ୟଜିତ୍ ମହାପାତ୍ର ମୋ ଝିଅ ପ୍ରତି ବହୁତ ଅନ୍ୟାୟ କରିଛି । ମୁଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରୁଛି ସୌମ୍ୟଜିତ୍ ବିରୋଧରା ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ତାକୁ ଦଣ୍ଡ ମିଳୁ।ଶ୍ୱେତାଙ୍କ ବାପା କହିଛନ୍ତି ଯେ, ପୋଲିସ ଯାହାକୁ ଖୋଜୁଛି, ପୂର୍ବରୁ ସେ ଥାନାକୁ ଆସିଥିଲେ। ସୌମ୍ୟ, ତାଙ୍କ ବାପାମା’ ପୂର୍ବରୁ ଚନ୍ଦ୍ରଶେଖରପୁର ଥାନାକୁ ଆସିଥିଲେ। ଗତ ୨୧ ତାରିଖରେ ଏତଲା ଦେବାକୁ ଆସିଥିବା ବେଳେ ଥାନା ବାହାରେ ସୌମ୍ୟ ଓ ତାଙ୍କ ବାପାମା’ଙ୍କୁ ଦେଖିଥିବା ଶ୍ୱେତାଙ୍କ ବାପା କହିଛନ୍ତି। ସୌମ୍ୟଜିତ୍ ମୋ ଝିଅକୁ ଶାରୀରିକ, ମାନସିକ ଓ ଆର୍ଥିକ ଶୋଷଣ ଯ୍ ୍ର ୧୫ ଥର ଫୋନ୍ କରିଥିଲେ।

## ଆହତ ମାନସିକ ବିକାରଗ୍ରସ୍ତଙ୍କୁ ମିଳିଲା ସହାୟତା



ପାରାଦୀପ,(ପି.ଏନ): ବନ୍ଦର ସହର ପାରାଦୀପରେ ମାଳମାଳ ସ୍ୱେଚ୍ଛାସେବୀ ସଙ୍ଗଠନ-ମାନସିକ ବିକାରଗ୍ରସ୍ତଙ୍କୁ ମିଳୁନି ସହାୟତା ଖବର ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ତତ୍ପରତା ପ୍ରକାଶ କରିଥିଲେ ପାରାଦୀପର ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ । ଅଠରବାଙ୍କୀର ଭରସା ସ୍ୱେଚ୍ଛାସେବୀ ସଙ୍ଗଠନକୁ ଏହି ଗୁରୁତର ଆହତ ମାନସିକ ବିକାରଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହିକ୍ରମରେ ବୁଧବାର ଦିନ ଅପରାହ୍ନରେ ସ୍ଥାନୀୟ ଯୁବ ବ୍ୟବସାୟୀ ବିଭୂତି ଭୂଷଣ ସାହୁ ଏବଂ ସ୍ଥାନୀୟ ପାରିଷଦଙ୍କ ସ୍ୱାମୀ ଗୋଲେଖ ଚନ୍ଦ୍ର ସାହୁ ଆହତଙ୍କ ପାଖରେ ପହଂଚିଥିଲେ । ୧୦୮ ଆମ୍ବୁଲାନ୍ସକୁ ଡାକି ଆହତଙ୍କୁ ଅଠରବାଙ୍କୀ ମେଡିକାଲକୁ ନିଆଯାଇଥିଲା । ସେଠାରେ ଭରସା ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟମାନଙ୍କ ସହାୟତାରେ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତରୀତ କରାଯାଇଛି । ସୂଚନାଥାଉକି ପାରାଦୀପରେ ପାଖାପାଖି ୩୫ରୁ ୩୬ ଗୋଟି ସ୍ୱେଚ୍ଛାସେବୀ ସଙ୍ଗଠନ ରହିଛି । ଏହି ଆହତ ମାନସିକ ବିକାରଗ୍ରସ୍ତଙ୍କୁ ସହାୟତା କରିବା ପାଇଁ କେହିବି ସହଯୋଗର ହାତ ବଢେଇ ନଥିବା ଦେଖି ଉଦବେଗ ପ୍ରକାଶ କରିଥିଲେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଏବଂ ତୁରନ୍ତ ସହାୟତା ପାଇଁ ଭରସା ସଙ୍ଗଠନକୁ ନିର୍ଦ୍ଦେଶ ଦେଇଥିଲେ । ଭରସା ସ୍ୱେଚ୍ଛାସେବୀ ସଙ୍ଗଠନର ଏହି ଭଳି କାର୍ଯ୍ୟ ତଥା ପାରାଦୀପର ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ଉଦ୍ୟମ ସର୍ବୋପରି ଯୁବ ବ୍ୟବସାୟୀ ବିଭୂତି ଭୂଷଣ ସାହୁ ଏବଂ ସ୍ଥାନୀୟ ପାରିଷଦଙ୍କ ସ୍ୱାମୀ ଗୋଲେଖ ଚନ୍ଦ୍ର ସାହୁଙ୍କ ସମୟୋପଯୋଗି କାର୍ଯ୍ୟକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଉଛି । ଭରସା ସଙ୍ଗଠନ ପରି ଅନ୍ୟ ସ୍ୱେଚ୍ଛାସେବୀ ସଙ୍ଗଠନମାନେ ଯଦି ଏହି ଭଳି କାର୍ଯ୍ୟ କରନ୍ତି ତେବେ ସମାଜରେ ମାନସିକ ବିକାରଗ୍ରସ୍ତମାନେ ଆଉ ଅବହେଳିତ ହୋଇ ରୁହନ୍ତେ ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଅଣସଂଗଠିତ ଶ୍ରମିକ ମାନଙ୍କ ସମାଜିକ ନିରାପତାକୁ ସୁଦୃଢ କରାଯାଉ

ଭୁବନେଶ୍ୱର, (ପି.ଏନ): ଅଣସଂଗଠିତ କ୍ଷେତ୍ରରେ ୯୩% ଶ୍ରମିକ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କର ସାମାଜିକ ନିରାପ□ା ସଠିକ୍ ଭାବରେ କାର୍ଯ୍ୟକରୁନାହିଁ। ସହରର ବିକାଶ ପ୍ରକ୍ରିୟାରେ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ମାନଙ୍କର ଯଥେଷ୍ଟ ଅବଦାନ ଥିବା ବେଳେ ସଠିକ୍ ମଜୁରୀ, କର୍ମସ୍ଥଳୀରେ ସର୍ବନିମ୍ନ ମୌଳିକ ସୁବିଧା, ଶ୍ରମିକ ହାଟରେ ଆବଶ୍ୟକୀୟ ସୁବିଧା, ବାସହରା ଲୋକମାନଙ୍କ ପାଇଁ ଆବଶ୍ୟକୀୟ ରାତ୍ରୀ ବିଶ୍ରମାଗାର ସଠିକ୍ ଭାବରେ ମିଳୁନାହିଁ। ଘରୋଇ ପରିଚାରିକା ମାନଙ୍କ ସାମାଜିକ ନିରାପ□ା ନିମନ୍ତେ କର୍ପସ ଫଣ୍ଡ, କାର୍ଯ୍ୟ ନିର୍ଘଣ୍ଟ ଓ ସଠିକ୍ ମଜୁରୀ ମଧ ମିଳୁନାହିଁ ବୋଲି ସ୍ଥାନୀୟ ରୋଟାରୀ କ୍ଲବ ସଭାକକ୍ଷରେ ସିସିଡବ୍ଲୁଡି, ଆକ୍ସନ୍‌ଏଡ୍ ଓ ଅଣସଂଗଠିତ ଶ୍ରମିକ ମଂଚର ମିଳିତ ଆନୁକୂଲ୍ୟରେ ଆୟୋଜିତ ଅର୍ବାନ ଥିଙ୍କର୍ସ ଓ ଆକ୍ସନ୍ କ୍ୟାମ୍ପସ୍ କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ଅତିଥି ଭାବରେ ବରିଷ୍ଠ ଶ୍ରମିକ ନେତା ଏନ୍.ନାରାୟଣ ରେଡ୍ଡି, ମହେନ୍ଦ୍ର ପରିଡା, ଜ୍ୟୋତିରଂଜନ ମହାପାତ୍ର ଓ ବିରେନ୍ଦ୍ର ପ୍ରସାଦ ଦାସ ପ୍ରମୁଖ ଅଂଶ ଗ୍ରହଣ କରି ଶ୍ରମିକମାନଙ୍କର ସାମାଜିକ ନିରାପ□ାକୁ ଆଗେଇନେବା ପାଇଁ ଶ୍ରମିକମାନେ ସଂଗଠିତ ହେବା ଜରୁରୀ ବୋଲି କହିଥିଲେ।

## କୀଟନାଷକ ପିଇ ଗୁରୁତର ଚାଷିଙ୍କ ମୃତ୍ୟୁ

ଜୟପୁର, ୨୩ ଅଗଷ୍ଟ (ହି.ସ.)- କୋରାପୁଟ ଜିଲ୍ଲାରେ ପୁଣି ଜଣେ ଚାଷୀ ଆତ୍ମହତ୍ୟା କରିଛନ୍ତି। କାଟୀନାଷକ ପିଇ ଚାଷି ଜଣକ ଆତ୍ମହତ୍ୟା କରିଥିବା ଜଣାପଡିଛି। ଗତ ରବିବାର ସନ୍ଧ୍ୟା ଠାରୁ ବୋରିଗୁମ୍ମା ମେଡ଼ିକାଲରେ ଚିକିତ୍ସା ଚାଲୁଥିବା ବେଳେ ସୋମବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଛି ।ଏଭଳି ଅଭାବନୀୟ ଘଟଣା ଘଟିଛି ବିସିଂହ ପୁର ଥାନା ଅନ୍ତର୍ଗତ ନକୁଳ ଗୁଡା ଗ୍ରାମରେ। ମୃତ ଚାଷି ହେଉଛନ୍ତି ନକୁଳ ଗୁଡା ଗ୍ରାମର ୬୦ ବର୍ଷୀୟ ଡୁମର ହରିଜନ । ସେ ଜମିରେ ପକାଇବା କୀଟନାଷକ ପିଇ ଗୁରୁତର ହୋଇ ପଡିଥିଲେ। ତାଙ୍କୁ ତୁରନ୍ତ ବୋରିଗୁମ୍ମା ମେଡ଼ିକାଲରେ ଭର୍ତି କରିଥିଲେ ପରିବାର ଲୋକେ । ପରିବାର ପକ୍ଷରୁ ବିସିଂହପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ପୋଲିସ ।ମୃତ ଡୁମର ତିନି ଏକର ଜମିରେ ଧାନ ଚାଷ କରିଥିଲେ। ଏଥିପାଇଁ ସେ ବାହାର ଲୋକଙ୍କ ଠାରୁ ୭୦ ହଜାର ଟଙ୍କା କରଜ କରିଥିଲେ। ଚାଷ ହିଁ ତାଙ୍କର ଜୀବିକା ନିର୍ବାହର ଏକ ମାଧ୍ୟମ। ଚାଷ କରି ପରିବାରର ୬ କୁଟୁମ୍ବ ଚଳୁଥିଲେ। ଚଳିତ ଲଘୁଚାପ ବର୍ଷାରେ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ।ତାହାକୁ ସମ୍ଭାଳି ନ ପାରି ଚାଷ ଜମିରେ ହିଁ ବାପା କୀଟନାଶକ ଔଷଧ ପିଇଦେଇଥିଲେ ବୋଲି କହିଛନ୍ତି ପୁଅ ରମେଶ ହରିଜନ। ସେପଟେ ମୃତ ଚାଷୀଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଦାବି କରିଛନ୍ତି ଗ୍ରାମବାସୀ। ଚିକିତ୍ସା ଧୀନ ଅବସ୍ଥାରେ ଚାଷୀଙ୍କ ମୃତ୍ୟୁ ହୋଇଛି, ଏନେଇ ପୋଲିସକୁ ଖବର ଦିଆଯାଇଛି ବୋଲି କହିଛନ୍ତି ଡାକ୍ତର ଖୀରଜ ଦୁର୍ଗା।

## ସଚେତନ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର

କନ୍ଧମାଳ, ୨୩ ଅଗଷ୍ଟ (ହି.ସ.)- ଗତ ୨୧ ତାରିଖ ଦିନ ଫୁଲବାଣୀ ମା ନାରାୟଣୀ ଠାକୁରାଣୀଙ୍କ ଯାତ୍ରା ପଡିଆରେ ଜିଲ୍ଲା ମିଳିତ ନାଗରିକ କମିଟି ଓ ଜିଲ୍ଲା ସଚେତନ ବରିଷ୍ଠ ନାଗରିକ ସଂଘର ସହାୟତାରେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୨୦୦ ଜଣ ଚିକିତ୍ସିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୮୦ ଜଣ ଚକ୍ଷୁ ସମସ୍ୟା ଥିବା ବ୍ୟକ୍ତି ଉତମ ଚିକିତ୍ସା ପାଇଁ ଚିହ୍ନଟ ହୋଇଥିଲେ । ସେମାନଙ୍କ ମଧ୍ୟରୁ ପ୍ରାୟ ୨୫ ଜଣଙ୍କୁ ସୋନପୁର ଜିଲ୍ଲାର ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲିରେ ଚିକିତ୍ସା ପାଇଁ ଅନୁଷ୍ଠାନର ବସ ଯୋଗେ ମାଗଣା ନିଆଯାଇ ସେଠାରେ ସେମାନଙ୍କର ଚକ୍ଷୁର ଅସ୍ତ୍ରୋପଚାର କରାଯାଇଛି । ୨୨ ତାରିଖ ଦିନ ସଫଳ ଚିକିତ୍ସାପରେ ୨୩ ତାରିଖ ଅପରାହ୍ନ ୩ ଟା ସମୟରେ ସେମାନଙ୍କୁ ସେଠାରୁ ଡିସଚାର୍ଜ କରାଯାଇ ପୁଣି ସେହି ବସ ରେ ଆଜି ନାରାୟଣୀ ଯାତ୍ରା ପଡିଆ ଠାରେ ଆଣି ଛାଡିଛନ୍ତି ହସ୍ପିଟାଲ କର୍ତୃପକ୍ଷ। ସେମାନଙ୍କୁ ସ୍ୱାଗତ କରିବା ପାଇଁ ସ୍ଥାନୀୟ ଅଂଚଳର ଜନସାଧାରଣଙ୍କ ସହ ଜିଲ୍ଲା ବରିଷ୍ଠ ସଚେତନ ନାଗରିକ ସଂଘର ବହୁ କର୍ମକର୍ତା ଉପସ୍ଥିତ ରହି ସ୍ୱାଗତ କରିଥିଲେ । ବରିଷ୍ଟ ନାଗରିକ ସଂଘର ନବିନ କିଶୋର ପଣ୍ଡା, ବ୍ରହ୍ମାନନ୍ଦ ପାଣିଗ୍ରାହୀ, ପିତାମ୍ବର ମିଶ୍ର, ଅମିୟ କୁମାର ଦାସ, ପ୍ରଣବ ମଣ୍ଡଳ, ପ୍ରଶନ୍ନ ପଟ୍ଟନାୟକ, କାଳୀ ଚରଣ ସାହୁ, ରାଜ କିଶୋର ପାଢ଼ୀ, ବିକାଶ ମହାନ୍ତି, ବନ ବିହାରୀ ନନ୍ଦ, ବିନୋଦ ବିହାରୀ ନନ୍ଦ, ଦେବୀ ଶତପଥି ପ୍ରମୁଖ ଓ ମିଳିତ ମଂଚର ଆବାହକ ଅଶୋକ ପରିଡା, ନାରାୟଣ ସାହୁ ଏବଂ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ରହି ରୋଗୀ ମାନଙ୍କୁ ଶୁଖିଲା ଖାଦ୍ୟ ଦେଇ ସ୍ୱାଗତ କରିଥିଲେ। ସୋନପୁର ଜିଲ୍ଲାର ପଣ୍ଡାପାଲି ଠାରେ ଥିବା ମହାନଦୀ ନେତ୍ର ଚିକିତ୍ସାଳୟର କେତେକ କର୍ମଚାରୀ ସେମାନଙ୍କୁ ଆଣି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM



MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray